## ହାଇଦ୍ରାବାଦକୁ ୫ ୱିକେଟରେ ହରାଇଲା ଲକ୍ଷ୍ନୌ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୬୬ ● ୬ ଅପ୍ରେଲ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-66 ● 6th April 2026, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27







### ଷ୍ଟାର ପ୍ରଚାରକ ତାଲିକା ଜାରି କଲା ବିଜେପି

# ପଶ୍ଚିମବଙ୍ଗ ହେଉଛି ଆମର ଶକ୍ତି ପୂଜାର ଭୂମି : ମୋଦୀ

**କୋଲକାତା, ୫।୪**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ନେଇ ସରଗରମ ହେଉଛି ରାଜନୀତି । ନିର୍ବାଚନୀ ପ୍ରଚାର ମୈଦାନରେ ସବୁ ଦଳ ଦମ୍ ଦେଖାଉଛନ୍ତି । ଏହାରି ମଧ୍ୟରେ ଭାରତୀୟ ଜନତା ପାର୍ଟି (ବିଜେପି) ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରିଛି । ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଜେପିର ବହୁ ହେଭିଓ୍ୱେଟ୍ ନାଁ ସାମିଲ ହୋଇଛି । ତାଲିକା ଆସିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପଶ୍ଚିମବଙ୍ଗର କୁଚବିହାରରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି ।



ବିଜେପିର ଷ୍ଟାର ପ୍ରଚାରକମାନଙ୍କ ତାଲିକାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଜେ.ପି ନଡ୍ଡା, ନିତୀନ ଗଡକରୀ, ଧର୍ମେନ୍ଦ୍ର ପ୍ରଧାନ, ଫଡନବୀସ୍, ଶିବରାଜ ସିଂହ ଚୌହାନ, ଯୋଗୀ ଆଦିତ୍ୟନାଥ, ହିମନ୍ତ ବିଶ୍ୱଶର୍ମା, ଅଶ୍ୱିନୀ ବୈଷ୍ଣବ, ମୋହନ ଚରଣ ମାଝୀ ପ୍ରମୁଖ ସାମିଲ ହୋଇଛନ୍ତି ।

ସେହିଭଳି ଇନ୍ଦ୍ରଧନୁ ଅର୍ଜୁନ ମୁଣ୍ଡା, ବାବୁଲାଲ ମାରାଣ୍ଡି, ବିପ୍ଲବ କୁମାର ଦେବ, ମିଥୁନ ଚକ୍ରବର୍ତ୍ତୀ, କଙ୍ଗନା ରଣାଓ୍ୱତ, ହେମା ମାଳିନୀ, ମନୋଜ ତିଓ୍ୱାରୀ, ଲିଆଣ୍ଡର ପେସ୍, ଶୁଭେନ୍ଦୁ ଅଧିକାରୀ, ଦିଲୀପ ଘୋଷ, ସୁକାନ୍ତ ମଜୁମଦାର, ଶାନ୍ତନୁ ଠାକୁର, ଅମିତ ମାଲବ୍ୟଙ୍କ ସମେତ ଅନେକ କେନ୍ଦ୍ରୀୟ ତଥା ରାଜ୍ୟ ସ୍ତରୀୟ ନେତା ମଧ୍ୟ ବେଙ୍ଗଲରେ ପ୍ରଚାର କରିବେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରବିବାର ପଶ୍ଚିମବଙ୍ଗର କୁଚବିହାରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ । ରାଲି ସମୟରେ ସେ କହିଥିଲେ, 'ଆମର ପଶ୍ଚିମବଙ୍ଗ ହେଉଛି ଶକ୍ତି ପୂଜାର ଭୂମି । ମୁଁ ଏଠାରେ ସମସ୍ତ ଭଉଣୀମାନଙ୍କୁ କହିବାକୁ ଚାହୁଁଛି ଯେ ବିଜେପି ଆପଣଙ୍କ ସମ୍ମାନ ଏବଂ ସମୃଦ୍ଧି ପାଇଁ ମଇଦାନରେ ଅଛି । ଯଦି ବିଜେପି କ୍ଷମତାକୁ ଆସେ, *(ପୃଷ୍ଠା ୭ରେ)*

### ଡୋନାଲ୍ଡ ଟ୍ରମ୍ପଙ୍କ ଧମକ

# ମଙ୍ଗଳବାର ଇରାନ୍ ପାଇଁ ଶେଷ ଦିନ !

**ନୂଆଦିଲ୍ଲୀ, ୫।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଇରାନକୁ ୧୦ ଦିନର ସମୟ ଦେଇଥିଲେ । ଏହି ସମୟର ଅବଧି ଧୀରେ ଧୀରେ ଶେଷ ହେବାରେ ଲାଗିଛି । ଏବେ ପୁଣି ଥରେ ଟ୍ରମ୍ପ ଧମକ ଦେଇଛନ୍ତି । ତାଙ୍କର ଏହି ଧମକରେ ଟ୍ରମ୍ପ ନିଜର ଶାଳୀନତା ଭୁଲି ଅପଶବ୍ଦ ପ୍ରୟୋଗ କରିଛନ୍ତି । ସେ ରାଗରେ ଜର୍ଜରିତ ହୋଇ କହିଛନ୍ତି, ଯଦି ଇରାନ ହର୍ମୁଜ ପ୍ରଣାଳୀ ନ ଖୋଲେ ତେବେ ମଙ୍ଗଳବାର ଏହାର ପାଓ୍ୱାର ପ୍ଲାଣ୍ଟ ଓ ପୋଲ ଉପରେ ଆକ୍ରମଣ କରାଯିବ । ଟ୍ରମ୍ପ ଏହି ଦିନକୁ ପାଓ୍ୱାର ପ୍ଲାଣ୍ଟ ଓ ବ୍ରିଜ୍ ଡେ'ର ନାଁ ଦେଇଛନ୍ତି ।

ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ଲେଖିଛନ୍ତି, ମଙ୍ଗଳବାର ଇରାନରେ ପାଓ୍ୱାର ପ୍ଲାଣ୍ଟ ଦିବସ ଏବଂ ପୋଲ ଦିବସ ସହିତ ପାଳନ କରାଯିବ । ଏମିତି କେବେ ପୂର୍ବରୁ ଘଟି ନାହିଁ । ପାଗଳ ଲୋକ ହର୍ମୁଜ ପ୍ରଣାଳୀ ଖୋଲି ଦିଅ ନଚେତ୍ ନର୍କକୁ ଯିବ, ଦେଖି ଚାଲ ! ଆଲ୍ଲାଙ୍କୁ ପ୍ରାର୍ଥନା କର ।



ଟ୍ରମ୍ପ ଏପ୍ରିଲ ୪ ତାରିଖ ରାତିରେ ଇରାନକୁ ମନେ ପକାଇ ଦେଇଥିଲେ ଯେ, କୌଣସି ଏକ ଚୁକ୍ତିନାମାରେ ପହଞ୍ଚିବା ଏବଂ ହର୍ମୁଜ ଖୋଲିବା ପାଇଁ ୧୦ ଦିନର ସମୟ ଦେଇଥିଲି । ସମୟ କ୍ଷିପ୍ର ଗତିରେ ଅତିବାହିତ ହୋଇ ଚାଲିଛି । ୪୮ ଘଣ୍ଟା ପରେ ଆମେରିକା ଇରାନ ଉପରେ ଭୟଙ୍କର ଆକ୍ରମଣ କରିବ ।

ଆମେରିକା ରାଷ୍ଟ୍ରପତି ପୂର୍ବରୁ କହିଥିଲେ ଯେ ଇରାନ ଏହାର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ନ କରିବାକୁ ସାତ *(ପୃଷ୍ଠା ୭ରେ)*

## ଅଟିଜିମ୍ ଥେରାପି ସେଣ୍ଟର ପାଇଁ ଆସିବ ଏସ୍‌ଓପି



**ଭୁବନେଶ୍ୱର, ୫।୪**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଅଟିଜମ୍ ଚିକିତ୍ସା ଓ ଥେରାପି ଖର୍ଚ୍ଚକୁ ବ୍ୟବସ୍ଥିତ ଓ ନିୟନ୍ତ୍ରିତ କରାଯିବ । ଏଥିପାଇଁ ଅଟିଜିମ୍ ଥେରାପି ସେଣ୍ଟରଗୁଡ଼ିକ ପାଇଁ ଆସିବ ଏସ୍‌ଓପି । କମ୍ ଖର୍ଚ୍ଚରେ ଅଟିଜିମ୍ ପିଲାଙ୍କ ଚିକିତ୍ସା ଓ ଥେରାପିର ବ୍ୟବସ୍ଥା ହେବ । ଏଥିସହ ସେମାନଙ୍କ ଅନ୍ତର୍ନିହିତ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦିଆଯିବ ।

ଏନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି । ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ଅଟିଜିମ୍ ପ୍ରଭାବିତ ଛାତ୍ରଛାତ୍ରୀମାନେ ମଧ୍ୟ ସମାନ ଭାଗିଦାର ହେବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ମତ ଦେଇଛନ୍ତି ।

ସୂଚନାଯୋଗ୍ୟ, ଦିନକୁ ଦିନ ଅଟିଜିମ୍ ଆକ୍ରାନ୍ତ ଶିଶୁଙ୍କ ସଂଖ୍ୟା ବଢୁଛି । ସରକାରୀ ବ୍ୟବସ୍ଥା ପର୍ଯ୍ୟାପ୍ତ କେନ୍ଦ୍ର ନଥିବାରୁ ଘରୋଇ ଥେରାପି ସେଣ୍ଟର ଉପରେ ନିର୍ଭର କରୁଛନ୍ତି ଅଭିଭାବକ ।

# ଆଇନ ପ୍ରଣୟନ ହେବା ସତ୍ତ୍ୱେ ବଦଳିନି ସମାଜର ଚିନ୍ତାଧାରା

**ନୂଆଦିଲ୍ଲୀ, ୫।୪**

ଦେଶରେ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ କଠୋର ଆଇନ ପ୍ରଣୟନ କରାଯାଇଛି, କିନ୍ତୁ ପ୍ରକୃତରେ କ'ଣ ପରିସ୍ଥିତି ବଦଳିଛି ? ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ଏକ ଅତ୍ୟନ୍ତ ଗମ୍ଭୀର ଏବଂ କଟୁ ମନ୍ତବ୍ୟ ଦେଇଛନ୍ତି । କୋର୍ଟ ବିଶ୍ୱାସ କରନ୍ତି ଯେ କେବଳ ଆଇନ ପ୍ରଣୟନ କଲେ ମହିଳାମାନଙ୍କ ବିରୁଦ୍ଧରେ ହିଂସା ବନ୍ଦ ହେବ ନାହିଁ, କାରଣ ସମାଜର ମାନସିକତା ସ୍ଥିର ରହିଛି । ଏକ ମାମଲାର ଶୁଣାଣି ସମୟରେ, ସୁପ୍ରିମକୋର୍ଟର ବିଚାରପତି ସଞ୍ଜୟ କାରୋଲ ଏବଂ ଏନ.



କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଥିଲେ ଯେ ଭାରତରେ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ରୋକିବା ପାଇଁ ପର୍ଯ୍ୟାପ୍ତ ଆଇନ ଅଛି । ଏହା ସତ୍ତ୍ୱେ, ହିଂସା ଘଟଣା ହ୍ରାସ ପାଉନାହିଁ । କୋର୍ଟ ତାଙ୍କ ସ୍ତ୍ରୀଙ୍କୁ ଜୀବନ୍ତ ଜାଳି ଦେଇଥିବା ଜଣେ ପୁରୁଷ (ଶଙ୍କର)ଙ୍କ ଆବେଦନକୁ ଖାରଜ କରିବା ପରେ ଏହି ମନ୍ତବ୍ୟ ଦେଇଛନ୍ତି । ନିମ୍ନ ଅଦାଲତ ଏବଂ ହାଇକୋର୍ଟ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଯାହାକୁ ସୁପ୍ରିମକୋର୍ଟ ମଧ୍ୟ ସମର୍ଥନ କରିଥିଲେ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପୀଡିତାଙ୍କ ମୃତ୍ୟୁକାଳୀନ ଘୋଷଣା ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ଏକ ଦୃଢ଼ ଆଧାର । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପ୍ରକୃତ ସମସ୍ୟା "ସାମାଜିକ ମାନସିକତା"ରେ ରହିଛି । *(ପୃଷ୍ଠା ୭ରେ)*

# ସାର ଆଣିବାକୁ ୨୦ ଦେଶ ସହ ଆଲୋଚନା

**ନୂଆଦିଲ୍ଲୀ, ୫।୪**

ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଉତ୍ତେଜନା ପ୍ରଭାବରେ ଦେଶକୁ ସାର ଅଣାଯାଇପାରୁ ନାହିଁ । ଚାଷ ଋତୁ ଦ୍ରୁତ ଗତିରେ ପାଖେଇ ଆସୁଛି । ଆଗକୁ ସାର ଅଭାବ ଦେଖାଦେବାର ଆଶଙ୍କା ରହିଛି । ତାହାକୁ ଏଡ଼ାଇବା ଲାଗି ସରକାର ଏବେଠାରୁ ଉଦ୍ୟମ ଆରମ୍ଭ କରିଛନ୍ତି । ବିଭିନ୍ନ ଦେଶ ସହିତ ସାର କିଣା ନେଇ ଆଲେଚନା ଜାରି ରହିଛି । ମିଳିଥିବା ସୂଚନା ଅନୁସାରେ ୨୦ଟି ଦେଶରେ ଭାରତୀୟ ଦୂତାବାସଗୁଡ଼ିକ ସାର କମ୍ପାନୀ ମାନଙ୍କ ସହ ପୃଥକ ପୃଥକ ବୈଠକରେ ଆଲୋଚନା କରିଛନ୍ତି । ବିଶେଷ କରି



ଏନ୍‌ପିକେ ସାର ଆଣିବାକୁ ଉଦ୍ୟମ କରାଯାଉଛି । ରୁଷ୍, ଇଣ୍ଡୋନେସିଆ ଓ ମରୋକୋ ସହ ଆଲୋଚନା ହୋଇଥିବା ଜଣାପଡ଼ିଛି ।

ଇରାନ ଯୁଦ୍ଧ ପାଇଁ ହର୍ମୁଜ *(ପୃଷ୍ଠା ୭ରେ)*

## ଆସନ୍ତା ୯ ପର୍ଯ୍ୟନ୍ତ କାଳ ବୈଶାଖୀ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୫।୪**
**ନ୍ୟୁଜ୍‌ବ୍ୟୁରୋ**

ପ୍ରବଳ ଖରା ପରେ ବଦଳିବାକୁ ଯାଉଛି ପାଗର ମିଜାଜ୍ । ରବିବାର ଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି । ଗତ କିଛି ଦିନ ହେବ ରାଜ୍ୟର ୩ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ପଶ୍ଚିମରୁ ଉପକୂଳ ପର୍ଯ୍ୟନ୍ତ ସବୁଠାରେ ପ୍ରବଳ ଗରମ ଓ ଗୁଳୁଗୁଳି ଅସ୍ତବ୍ୟସ୍ତ କରିପକାଇଥିଲା । ଗରମରୁ ଖୁବ୍ ଶୀଘ୍ର ଆଶ୍ୱସ୍ତି ମିଳିବାକୁ ଯାଉଛି । ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷାର ପ୍ରଭାବ ଦେଖାଯିବ । ଏହା ସହିତ ଘଡଘଡି ବା ବଜ୍ରପାତ ସମୟରେ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦେଇଛି ପାଣିପାଗ ବିଭାଗ । କାଳବୈଶାଖୀର ପ୍ରଭାବରୁ ୨ ଦିନ ମଧ୍ୟରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ହ୍ରାସ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ଆସନ୍ତା ୨୪ ଘଣ୍ଟାରେ ୨୭ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ କହିଛନ୍ତି । ୩ ଜିଲ୍ଲା ଯଥା: ମୟୂରଭଞ୍ଜ, *(ପୃଷ୍ଠା ୭ରେ)*



# ଭାରତୀୟ ଇଞ୍ଜିନିୟରମାନେ ନିର୍ମାଣ କରୁଛନ୍ତି କୃତ୍ରିମ ସୂର୍ଯ୍ୟ



**ନୂଆଦିଲ୍ଲୀ, ୫।୪**

ବେଙ୍ଗାଲୁରୁରେ ଇଞ୍ଜିନିୟରମାନଙ୍କର ଏକ ଟିମ୍ ଅତ୍ୟନ୍ତ ସାହସିକ କିନ୍ତୁ ଅପାତତଃ ଅସମ୍ଭବ ପ୍ରୟାସ କରୁଛନ୍ତି । ପୃଥିବୀରେ ସୂର୍ଯ୍ୟ ଶକ୍ତିର ନକଲ ନିର୍ମାଣ କରୁଛନ୍ତି । ଏହି ପ୍ରୟାସ ସଫଳ ହେଲେ ସେମାନଙ୍କ କାର୍ଯ୍ୟ ଉର୍ଜ୍ଜା ଉତ୍ପାଦନ କ୍ଷେତ୍ରରେ ଭାରତକୁ ନୂଆ ପରିଚୟ ଦେବ । ସେତିକି ନୁହେଁ, ଏଲ୍‌ପିଜି ସଙ୍କଟ ଓ ଇନ୍ଧନ ମୂଲ୍ୟ ବୃଦ୍ଧି ଭଳି ଦୈନନ୍ଦିନ ବିଷୟ ବି ଅତୀତ ହୋଇଯିବ ।

ବେଙ୍ଗାଲୁରୁ ସ୍ଥିତ ଷ୍ଟାର୍ଟଅପ୍ 'ପ୍ରନୋସ୍ ଫ୍ୟୁଜନ୍' ପରମାଣୁ ଫ୍ୟୁଜନ୍ ବା ମିଶ୍ରଣ ଉପରେ କାମ କରୁଛି । ଏହା ସେହି ପ୍ରକ୍ରିୟା ଯାହା ନକ୍ଷତ୍ରମାନଙ୍କୁ ଶକ୍ତି ପ୍ରଦାନ କରେ । ଜୀବାଶ୍ମ ଇନ୍ଧନ କିମ୍ବା ପାରମ୍ପରିକ ପରମାଣୁ ଶକ୍ତି ଭଳି ଏହା ପରମାଣୁର ଦହନ କିମ୍ବା ବିଭାଜନ ଉପରେ ନିର୍ଭର କରେ ନାହିଁ । ଏହା ପରିବର୍ତ୍ତେ ପ୍ରଚୁର ପରିମାଣର ଉର୍ଜ୍ଜା ଉତ୍ପନ୍ନ ଲାଗି ଏହା ଉଦ୍‌ଯାନ ଭଳି ହାଲୁକା ତତ୍ତ୍ୱକୁ ଫ୍ୟୁଜ୍ କରେ, ଠିକ୍ ଯେମିତି ସୂର୍ଯ୍ୟ ଭିତରେ ହୁଏ । ପ୍ରନୋସ୍ ଫ୍ୟୁଜନ୍‌ର ପ୍ରତିଷ୍ଠାତା ଶୌର୍ଯ୍ୟ କୌଶଲ କହିଛନ୍ତି, ଫ୍ୟୁଜନ୍ *(ପୃଷ୍ଠା ୭ରେ)*

# ଭାରତର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି ୬୩% ବୃଦ୍ଧି

**ନୂଆଦିଲ୍ଲୀ, ୫।୪**

୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ପ୍ରତିରକ୍ଷା ରପ୍ତାନି ସର୍ବକାଳୀନ ସର୍ବାଧିକ ସ୍ତରରେ ପହଞ୍ଚିଛି । ଏହା ବିଶ୍ୱ ଅସ୍ତ୍ରଶସ୍ତ୍ର ବଜାରରେ ଭାରତର ବର୍ଦ୍ଧିତ ଉପସ୍ଥିତିକୁ ସ୍ପଷ୍ଟ କରେ ।

ପ୍ରତିରକ୍ଷା ମନ୍ତ୍ରଣାଳୟର ତଥ୍ୟରୁ ଜଣାପଡ଼ିଛି ଯେ ୨୦୨୫-୨୬ରେ ଭାରତର ପ୍ରତିରକ୍ଷା ରପ୍ତାନି ୩୮,୪୨୪ କୋଟିକୁ ବୃଦ୍ଧି ପାଇଛି । ଏହା ଏପର୍ଯ୍ୟନ୍ତ ରେକର୍ଡ ହୋଇଥିବା ସର୍ବୋଚ୍ଚ ସ୍ତର । ଏହା ୨୦୧୬-୧୭ରେ ୧,୫୨୨ କୋଟି ତୁଳନାରେ ପ୍ରାୟ ୨୫ ଗୁଣ ବୃଦ୍ଧିକୁ ପ୍ରତିନିଧିତ୍ୱ କରେ, ଯାହା ଗତ ଦଶନ୍ଧିରେ ଏହି କ୍ଷେତ୍ରରେ ଦେଖାଯାଇଥିବା ବିଶାଳ ପ୍ରସାରକୁ ଉଲ୍ଲେଖ କରେ ।

ସାମାନ୍ୟ ଉତ୍ଥାନ-ପ୍ରବାହ ସତ୍ତ୍ୱେ ରପ୍ତାନିରେ ଏହି ଊର୍ଦ୍ଧ୍ୱଗାମୀ ଗତି ସ୍ଥିର ଥିବା ପରି ମନେହୁଏ । ୨୦୧୮-୧୯ରେ ପ୍ରତିରକ୍ଷା ରପ୍ତାନି ପ୍ରଥମେ ୧୦,୦୦୦ କୋଟି ଅତିକ୍ରମ କରିଥିଲା । ପରବର୍ତ୍ତୀ ସମୟରେ ଅର୍ଥାତ୍ କୋଭିଡ-୧୯ ମହାମାରୀ ସମୟରେ ସାମାନ୍ୟ ହ୍ରାସ ଘଟିଥିଲା । ତଥାପି, ୨୦୨୧-୨୨ ପରଠାରୁ ରପ୍ତାନି ଦ୍ରୁତ ଅଭିବୃଦ୍ଧି ପାଇଛି । କେବଳ ୨୦୨୩-୨୪ ଏବଂ ୨୦୨୫-୨୬ ମଧ୍ୟରେ ରପ୍ତାନି ୨୧,୦୮୩ କୋଟିରୁ ବୃଦ୍ଧି ପାଇ ୩୮,୪୨୪ କୋଟିରେ ପହଞ୍ଚିଛି । ଏହା ଭାରତରେ ନିର୍ମିତ *(ପୃଷ୍ଠା ୭ରେ)*



## ଏକାଳ ପଖାଳ



ହାଣ୍ଡିରେ ଭାତ ଅଧିକ ଫୁଟିବ
ପୁରିଯିବ କଂସା ଥାଳି
ଜନ ହିତ ପାଇଁ ସର୍କାର ଅଧିକ
ପାଞ୍ଚକେଜି ଦେବେ ଢାଳି
ବିରୋଧୀ ହେଲେଣି ଭାଳି
ଚାଉଳ ବାଣ୍ଟିବା ଯୋଜନାଟା ପୂରା
ପଲିଟିକ୍ସ ଦେଲା ଜାଳି ।

# ଚନ୍ଦ୍ରର ଅଦୃଶ୍ୟ ଅଂଶକୁ ପ୍ରଥମ ଥର ଦେଖାଇଲା ନାସା



**ଓ୍ୱାଶିଂଟନ, ୫।୪**

ଆମେରିକୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥାନ ନାସାଙ୍କ ଆର୍ଟେମିସ-୨ ମିସନ ଇତିହାସ ରଚିଛି । ଚନ୍ଦ୍ର ପରିକ୍ରମା କରୁଥିବା ମହାକାଶଚାରୀମାନେ 'ଓରିଏଣ୍ଟଲ ବେସିନ'ର ଏକ ଖୁବ୍ ସୁନ୍ଦର ଛବି ପଠାଇଛନ୍ତି । ଏହା ପ୍ରଥମ ଥର ଯେତେବେଳେ ମଣିଷ ନିଜ ଆଖିରେ ଚନ୍ଦ୍ର ସେହି ଅଦୃଶ୍ୟ ଭାଗକୁ ଏତେ ପାଖରୁ ଓ ପୂରାପୂରି ଦେଖିବାକୁ ଯାଉଛି । ଏହି ମିସନରେ ୪ ଜଣ ଦୁଃସାହସୀ ଯାତ୍ରୀ ସାମିଲ ଅଛନ୍ତି, ଯେଉଁମାନେ ଦୀର୍ଘ ଦଶନ୍ଧୀ ପରେ ଚନ୍ଦ୍ର ଆଡ଼କୁ ଅଗ୍ରସର ହେଉଛନ୍ତି । ସେମାନଙ୍କ ଏହି ଯାତ୍ରା ନା କେବଳ ବିଜ୍ଞାନ ପାଇଁ ବରଂ ପୂରା ମାନବ ସଭ୍ୟତା ପାଇଁ ଏକ ବଡ଼ ଉପଲବ୍ଧି ।

୧୯୭୨ ମସିହାର ଆପଲୋ ମିସନ ପରେ ମଣିଷ ପ୍ରଥମ ଥର ଆର୍ଟେମିସ ୨ ମିସନ ମାଧ୍ୟମରେ ଚନ୍ଦ୍ରର ଏତେ ନିକଟରେ ପହଞ୍ଚିଛି । ଏହି ମିସନରେ ୪ ଜଣ ମହାକାଶଚାରୀ ଜେରେମୀ ହେନସନ, ଭିକ୍ଟର ଗ୍ଲୋଭର, ରିଡ ଓ୍ୱାଇସମ୍ୟାନ ଓ କ୍ରିଷ୍ଟିନା କୋଚ୍ ଓରିୟନ ସ୍ପେସ୍ କ୍ରାଫ୍‌ଟରେ ଯାତ୍ରା କରୁଛନ୍ତି । ସେମାନଙ୍କ ଏହି ଯାତ୍ରା ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ । ଏହି ମିସନ ଏହା ସାବ୍ୟସ୍ତ କରୁଛି ଯେ ଆମେ ଅନ୍ତରୀକ୍ଷର ଗଭୀରତାକୁ ବୁଝିବା ଲାଗି ଏବେ ପୂର୍ବାପେକ୍ଷା ଅଧିକ ସକ୍ଷମ ।

ଏହି ମିସନ କେବଳ *(ପୃଷ୍ଠା ୭ରେ)*

# ଦେଶର ୧୨ ପ୍ରମୁଖ ବନ୍ଦରରେ ୯୧୫ ନିୟୁତ ଟନ୍ ମାଲ୍ ପରିବହନ

**ନୂଆଦିଲ୍ଲୀ, ୫।୪**

କେନ୍ଦ୍ର ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ଅଧୀନରେ ଥିବା ଦେଶର ପ୍ରମୁଖ ବନ୍ଦରଗୁଡ଼ିକ ୨୦୨୫-୨୬ ଆର୍ଥିକବର୍ଷରେ ମୋଟ ୯୧୫.୧୭ ନିୟୁତ ଟନ୍ ମାଲ୍ ପରିବହନ କରିଛନ୍ତି । ୯୦୪ ନିୟୁତ ଟନ୍ ମାଲ୍ ପରିବହନ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଏହାଠାରୁ ଅଧିକ ମାଲ୍ ପରିବହନ ହୋଇଛି ।

୨୦୨୪-୨୫ ଆର୍ଥିକବର୍ଷ ତୁଳନାରେ ୨୦୨୫-୨୬ରେ ଦେଶର ୧୨ଟି ପ୍ରମୁଖ ବନ୍ଦରଗୁଡ଼ିକରେ ୭.୦୬ ପ୍ରତିଶତ ଅଧିକ ମାଲ୍ ପରିବହନ ହୋଇଛି ବୋଲି ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଦୀନଦୟାଲ ବନ୍ଦର ସର୍ବାଧିକ ୧୬୦.୧୧ ନିୟୁତ ଟନ୍ ମାଲ୍ ପରିବହନ କରିଥିବାବେଳେ ପାରାଦୀପ ବନ୍ଦର ୧୫୬.୪୫ ନିୟୁତ ଏବଂ ଜବାହରଲାଲ ନେହରୁ ବନ୍ଦର ୧୦୨.୦୧ ନିୟୁତ ଟନ୍ ମାଲ୍ ପରିବହନ କରିଛି ।

ସେହିପରି କୋଲକାତା ବନ୍ଦର ୭୦.୮୭ ନିୟୁତ ଟନ୍, ବିଶାଖାପାଟଣା ବନ୍ଦର ୯୧.୧୬ ନିୟୁତ ଟନ୍, କାମରାଜର (ଏନ୍ନୋର) ବନ୍ଦର ୪୯.୦୮ ନିୟୁତ ଟନ୍, ଚେନ୍ନାଇ ବନ୍ଦର ୫୭୯୦୨ ନିୟୁତ ଟନ୍ ଏବଂ ଭି.ଓ. ଚିଦାମ୍ବରନର ବନ୍ଦର ୪୩.୩୧ ନିୟୁତ ଟନ୍, କୋଚିନ ବନ୍ଦର ୩୮.୦୬ ନିୟୁତ ଟନ୍, ନ୍ୟୁ ମାଙ୍ଗାଲୋର ବନ୍ଦର ୫୦.୦୪ ନିୟୁତ ଟନ୍, ମୋରମୁଗାଓ ବନ୍ଦର ୨୧.୦୦ ନିୟୁତ ଟନ୍ ମାଲ୍ ପରିବହନ କରିଛି । ୨୦୨୪-୨୫ ଆର୍ଥିକବର୍ଷ ତୁଳନାରେ ୨୦୨୫-୨୬ରେ ମାଲ୍ ପରିବହନ ଅଭିବୃଦ୍ଧି ଦୃଷ୍ଟିରୁ ମୋରମୁଗାଓ ବନ୍ଦର ସବୁଠୁ ଆଗରେ ରହିଛି ।





# ଅନୁଦାନର ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁନି ପାର୍କ କାର୍ଯ୍ୟ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଅନୁଦାନର ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ପାର୍କ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା ବେଳେ ଉକ୍ତ ପାର୍କକୁ ଯିବା ନିମନ୍ତେ ରାସ୍ତା ନିର୍ମାଣ ପାଇଁ ପୁଣି ଦଶ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ଯାହା ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଖବର ଅନୁସାରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଞ୍ଚାୟତର ବାଲେଶ୍ୱର ଗ୍ରାମରେ ଲୋକଙ୍କ ଅବସର ବିନୋଦନ ପାଇଁ କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠିରୁ ଆର୍ଥିକ ବର୍ଷ ୨୦୨୩-୨୪ରେ ୩୨ଲକ୍ଷ ୧୧ ହଜାର ଅନୁଦାନରେ ଏଗ୍ରିମେଣ୍ଟ କୋଷ୍ଟ ୨୮ଲକ୍ଷ ୬୧ହଜାର ୯୮ ଟଙ୍କା ବ୍ୟୟ ଅଟକଳରେ ଏକ ପାର୍କ ନିର୍ମାଣ ଆରମ୍ଭ କରାଯାଇଛି। କିନ୍ତୁ ଅନୁଦାନର ଦୀର୍ଘ ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ପାର୍କ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା ବେଳେ ବ୍ଲକ ପ୍ରଶାସନ ପ୍ରଥମେ ପାର୍କ କାମ ସମ୍ପୂର୍ଣ୍ଣ ହେବା ଦିଗରେ ଦୃଷ୍ଟି ନ ଦେଇ ଉକ୍ତ ପାର୍କକୁ ରାସ୍ତା ନିର୍ମାଣପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ପୁଣି ଦଶ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି। ଚମ୍ପୁଆ-ତୁରୁମୁଙ୍ଗା ଆରଡ଼ି ରୋଡ଼ ଠାରୁ ବାଲେଶ୍ୱର ଗ୍ରାମରେ ଅଧାପନ୍ତରିଆ ଭାବେ ପଡ଼ିଥିବା ରୁରାଲ ପାର୍କ ପର୍ଯ୍ୟନ୍ତ ଏକ ସିସି ରୋଡ଼ ନିର୍ମାଣ କରା ଯାଉଛି। ସୂଚନା ଫଳକ ଅନୁଯାୟୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଯୋଜନାରୁ ଆର୍ଥିକ ବର୍ଷ ୨୦୨୫-୨୬ ରେ ଅଟକଳ ମୂଲ୍ୟ ଦଶ ଲକ୍ଷ ଟଙ୍କା ଅନୁଦାନ ଦିଆ ଯାଇଥିବା ବେଳେ ଏହାର କାର୍ଯ୍ୟ ଦାୟିତ୍ୱ ଚମ୍ପୁଆ ପଞ୍ଚାୟତ ସମିତି ନେଇଥିବା ଦେଖିବାକୁ ମିଳିଛି। ତେବେ ଲୋକଙ୍କ କହିବା ଅନୁସାରେ ପାର୍କ କାମ ଅଧାପନ୍ତରିଆ ପଡି ରହିଥିବାରୁ ସ୍ଥାନଟି ଅସାମାଜିକ ଲୋକଙ୍କ ଆଡ୍ଡା ପାଲଟିଲାଣି ତଥାପି ବ୍ଲକ ପ୍ରଶାସନର ସେଥି ପ୍ରତି ନିଘା ନାହିଁ। ଅନ୍ୟପଟେ ଉକ୍ତ ଚନ୍ଦ୍ରଶେଖରପୁର ପଞ୍ଚାୟତର ଅନେକ ଗ୍ରାମରେ ରାସ୍ତା ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଲୋକଙ୍କ ଚଳପ୍ରଚଳ ସ୍ଥାନରେ ପ୍ରଥମେ ରାସ୍ତା ନିର୍ମାଣ ନ କରି ଉକ୍ତ ଅଧାପନ୍ତରିଆ ପାର୍କକୁ କାହା ସ୍ୱାର୍ଥରେ ରାସ୍ତା ନିର୍ମାଣ କରାଯାଉଛି ? ଏହି ରାସ୍ତା ଅସାମାଜିକ ଲୋକଙ୍କ ସୁବିଧା ନିମନ୍ତେ କରାଯାଉଛି ନା ଅଧିକାରୀଙ୍କ ପକେଟ ଗରମ କରିବା ନିମନ୍ତେ କରାଯାଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ଅନ୍ୟପଟେ ଉକ୍ତ ରାସ୍ତା କାମ ଅତି ନିମ୍ନମାନର କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ରାସ୍ତା ନିର୍ମାଣ ପୂର୍ବରୁ ସମ୍ପୂର୍ଣ ମାଟି ନ କାଢି କେବଳ ଦୁଇ ପଟରୁ ଲୋକ ଦେଖାଣିଆ ଅଳ୍ପ ମାଟି କାଢି ଦେଇ ପେଭର ବ୍ଲକ ପକା ଯାଉଥିବାରୁ ରାସ୍ତାର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପେଭର ବ୍ଲକ ପକାଇବା ପୂର୍ବରୁ ସମ୍ପୂର୍ଣ୍ଣ ରାସ୍ତାରୁ ମାଟି କାଢି ଢ଼ଳେଇ କାମ ସରିବା ପରେ ବାଲି ପକାଇ ପେଭର ବ୍ଲକ ପକାଇବା ନିୟମ ରହିଥିବା ବେଳେ ଏଠାରେ ମାଟି ନ କାଢି ମେଟାଲ ଢଳେଇ କରିଥିବା ଦେଖିବାକୁ ମିଳିଛି। ଉପର ମାଟି କଢ଼ା ଯାଇ ନ ଥିବାରୁ ରାସ୍ତାଟି ସାଧାରଣ ବର୍ଷାରେ ମଧ୍ୟ ଦବି ଭାଙ୍ଗି ଯିବାର ଭୟ ରହିଛି। ରାସ୍ତା କାମ ସମୟରେ ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଏହିପରି ନିମ୍ନମାନର କାମ କରାଯାଉଥିବା କୁହା ଯାଉଥିବା ବେଳେ ଅନ୍ୟପଟେ ଚମ୍ପୁଆ ବ୍ଲକ ପ୍ରଶାସନ ପକ୍ଷରୁ ଲୋକଙ୍କ ଚଳପ୍ରଚଳ ହେଉ ନ ଥିବା ତଥା ଦୃଷ୍ଟି ଆଢୁଆଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଅନୁଦାନ ପ୍ରଦାନ କରି ଅଧିକାରୀ ଓ ଠିକାଦାରଙ୍କ ସଲାସୁତରାରେ ନିମ୍ନ ମାନର କାମ କରି ପକେଟ ଗରମ କରୁଥିବା କୁହାଯାଉଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଅସହାୟ କରିଦେଲା ବ୍ୟାଧି, ରାଗରେ ଘର ଛାଡ଼ିଗଲେ ସ୍ତ୍ରୀ

# ହ୍ୱିଲ୍ ଚେୟାରରେ ୬ କିମି ଯାତ୍ରା କରି ଥାନାରେ ଗୁହାରୀ କଲେ ଦିବ୍ୟାଙ୍ଗ

**ରାଜଗାଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**



ସ୍ୱାମୀ ରୋଗରେ ପଡ଼ିଥିଲେ ବୋଲି ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଥିଲେ ସ୍ତ୍ରୀ। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଘରକୁ ଫେରି ନଥିଲେ। ଏପଟେ ସ୍ତ୍ରୀକୁ ଝୁରିଝୁରି ଶେଷରେ ଫେରାଇ ଆଣିବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ୫୨ ବର୍ଷୀୟ ଦିବ୍ୟାଙ୍ଗ ସ୍ୱାମୀ। ହ୍ୱିଲ ଚେୟାର ଯୋଗେ ନିଜ ଘରୁ ୬ କିଲୋମିଟର ରାସ୍ତା ଅତିକ୍ରମ କରି ୬ଘଣ୍ଟା ପରେ ଥାନାରେ ପହଞ୍ଚି ଗୁହାରି କରିଛନ୍ତି ସ୍ୱାମୀ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରାଜଗାଙ୍ଗପୁର ଅଞ୍ଚଳରେ।

ଦିବ୍ୟାଙ୍ଗ ଜଣକ ହେଉଛନ୍ତି କେଶ୍ରାମାଲ ପଞ୍ଚାୟତ କୁଞ୍ଜୁଟୋଲି ଅଞ୍ଚଳର ଅସାତୁ ଏକ୍କା। ଅସାତୁ ପ୍ରେମ ବିବାହ କରିଥିଲେ। ହସଖୁସିରେ ଜୀବନ ଠିକ୍ ଚାଲିଥିଲା କିନ୍ତୁ ୪ବର୍ଷ ତଳେ ବାତବ୍ୟାଧି ଯୋଗୁ ବିଛଣାରେ ପଡିଥିଲେ ଅସାତୁ। ବର୍ଷେ କାଳ ବିଛଣାରେ ପଡ଼ି ଚିକିତ୍ସା ପରେ ସାମାନ୍ୟ ଉଠାବସା କରିବାରେ ସକ୍ଷମ ହେଲେ। କିନ୍ତୁ ସେବେଠାରୁ ହ୍ୱିଲ ଚେୟାର ହିଁ ସାହା ଭରସା ସାଜିଛି। କିନ୍ତୁ ବ୍ୟାଧି ଯୋଗୁ ଅସହାୟ ହୋଇ ପଡିବାରୁ ୨ବର୍ଷ ତଳେ ସ୍ତ୍ରୀ ଘର ଛାଡ଼ି କୁତ୍ରା ପଞ୍ଚରା ସ୍ଥିତ ଏକ ସମ୍ପର୍କୀୟ ଘରକୁ ଚାଲିଯାଇଥିଲେ। ଏହା ଭିତରେ ଅସାତୁ ଦୁଇଥର ବୁଝାସୁଝା କରି ସ୍ତ୍ରୀକୁ ଘରକୁ ଫେରାଇ ଆଣିଥିଲେ। ଅନେକ ଦିନ ହେବ ସ୍ତ୍ରୀ ଛାଡ଼ି ଚାଲିଯିବା ପରେ ଆଉ ଫେରିବାକୁ ଅମଙ୍ଗ। ଛୁଆ ପିଲା ନ ଥିବାରୁ ଅସାତୁ ବର୍ତ୍ତମାନ ବଡ଼ ଭାଇଙ୍କ ଉପରେ ନିର୍ଭରଶୀଳ। ବଡ଼ ଭାଇଙ୍କ ମଧ୍ୟ ଦୁଃଖ ଅନେକ। ଆୟ ବୋଲି କିଛି ନାହିଁ। ଏପଟେ ଅସାତୁ ଦିବ୍ୟାଙ୍ଗ ଭତ୍ତା ପାଇଁ ଅନେକଥର ପ୍ରୟାସ କରିଛନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ଭତ୍ତା ମିଳିନାହିଁ।

ସ୍ତ୍ରୀ ଫେରି ଆସିଲେ କିଛିଟା ସହଯୋଗ ମିଳିବ ବୋଲି ଚିନ୍ତା କରି କିଛି ବିସ୍କୁଟ, ପାଣି ବୋତଲ ଧରି ନିଜ ହ୍ୱିଲ ଚେୟାରରେ ଘରୁ ବାହାରି ଥିଲେ ରାଜଗାଙ୍ଗପୁର ଥାନା ଅଭିମୁଖେ ନିଜର ଗୁହାରି ଜଣାଇବାକୁ। ହାତରେ ହ୍ୱିଲ ଚେୟାରକୁ ଗଡ଼ାଇ ଗଡ଼ାଇ ପ୍ରାୟ ଅପରାହ୍ଣ ୩ଟାରେ ରାଜଗାଙ୍ଗପୁରରେ ପହଞ୍ଚି ଥିଲେ। ଦୁର୍ବଳ ଅନୁଭବ କରିବାରୁ ଉକ୍ତ ଦିନ ରାତ୍ରୀରେ ରାଜଗାଙ୍ଗପୁର ବସ୍‌ଷ୍ଟାଣ୍ଡରେ ରାତ୍ରୀଯାପନ କରିଥିଲେ। ପରଦିନ ଥାନାରେ ପହଞ୍ଚି ନିଜର ଗୁହାରୀ ଜଣାଇଥିଲେ। ପ୍ରଶାସନ ଏହି ଅସହାୟଙ୍କୁ ସହାୟ ହୋଇ ଭତ୍ତାଟିଏ ଯୋଗାଇ ଦେଲେ ସେ ଉପକୃତ ହୋଇ ପାରନ୍ତେ ବୋଲି କହିଛନ୍ତି ଅସାତୁ।

# ବୁଣାକାରମାନେ ଦେଉଛନ୍ତି ଆମର ଗର୍ବ ଓ ଗୌରବ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**




ବୁଣାକାରଙ୍କ ଦ୍ୱାରା ବୁଣାଯାଇଥିବା ବସ୍ତ୍ର ସର୍ବଦା ଦେଶ ବିଦେଶରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ହେଉଥିବାରୁ ବୁଣାକାର ମାନେ ହେଉଛନ୍ତି ଆମର ଗର୍ବ ଓ ଗୌରବ। ଯାହା ବର୍ଷ ବର୍ଷ ଧରି ପିଢ଼ି ପରେ ପିଢ଼ି ନିଜ କୌଳିକ କଳାକୁ ବଞ୍ଚେଇ ରଖି ଆସିଛନ୍ତି। ଏହି ଅବସରରେ ବୌଦ୍ଧ ବ୍ଲକ ବହିରା ପଞ୍ଚାୟତ ଅନ୍ତର୍ଗତ କଣ୍ଠା ଗ୍ରାମରେ ଚନ୍ଦ୍ରଚୁଡ଼ ତନ୍ତୁବାୟ ସହଯୋଗ ସମିତି ଦ୍ୱାରା ଆୟୋଜିତ ୪୯ତମ ବାର୍ଷିକ ସାଧାରଣ ସଭାରେ ମତ ପ୍ରକାଶ ପାଇଥିଲା। ସମିତିର ନିର୍ଦ୍ଦେଶକ ଗିରିଶ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ରୂପରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟର ବୟନ ତତ୍ତ୍ୱାବଧାରକ ଦେବେନ୍ଦ୍ର ଭୋଇ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ବୁଣାକାର କେଶବ ମେହେର, ବୈଷୟିକ ସହାୟକ ଅଶୋକ ମେହେର, ସୌମ୍ୟ ରଞ୍ଜନ ସାହୁ ଯୋଗ ଦେଇ ବୁଣାକାରମାନଙ୍କ ଦକ୍ଷତା ଓ ପରମ୍ପରାକୁ ନେଇ ଆଲୋଚନା କରାଯାଇଥିଲା। ବୟନ କଳା ହେଉଛି ଜଣେ ବୁଣାକାରର ପରିଚୟ। ତା'ର ଧୈର୍ଯ୍ୟ ଓ କଠିନ ପରିଶ୍ରମର ଫଳ। ସମିତିର ସମ୍ପାଦକ ରମେଶ ପ୍ରସାଦ ମେହେର ଅତିଥି ମାନଙ୍କ ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସମିତି ଦୀର୍ଘ ୪୯ବର୍ଷ ଧରି ବୁଣାକାରମାନଙ୍କ ସେବାରେ ନିୟୋଜିତ ରହି ଆସିଛି ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବୁଣାକାରଙ୍କ ପାଖରେ କିପରି ପହଞ୍ଚିପାରିବ ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବରିଷ୍ଠ ବୁଣାକାର କେଶବ ମେହେର ଓ ଅତିଥି ମାନଙ୍କୁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବୁଣାକାର ସଭ୍ୟ ନବୀନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷତିଗ୍ରସ୍ତ ଚାଷୀଙ୍କ ଦାବି ଓ ସମସ୍ୟା ବୁଝିଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲ୍ ଅନ୍ତର୍ଗତ ଦଧିପୁର, ବରକନ୍ଦା, ଛେଳାକଣି, ଗୋଜବନ୍ଧ, କୁମାରପଡ଼ା ପ୍ରଭୃତି ତେନ୍ତୁଳିକନ୍ଦା ଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ଚାଷଜମି ଉପରେ ନିମାଳିଗଡ଼ ରିଫେନାରୀ ପାରାଦୀପ କମ୍ପାନୀର ପାଇପ୍ ବିଛାଇବା ମାମଲା କାର୍ଯ୍ୟକୁ ସ୍ଥାନୀୟ ହଜାର ହଜାର ଚାଷୀ ବିରୋଧ କରି ଆସୁଛନ୍ତି।ଏହି ମାମଲାକୁ ସମାଧାନ କରିବା ପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରିରହିଛି। ଶତାଧିକ ଚାଷୀଙ୍କ ସହ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍.ଆର୍.ଆୟାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍.ଆର.ଏଲ କମ୍ପାନୀର ସହକାରୀ ଶାଖା ପରିଚାଳକ ରଞ୍ଜିତ୍ ଖଟୁଆ, ପର୍ଯ୍ୟବେକ୍ଷଣ ଅଧିକାରୀ ସମୀର ସାହୁଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚାଷୀମାନେ କମ୍ପାନୀ ଆଗରେ ସେମାନଙ୍କର ଦାବି ଉପସ୍ଥାପନ କରିଛନ୍ତି। ଏହି ଦାବିଗୁଡିକ ହେଲା କ୍ଷତିଗ୍ରସ୍ତ ଚାଷୀମାନେ କ୍ଷତିପୂରଣ ବାବଦ ଡିସିମିଲ୍ ପ୍ରତି ୮୦ ହଜାର ଟଙ୍କା, ଚାଷୀଙ୍କର ଯେଉଁ ଜମି ଏନ୍.ଆର୍.ଏଲ୍ କମ୍ପାନୀକୁ ଯିବ ତାଙ୍କ ପରିବାର ଜଣେ ସଦସ୍ୟଙ୍କୁ କମ୍ପାନୀରେ ଚାକିରି, ଏନ୍.ଆର୍.ଏଲ୍ କମ୍ପାନୀର ଗ୍ୟାସ୍ ପାଇପ୍ ଚାଷଜମି ମଝିରେ ନ ନେଇ ହିଡ଼ ପାଖରେ ନେବାକୁ ଉକ୍ତ ବୈଠକରେ ଚାଷୀମାନେ କମ୍ପାନୀର କର୍ମକର୍ତ୍ତାଙ୍କ ନିକଟରେ ଦାବି ରଖିଛନ୍ତି। ଏହି ଆଲୋଚନାରେ ଏନ୍‌ଆର୍ କମ୍ପାନୀ ବରକନ୍ଦା ଓ ମଙ୍ଗଳପୁର ଦୁଇଟି ପଞ୍ଚାୟତକୁ ପୋଷ୍ୟ ପଞ୍ଚାୟତ ରୂପେ ଗ୍ରହଣ କରିବା, ଏହି ଦୁଇଟି ପଞ୍ଚାୟତରେ ସିଏସ୍.ଆର୍ ପାଣ୍ଠିରୁ ବାତ୍ୟା ଆଶ୍ରୟସ୍ଥଳୀ, କମ୍ୟୁନିଟି ହଲ୍ ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ଆଲୋଚନା ସମୟରେ ନୁମାଇଲ୍ ଗଡ କୃଷକ ଏକତାମଂଚ ସଭାପତି ଶଶୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଅଙ୍କୁର ପଲ୍ଲାଇ, ଅଙ୍କୁର ପଲ୍ଲାଇ, ଅଲେଖ ରାଉତ, ପ୍ରକାଶରାଉତ, ଦୈତାରୀ ରାଉଳ, ବିକାଶସେଠୀ, ସଂତୋଷ ରାଉତ, ଦୀପକ ରାଉତ ପ୍ରମୁଖ ଉପସ୍ଥିତରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାଲୁଙ୍କେଶ୍ୱର ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**



ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧିନ ସାନ କେଶରପୁରସ୍ଥିତ ବାଲୁଙ୍କେଶ୍ୱର ନୋଡ଼ାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୪ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପଲତା ଖୁଣ୍ଟିଆଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନପଙ୍ଗ ସରପଞ୍ଚ ମମତା ମଲ୍ଲିକ, ସିଆରସିସି ଦୀପକ କୁମାର ପୃଷ୍ଟି, ନାରାୟଣ ରାଉତ, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ପୀତବାସ ସାହୁ, ପରିଚାଳନା କମିଟି ସଭାପତି ମଙ୍ଗୁ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ସମ୍ପର୍କରେ ଆଲୋଚନା କରି ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନେବାକୁ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ କ୍ରୀଡ଼ା, ବକ୍ତୃତା, ସଂଗୀତ, ନୃତ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ନିର୍ମଳ କୁମାର ନାୟକ, ମିନତୀ ସିଂ, ଜ୍ଞାନ ରଞ୍ଜନ ତିୱାରୀ, ପୁରାତନ ଛାତ୍ରୀ ଲକ୍ଷ୍ମୀପ୍ରିୟା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରଚାଳନା କମିଟିର ସଦସ୍ୟ ସଦସ୍ୟାବୃନ୍ଦ, ଅଭିଭାବକ, ଗ୍ରାମର ବିଶିଷ୍ଟ ବ୍ୟକ୍ତି ବିଶେଷ ଏଥିରେ ଯୋଗ ଦେଇଥିଲେ।

# ମରାମତି ଅଭାବରୁ ପ୍ଲାଣ୍ଟ ରାସ୍ତା ବିପଦଜନକ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଉପରରାଇଗୋଡ଼ା ପଞ୍ଚାୟତ ଅଧିନରେ ଥିବା ଅଁରା ଶ୍ରୀ ମେଟାଲିକ୍ ପ୍ଲାଣ୍ଟ ରାସ୍ତା ମରାମତି ହେଉ ନଥିବାରୁ ରାସ୍ତାଟିର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇ ବିପଦ ଜନକ ଅବସ୍ଥାରେ ପହଞ୍ଚି ଥିବାର ଜଣାପଡ଼ିଛି। ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଉକ୍ତ ଅଁରା ଶ୍ରୀ ମେଟାଲିକ ପ୍ଲାଣ୍ଟ ରାସ୍ତାଟି ରାଇସୁଆଁ ଅଞ୍ଚଳକୁ ସଂଯୋଗ କରୁଥିବାବେଳେ ଏହି ରାସ୍ତା ରେ ଦୈନିକ ହାଇୱା, ଲାଇନ ଟ୍ରକ୍ ସମେତ ଅନ୍ୟାନ୍ୟ ଛୋଟ ବଡ଼ ଯାନ ଚଳାଚଳ କରୁଥିଲେ ହେଁ ରାସ୍ତାଟିର ମରାମତି କରାଯାଉ ନଥିବାରୁ ଉକ୍ତ ରାସ୍ତାଟି ଦିନକୁ ଦିନ କଦର୍ଯ୍ୟମୟ ହୋଇପଡ଼ିଛି ଏବଂ ଉପର ଭାଗରେ ଏକ ପୋଲ ନିର୍ମାଣ କରାଯାଉ ଥିବା ଦୃଷ୍ଟିରୁ ଏହି ରାସ୍ତାଟିର ନିର୍ମାଣ ନିତ୍ୟାନ୍ତ ଜରୁରୀ ହୋଇଥିଲେ ହେଁ ରାସ୍ତା ନିର୍ମାଣ ପ୍ରତି ଦୃଷ୍ଟି ଦିଆ ଯାଉ ନଥିବାରୁ ଉକ୍ତ ଅଞ୍ଚଳ ସମେତ ଆଖ ପାଖ ଅଞ୍ଚଳର ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାର ସ୍ଥାନୀୟ ଅଞ୍ଚଳ ଯୁବକ ପଙ୍କଜ ବାରିକ ଅଭିଯୋଗ କରିଥିବାର ଜଣାପଡ଼ିଛି। ତେଣୁ ଉକ୍ତ ରାସ୍ତାଟିର ନିର୍ମାଣ ପ୍ରତି ସରକାର ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି।

# ଶତ୍ରୁଘ୍ନ ରାଉତ ପାଲଟିଛନ୍ତି ଧାମନଗର ମାଟିର ଅପରିହାର୍ଯ୍ୟ ବ୍ୟକ୍ତିତ୍ୱ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘ ତିନି ଦଶନ୍ଧିର ଅଭୁଲା ସ୍ମୃତି ଓ କର୍ତ୍ତବ୍ୟନିଷ୍ଠାର ସନ୍ତକ ଛାଡ଼ି ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି ଧାମନଗର ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସଂଗ୍ରହ କର୍ମଚାରୀ ଶତ୍ରୁଘ୍ନ ରାଉତ। ବାଲେଶ୍ୱର ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ହେଁ, ଭଦ୍ରକ ଜିଲ୍ଲାର ଧାମନଗର ମାଟିକୁ ସେ ନିଜର କର୍ମଭୂମି ଭାବେ ଆଦରି ନେଇଥିଲେ। ଦୀର୍ଘ ୩୦ ବର୍ଷର ଏହି ନିରନ୍ତର ସେବା ମଧ୍ୟରେ ସେ ଧାମନଗରର ପାଣିପବନ ସହ ନିଜକୁ ଏପରି ମିଶାଇ ଦେଇଥିଲେ ଯେ, ସେ ଆଜି ଏହି ଅଞ୍ଚଳର ଜଣେ ଅପରିହାର୍ଯ୍ୟ ବ୍ୟକ୍ତିତ୍ୱ ପାଲଟିଛନ୍ତି। ତହସିଲ କାର୍ଯ୍ୟାଳୟକୁ ଆସୁଥିବା ଯେକୌଣସି ନୂତନ ତହସିଲଦାରଙ୍କ ପାଇଁ ଶତ୍ରୁରା ବାବୁ ଥିଲେ ପ୍ରଥମ ପରାମର୍ଶଦାତା। ଅଞ୍ଚଳର କେଉଁ ଜାଗା ସମ୍ବେଦନଶୀଳ, କେଉଁଠି ମାଜିଷ୍ଟ୍ରେଟ୍ କି ପଦକ୍ଷେପ ନେବେ ଏବଂ ତହସିଲର କେଉଁ ସୀମା କେଉଁଠି ଶେଷ ହେଉଛି- ଏସବୁର ନଖଦର୍ପଣ ତାଙ୍କ ପାଖରେ ରହୁଥିଲା। ସେ କେବଳ ଜଣେ ସରକାରୀ କର୍ମଚାରୀ ନଥିଲେ, ବରଂ ଜନସାଧାରଣଙ୍କ ପାଇଁ ଜଣେ ସାହାଯ୍ୟକାରୀ ବନ୍ଧୁ ମଧ୍ୟ ଥିଲେ। ଅଫିସକୁ ଆସୁଥିବା ସାଧାରଣ ଲୋକଙ୍କୁ କେଉଁ କୋଠରିରେ କି କାମ ହେବ, ତାହା ସେ ଅତି ସହଜରେ ବୁଝାଇ ଦେଉଥିଲେ।ଦରମା ପଇସାରେ କେବଳ ନିଜ ପରିବାର ପ୍ରତିପୋଷଣ ନୁହେଁ, ବରଂ ସେଥିରୁ ଏକ ବଡ଼ ଅଂଶ ସେ ଜନସେବାରେ ବିନିଯୋଗ କରୁଥିଲେ। ପ୍ରତିଦିନ ଅଫିସ କାମ ସରିବା ପରେ ଶ୍ରୀରାମ ଆଶ୍ରମରେ ପହଞ୍ଚି ବୁଲା କୁକୁର ଓ ଗାଈମାନଙ୍କୁ ବିସ୍କୁଟ କିମ୍ବା ପାଉଁରୁଟି ଖାଇବାକୁ ଦେବା ତାଙ୍କର ଏକ ନିତିଦିନିଆ ଅଭ୍ୟାସ ଥିଲା। ତାଙ୍କର ଏହି ନିଃସ୍ୱାର୍ଥପର ସେବା ମନୋଭାବ ତାଙ୍କୁ ସମସ୍ତଙ୍କର ପ୍ରିୟପାତ୍ର କରିପାରିଛି। ତାଙ୍କର ଅବସର କାଳୀନ ସମୟରେ ତହସିଲ ପରିସରରେ ଏକ ଭାବପୂର୍ଣ୍ଣ ବିଦାୟ ସଭାର ଆୟୋଜନ କରାଯାଇଥିଲା। ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଅତିରିକ୍ତ ତହସିଲଦାର ସାଇ ସିଲୋନା ଓ ପଲ୍ଲିଭାରତ ମହାଳିକ ତାଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ତହସିଲଦାର ବସନ୍ତ ଲେଙ୍କା ମଧ୍ୟ ଏହି ଅବସରରେ ଉପସ୍ଥିତ ରହି ଶତ୍ରୁଘ୍ନ ରାଉତଙ୍କ କର୍ତ୍ତବ୍ୟନିଷ୍ଠାର ଭୂୟସୀ ପ୍ରଶଂସା କରିଥିଲେ। ଧାମନଗରରେ ନିଜର ପିଲାମାନଙ୍କୁ ପାଠ ପଢ଼ାଇବା ସହ ଏହି ମାଟିରେ ହିଁ ନିଜ ଝିଅର ବିବାହ କରିଥିବା ଶତ୍ରୁଘ୍ନ ଅବସର ନେବା ବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ। ସହକର୍ମୀ ଓ ଅଞ୍ଚଳବାସୀ ତାଙ୍କର ସୁସ୍ଥ ଓ ଦୀର୍ଘ ନିରାମୟ ଜୀବନ କାମନା କରି ବିଦାୟ ଦେଇଛନ୍ତି।

# ନାଟକ ଓ ଲୋକକଳା ହେଉଛି ଆମ ସମାଜର ଦର୍ପଣ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**




ବୌଦ୍ଧ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ବାଉଁସୁଣୀ ସାଂସ୍କୃତିକ ପରିଷଦ' ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ଅବସରରେ ଦ୍ୱିତୀୟ ନାଟକ ଓ ଲୋକକଳା ମହୋତ୍ସବ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବୌଦ୍ଧିକ ମଣ୍ଡପ ପରିସରରେ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ପରିଷଦର ସଭାପତି ସୁଶାନ୍ତ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା' ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନାଟକ ଓ ଲୋକକଳା ହେଉଛି ଆମ ସମାଜର ଦର୍ପଣ ଏବଂ ସଂସ୍କୃତିର ମୂଳଦୁଆ। କଳାକାରମାନଙ୍କ ନିଷ୍ଠା ଏବଂ ସାଂସ୍କୃତିକ ପରିଷଦର ଏହି ପ୍ରୟାସ ପ୍ରଶଂସନୀୟ। ଓଡ଼ିଆ କଳା, ସଂସ୍କୃତି ଓ ନାଟକର ଉନ୍ନତି ପାଇଁ ମୋର ସହଯୋଗ ସର୍ବଦା ଜାରି ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗଦେଇ ଗ୍ରାମାଞ୍ଚଳରେ ନାଟକର ପ୍ରଚାର ପ୍ରସାର କ୍ଷେତ୍ରରେ ପରିଷଦର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦଧିବାମନ ରଣା ଭାରତ ବର୍ଷର ଗାଁ ଗୁଡିକୁ ନାଟକ କିପରି ଏକତା ସୂତ୍ରରେ ବାନ୍ଧି ଶାନ୍ତି ସ୍ଥାପନା ତଥା ସଂସ୍କାର ଆଣିବାରେ ସହଯୋଗ କରିଥିଲା ଏନେଇ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ନାଟ୍ୟକାର ରାଜେନ୍ଦ୍ର ମିଶ୍ର ଯୋଗଦେଇ ବିଶ୍ୱ ନାଟ୍ୟ ଦିବସର ମହତ୍ତ୍ୱ ଓ ନାଟ୍ୟ କଳାର ଉତ୍ତରୋତ୍ତର ଉନ୍ନତି ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କଳା ଓ ସଂସ୍କୃତି ପ୍ରତି ଅବଦାନ ପାଇଁ ତିନିଜଣ ବିଶିଷ୍ଟ ନାଟ୍ୟ ସମ୍ମାନ ହରିହର ପ୍ରଧାନ, କରୁଣାକର ଘଣ୍ଟୁଆଲ ଏବଂ ନାରାୟଣ ଦେହୁରୀଙ୍କୁ 'ବାଉଁସୁଣୀ ନାଟ୍ୟ ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ସୋନପୁର ଜିଲ୍ଲା ବଡ଼କଲ୍‌ଲେ ସ୍ଥିତ 'ବୀଣାପାଣି ସାହିତ୍ୟ କଳା ସଂସଦ' ପକ୍ଷରୁ ପରିବେଷିତ ନାଟକ 'ବଳଦ'। ଏହା ସହିତ ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯାଇ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୁଷ୍ଠାନର ସମ୍ପାଦକ ସୀତାକାନ୍ତ ସିଂହ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ବରିଷ୍ଠ ସଦସ୍ୟ ପ୍ରବୀଣ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ସରକାରୀ ପଲିଟେକ୍‌ନିକ କଲେଜ ଠାରୁ ଜାତୀୟ ରାଜପଥ ଯାଏ ଆଲୋକୀକରଣ ଦାବି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବ୍ଲକ ରାଣ୍ଡାପାଲ୍ଲି ଠାରେ ଥିବା ସରକାରୀ ପଲିଟେକ୍‌ନିକ କଲେଜ ଠାରୁ ଜାତୀୟ ରାଜପଥ ଯାଏ ବିଦ୍ୟୁତ କରଣ କରିବାକୁ ଦାବି ହୋଇଛି। ଏନେଇ ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ସମାଜସେବୀ ବି. ହରିରାଓ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ବ୍ଲକ ରାଣ୍ଡାପାଲ୍ଲି ଠାରେ ଥିବା ସରକାରୀ ପଲିଟେକ୍‌ନିକ କଲେଜରେ ସାରା ରାଜ୍ୟର ଅନେକ ଜିଲ୍ଲାରୁ ଏଠାରେ ପାଠ ପଢୁଛନ୍ତି। କଲେଜ ଠାରୁ ବିଜେ ୨ ଛକ ଦେଇ ଜାତୀୟ ରାଜ ପଥ ଯାଏ ଆଲୋକର ସୁବ୍ୟବସ୍ଥା ନାହିଁ। କଲେଜ ଛୁଟି ହୋଇ ଫେରିବାବେଳକୁ ପ୍ରାୟ ସନ୍ଧ୍ୟା ହେଉଛି। ତେଣୁ ଏହି ରାସ୍ତାରେ ଆଲୋକିକରଣ ବ୍ୟବସ୍ଥା ଆବଶ୍ୟକତା ହୋଇଛି। ଏହି ଗୁରୁତର ସହ ଦାବି ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ବିଡିଓ ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି।

# ପଦୋନ୍ନତି ପ୍ରସଙ୍ଗ ନେଇ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତିବାଦ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଅର୍ଡର ନପାଇବା ପର୍ଯ୍ୟନ୍ତ ଆମେ ଉଠିବୁନି। କାଉନସେଲିଂ ପାଇଁ ଡାକି ମନା କରିବାରୁ ୫୭ ଜଣ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତି ପ୍ରସଙ୍ଗରେ ପ୍ରତିବାଦ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏସି)ରେ କାର୍ଯ୍ୟରତ ୪୭ ଜଣ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ପଦୋନ୍ନତି ନେଇ କାଉନସେଲିଂ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଓ ଆଣ୍ଡ ପିଏଚ୍‌ଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି କରାଯାଇ ଡକାଯାଇଥିଲା। ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ୍ଲିଏରାନ୍ସ ଆସି ନ ଥିବା ଦର୍ଶାଇ ହଠାତ୍ କାଉନସେଲିଂ ବନ୍ଦ କରାଯିବାକୁ ନେଇ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଆନ୍ଧ୍ରମୁହାଁ ଗ୍ରାମବାସୀ : ଓଡ଼ିଶା ମାନଚିତ୍ରରୁ ହଜିଯିବ କି ଗୁଡ଼ିଖୁଡି ଗ୍ରାମ !

**ରାୟଗଡ଼, ନ୍ୟୁଜ୍‌ବ୍ୟୁରୋ**



ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବହୁ ବାଧାବିଘ୍ନ ସହି ଅସଂଖ୍ୟ ପୂର୍ବସୁରି ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଏହି ମହାନ କାର୍ଯ୍ୟକୁ ଗତିଶୀଳ କରିବା ପାଇଁ ସେବେକାର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏହାର ପୁରୋଧା ସାଜିଥିଲେ। ହେଲେ ଆଜି ସେହି ସ୍ୱତନ୍ତ୍ର ପ୍ରଦେଶର ଅସ୍ତିତ୍ୱ ବଞ୍ଚାଇବାକୁ ଅନେକ ସଂଘର୍ଷ, ବାଦ-ପ୍ରତିବାଦ ଦେଇ ଗତି କରୁଛନ୍ତି ମହେନ୍ଦ୍ରଗିରିର ପାଦଦେଶରେ ଅବସ୍ଥିତ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧିନ ଗଙ୍ଗାବାଡ଼ ପଞ୍ଚାୟତବାସୀ। ସ୍ୱତନ୍ତ୍ର ପ୍ରଦେଶ ଗଠନର ଦୀର୍ଘ ନବେ ବର୍ଷ ଅତିକ୍ରମ କରିସାରିଥିଲେ ମଧ୍ୟ ସ୍ଥାନୀୟ ପଞ୍ଚାୟତବାସୀ ନିଜ ପରିଚୟ, ପରମ୍ପରା, ସଂସ୍କୃତି ଓ ଅସ୍ତିତ୍ୱକୁ ଖୋଜି ପାଇପାରୁନାହାନ୍ତି। ବିଭିନ୍ନ ସମୟରେ ଏଠାକାର ସୀମା ନିର୍ଦ୍ଧାରଣ , ଶିକ୍ଷା, ସ୍ୱାସ୍ଥ୍ୟ ସେବା, ପର୍ବପର୍ବାଣୀ ଆଦିକୁ ନେଇ ମଧ୍ୟ ଅନେକ ଥର କେଉଁଠି ନା କେଉଁଠି ବିବାଦ ମୁଣ୍ଡ ଟେକୁଥିବା ନଜିର ରହିଛି।

ଉକ୍ତ ପଞ୍ଚାୟତ ୧୯୭୩ ମସିହାରେ ଅବିଭକ୍ତ କଇଁପୁର ପଞ୍ଚାୟତରୁ ଅଲଗା ହୋଇ ସମୁଦାୟ ୨୩ ଛୋଟ ବଡ଼ ଗ୍ରାମକୁ ନେଇ ସ୍ୱତନ୍ତ୍ର ଭାବେ ଗଙ୍ଗାବାଡ଼ ପଞ୍ଚାୟତ ଗଠନ ହୋଇଥିଲା। ଏହି ପଞ୍ଚାୟତର ଶତ ପ୍ରତିଶତ ଲୋକ ଆଦିବାସୀ ସମ୍ପ୍ରଦାୟର ହୋଇଥିବାବେଳେ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଏହାର ଅବସ୍ଥିତି। ନୂଆ ପଞ୍ଚାୟତ ଗଠନ ହୋଇସାରିଥିଲେ ମଧ୍ୟ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଭଳି ଅନେକ ଭିତ୍ତିଭୂମିର ଅଭାବ ରହିଛି। ତେବେ ଏହି ପଞ୍ଚାୟତର ପିଲାଙ୍କ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାତଟି ସ୍କୁଲ ଖୋଲାଯାଇଛି। ଏହି ସ୍କୁଲମାନଙ୍କରେ ୩୬୦ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ପୂର୍ବରୁ ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ଆନ୍ଧ୍ରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଉଥିଲେ। ଶେଷରେ ପ୍ରଶାସନର ଉଦ୍ୟମ ଫଳରେ ବର୍ତ୍ତମାନ ସେହି ଛାତ୍ରଛାତ୍ରୀଙ୍କୁ ପୁଣି ନିଜ ଗ୍ରାମରେ ଥିବା ସ୍କୁଲମାନଙ୍କରେ ପାଠ ପଢୁଥିବା ଦେଖାଯାଉଛି। କିନ୍ତୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା କହିଲେ ସେମାନଙ୍କୁ ଆଜି ବି ଆନ୍ଧ୍ର ମେଡିକାଲ ଏକମାତ୍ର ଭରସା ପାଲଟିଛି।

ସେହିପରି ସବୁଠୁ ବଡ଼ ସମସ୍ୟା ଭାବେ ଆନ୍ଧ୍ର-ଓଡ଼ିଶା ସୀମା ବିବାଦ ସ୍ଥାନୀୟ ଜନସାଧାରଣ ଏବଂ ପ୍ରଶାସନକୁ ଚିନ୍ତାରେ ପକାଇଦେଇଛି। ଉକ୍ତ ପଞ୍ଚାୟତର ପ୍ରତ୍ୟେକ ପରିବାରକୁ ଓଡ଼ିଶା ସରକାରଙ୍କ ଯୋଜନା ମାଧ୍ୟମରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଥିଲେ ମଧ୍ୟ କେତେକ ଆନ୍ଧ୍ର ସରକାରଙ୍କ ଯୋଜନାଗୁଡ଼ିକ ମଧ୍ୟ ଉପଲବ୍ଧ ହେଉଅଛି। ଯାହାଫଳରେ ଉପୋରକ୍ତ ସୁବିଧା ହାତଉଥିବା ପରିବାର ଓ ବସ୍ତିକୁ ନିଜର ବୋଲି ଆନ୍ଧ୍ର ଦାବି କରୁଛି। ଯେପରିକି ଏହି ପଞ୍ଚାୟତର ବହୁ ଚର୍ଚ୍ଚିତ ଗୁଡିଖୁଡି ଗ୍ରାମ। ଏଠାରେ ୩୪ ପରିବାରର ୧୩୭ ଲୋକ ବସବାସ କରିଆସୁଛନ୍ତି। ଉକ୍ତ ଗ୍ରାମ ଦୁଇଟି ରାଜ୍ୟର ତିନୋଟି ନାମରେ ନାମିତ ହୋଇଛି। ଫଳରେ ଉକ୍ତ ଗ୍ରାମକୁ ଓଡ଼ିଶାର ଗଜପତି, ଗଞ୍ଜାମ ଏବଂ ଆନ୍ଧ୍ରର ଶ୍ରୀକାକୁଳମ ଜିଲ୍ଲାର ଅଂଶବିଶେଷ ଗ୍ରାମ ବୋଲି ସେମାନେ ଦାବି କରୁଥିବାବେଳେ ଏଯାଏଁ କିନ୍ତୁ ଉକ୍ତ ଗ୍ରାମ କାହାର, ତାହା ଓଡ଼ିଶା ସରକାର ସ୍ପଷ୍ଟ କରିପାରିଲା ନାହିଁ। ଏହାରି ଭିତରେ ଗୁଡ଼ିଖୁଡି ଗ୍ରାମବାସୀ ଆନ୍ଧ୍ର ପ୍ରତି ଆଶକ୍ତ ରହିଥିବା ଦେଖିବାକୁ ମିଳୁଛି। ଉକ୍ତ ଗ୍ରାମରେ ଆନ୍ଧ୍ରର ପ୍ରଭାବ ମଧ୍ୟ ଅଧିକ ରହିଥିବା ପରିଲକ୍ଷିତ ହେଉଛି। ଏହି ଗ୍ରାମ ଗଜପତି ଜିଲ୍ଲା ରେକର୍ଡ ଅନୁଯାୟୀ ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ଗୁଡ଼ିଖୁଡି, ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ବୁରାତାଳ ପଞ୍ଚାୟତର ଅବଣ୍ଡିଆ ଏବଂ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ମଞ୍ଜୁଷା ମଣ୍ଡଳ ଅଧିନ ବୁଡାରସିଂ ପଞ୍ଚାୟତର ଗୁଡିଖୋଳା ଗ୍ରାମ ଭାବେ ଉଲ୍ଲେଖ ରହିଛି। ଏହି ଗ୍ରାମର ଜଣେ ମହିଳା ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧିନ ବାସଗୃହଠାରେ ପାତ୍ରପୁର ବ୍ଲକ ବୁରାତାଳ ପଞ୍ଚାୟତ ଅଧିବାସୀ ଭାବେ ଫଳକରେ ଉଲ୍ଲେଖ ରହିଛି। ସେହିଭଳି ଉକ୍ତ ଗୁଡିଖୁଡି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ଗଜପତି ଜିଲ୍ଲା ଅଧିନରେ କାର୍ଯ୍ୟ କରୁଥିବା କେନ୍ଦ୍ରର ନାମଫଳକରୁ ସ୍ପଷ୍ଟ ହେଉଥିବାବେଳେ ଠିକ ସେହି ଗ୍ରାମର ଅନେକ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଫଳକରେ ଆନ୍ଧ୍ରପ୍ରଦେଶ ଅଧିବାସୀ ଭାବେ ଉଲ୍ଲେଖ କରାଯାଇଛି। ଏପରି ସ୍ଥଳେ ଗୁଡିଖୁଡି - ଗୁଡ଼ିଖୋଳା - ଅବଣ୍ଡିଆ ଏଭଳି ଭ୍ରମାତ୍ମକ ଗୋଟିଏ ଗ୍ରାମ ତିନୋଟି ନାମ କେଉଁ ରାଜ୍ୟ ଓ ଜିଲ୍ଲାର ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଉକ୍ତ ପଞ୍ଚାୟତର ବିଦ୍ୟୁତ ସେବା ଠାରୁ ଆରମ୍ଭ କରି ଆବାସିକ ଯୋଜନା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଆଦି ପ୍ରାୟ ସମସ୍ତ ସୁବିଧା ଆନ୍ଧ୍ର ସରକାର ଯୋଗାଉଥିବା ବେଳେ ଲୋକଙ୍କୁ ଆଧାର କାର୍ଡ, ରାସନ କାର୍ଡ ମଧ୍ୟ ଆନ୍ଧ୍ର ପ୍ରଦାନ କରିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଆଧାର ଓ ରାସନ କାର୍ଡକୁ ବ୍ୟବହାର ନକରି ଲୋକେ ଆନ୍ଧ୍ର ଆଧାର ଓ ରାସନ କାର୍ଡ ଆଦି ପ୍ରସ୍ତୁତ କରି ସେଠାକାର ସରକାରୀ ସୁବିଧା ପାଉଥିବା ଜଣାପଡ଼ିଛି। ଏପଟେ ରାୟଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ପାନୀୟଜଳ ଯୋଗାଣ, ବ୍ରିଜ ନିର୍ମାଣ, ଭତ୍ତା, ରାସ୍ତଘାଟ ଆଦି ଯୋଗାଇ ଦିଆଯାଉଥିବା ବେଳେ ପ୍ରାୟ ୨୪ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନା ପ୍ରଦାନ କରାଯାଇଥିଲା। ତେବେ ଗ୍ରାମବାସୀ ଏହାକୁ ଗ୍ରହଣ ନକରି ଆନ୍ଧ୍ରର ଆବାସ ଯୋଜନା ହାତେଇଥିବା ସରପଞ୍ଚ ହରିବନ୍ଧୁ କାର୍ଜି ଅଭିଯୋଗ କରିଛନ୍ତି କ୍ଷ ପାତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ୨୦୨୫ ମସିହାରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ କରକମଳରେ ଗୁଡ଼ିଖୋଳା ଠାରୁ ବିଲୁଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ରାସ୍ତା ନିର୍ମାଣ କାର୍ଯ୍ୟ ସହ କେତକ ପରିବାରକୁ ମଧ୍ୟ ଆବାସ ଯୋଜନା ପ୍ରଦାନ କରିଥିବା ଜଣାପଡ଼ିଛି।

ଏହି ଗ୍ରାମର ପ୍ରାୟତଃ ପରିବାର ନିକଟରେ ଉଭୟ ରାଜ୍ୟର ବିଭିନ୍ନ କାର୍ଡ ରହିଛି। ଆନ୍ଧ୍ର ଓ ଓଡ଼ିଶା ସରକାର ତଥା ପ୍ରଶାସନ ଆସି ଏଠାରେ ସୁବିଧା ଦେଉଛନ୍ତି, ତା'ର ଲାଭ ଉଠାଉଛନ୍ତି ଗ୍ରାମବାସୀ। ଗଙ୍ଗାବାଡ଼ ପଞ୍ଚାୟତର ଏଭଳି ପରିସ୍ଥିତିରେ ଏହି ଗୋଟିଏ ଗ୍ରାମ ନୁହଁ, ଏମିତି ଅନେକ ଗ୍ରାମରେ ଏପରି ପରିସ୍ଥିତି ରହିଛି। ଏପଟେ ଉଭୟ ରାଜ୍ୟର ଭୋଟର କାର୍ଡ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇ ଥିବାବେଳେ ସେମାନେ ତିନୋଟି ସ୍ଥାନରେ ଭୋଟ ଦେଉଥିବା ଜଣାପଡ଼ୁଛି ଓ ଉକ୍ତ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଲୋକେ ବାଧ୍ୟ ହୋଇ ଆନ୍ଧ୍ର ମୁହାଁ ହୋଇଥିବା ସରପଞ୍ଚ ଶ୍ରୀ କାର୍ଜି ଉଦ୍‌ବେଗ ପ୍ରକାଶ କରିଛନ୍ତ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ପିଏନଜି ଯୋଗାଣ କେବେ ସୁଦ୍ଧା ?

ଯୁଦ୍ଧ ଯୋଗୁ ଏଲ୍‌ପିଜି ଯୋଗାଣ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ପାଇପ୍ ନାଚୁରାଲ ଗ୍ୟାସ୍ (ପିଏନ୍‌ଜି) ଭଳି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଆହ୍ୱାନ ଦେଉଛନ୍ତି । ଏ ନେଇ ଭିତ୍ତିଭୂମି ଦୃଢ଼ୀକରଣ କରିବାକୁ ସିଟିଗ୍ୟାସ ଡିଷ୍ଟ୍ରିବ୍ୟୁଶନ (ସିଜିଡି) କମ୍ପାନିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟର ସବୁ ସହରାଞ୍ଚଳରେ ଆଗାମୀ ୩ ମାସରେ ପିଏନ୍‌ଜି ସଂଯୋଗ ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ହେଲେ ଜିଲ୍ଲା ସ୍ତରରେ ଚାଲିଥିବା ପାଇପ୍ ଲାଇନ୍ କାର୍ଯ୍ୟ ମନ୍ଥର ଥିବାରୁ ଏହି ସମୟ ଅବଧିରେ ପିଏନ୍‌ଜି ଯୋଗାଇବା କଷ୍ଟକର । ୮ ବର୍ଷରେ ରାଜ୍ୟରେ ମୋଟ ୩୨ ହଜାର ପିଏନ୍‌ଜି ଗ୍ରାହକ ରହିଛନ୍ତି । ୩ ମାସରେ ସବୁ ସହରକୁ ସଂଯୋଗ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜଧାନୀ ଭୁବନେଶ୍ୱର କଥା ଦେଖିଲେ, ୨୦୧୭ରୁ ରାଷ୍ଟ୍ରାୟତ୍ତ ଗେଲ୍ ଇଣ୍ଡିଆ ଲିମିଟେଡ ଗ୍ୟାସ୍ ପାଇପ୍‌ଲାଇନ କାମ ଆରମ୍ଭ କରିଥିଲା । ମାତ୍ର ଏବେ ସୁଦ୍ଧା ରାଜଧାନୀର ସବୁ ଅଞ୍ଚଳରେ ପିଏନ୍‌ଜି ସୁବିଧା ପହଞ୍ଚି ପାରିନାହିଁ । ଚନ୍ଦ୍ରଶେଖରପୁର, ପଟିଆ, ପୋଖରୀପୁଟ, ଜାଗମରା, ଡୁମୁଡୁମା, କଳିଙ୍ଗନଗର ଭଳି ଏରିଆରେ ଏବେ ଗ୍ରାହକଙ୍କୁ ପିଏନ୍‌ଜି ସୁବିଧା ମିଳୁଛି । ଅନ୍ୟପଟେ ରାଜଧାନୀର ରସୁଲଗଡ, ରସୁଲଗଡ ଶିଳ୍ପାଞ୍ଚଳ, ଆଚାର୍ଯ୍ୟବିହାର, ଜୟଦେବ ବିହାର, ଶହୀଦନଗର, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସହ ଅନ୍ୟ ପ୍ରମୁଖ ଏରିଆ ଏବଂ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଏହାର ସେବା ପହଞ୍ଚାଇବାକୁ ଦାବି ହେଉଛି । ଗତ ୮ ବର୍ଷ ହେବ କାମ ଆରମ୍ଭ ହୋଇଥିବା ବେଳେ ଅନେକ ସ୍ଥାନରେ ଅଧପନ୍ତରିଆ ହୋଇ କାମ ପଡି ରହିଛି । କେଉଁଠାରେ ପାଇପ୍ ଲାଇନ ବିଛା ହୋଇଛି ତ କେଉଁଠାରେ ପିଏନ୍‌ଜି ସଂଯୋଗ ମିଳିନାହିଁ । ଅନ୍ୟପଟେ ଅନେକ ସ୍ଥାନକୁ ଏବେ ଯାଏ ଗ୍ୟାସ୍ ପାଇପ୍‌ଲାଇନ ହିଁ ବିଛାଯାଇନାହିଁ । ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଯଦି କାମ ଯଦି ଏତେ ମନ୍ଥର ତେବେ ରାଜ୍ୟର ଅନ୍ୟ ପ୍ରାନ୍ତରେ କାମ କିଭଳି ୩ ମାସରେ ସରିବ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି । କଟକର ସିଡିଏ ଏରିଆରେ ଏହି ସୁବିଧା ମିଳୁଛି । ସିଡିଏ ବାଦ୍ ଅନ୍ୟ ସ୍ଥାନରେ ଗ୍ରାହକ ପିଏନ୍‌ଜି ପାଉନାହାନ୍ତି । ଏବେ ଭୁବନେଶ୍ୱରରେ ୧୯ ହଜାରରୁ ଊର୍ଦ୍ଧ୍ୱ, କଟକରେ ୯ ହଜାର ଏବଂ ଅନ୍ୟ ସହରରେ ୫ ହଜାର ପିଏନ୍‌ଜି ଗ୍ରାହକ ରହିଛନ୍ତି । ରାଜ୍ୟର ୩୦ ଜିଲ୍ଲାରେ ସେବା ଯୋଗାଇବା ଲାଗି ୫ଟି କମ୍ପାନିଙ୍କୁ ଦାୟିତ୍ୱ ମିଳିଛି । ଏଥି ମଧ୍ୟରେ ଗେଲ୍ ଇଣ୍ଡିଆ, ଗେଲ୍ ଗ୍ୟାସ୍ ଲିମିଟେଡ, ବିପିସିଏଲ୍, ଆଦାନି ଟୋଟାଲ୍ ଏବଂ ମେଘା ଭଳି କମ୍ପାନି ରହିଛନ୍ତି । କଟକ ଓ ଖୋର୍ଦ୍ଧା ଜିଲାର ଦାୟିତ୍ୱ ନେଇଛି ଗେଲ୍ ଇଣ୍ଡିଆ ଲିମିଟେଡ । ଭଦ୍ରକ, ବାଲେଶ୍ୱର, ନବରଙ୍ଗପୁର ଏବଂ ମାଲକାନଗିରି ଜିଲା ପାଇଁ ଆଦାନି ଟୋଟାଲ ଗ୍ୟାସ୍ ଲିମିଟେଡକୁ ଦାୟିତ୍ୱ ମିଳିଛି । ଭଦ୍ରକରେ ୨୦୦ ପରିବାର ପିଏନ୍‌ଜି ସଂଯୋଗ ନେଇଛନ୍ତି । ବାଲେଶ୍ୱରରେ ଏଯାଏ ଆରମ୍ଭ ହୋଇନି କାମ । ରାୟଗଡା, କଳାହାଣ୍ଡି, ନୂଆପଡା ଏବଂ ବଲାଙ୍ଗୀର ପାଇଁ ମେଗା ଗ୍ୟାସ୍ ଲିମିଟେଡ କାମ ନେଇଛି । ସେହିଭଳି ପୁରୀ, ନୟାଗଡ, ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର, ଝାରସୁଗୁଡା, ସୁନ୍ଦରଗଡ ପାଇଁ ଗେଲ୍ ଗ୍ୟାସ ଲିମିଟେଡକୁ ଦାୟିତ୍ୱ ଦିଆଯାଇଛି । ଜଗତସିଂହପୁର, କେନ୍ଦ୍ରାପଡା, ଢେଙ୍କାନାଳ, କେନ୍ଦୁଝର, ଅନୁଗୁଳ, ଦେବଗଡ, ସମ୍ବଲପୁର, ବରଗଡରେ ବିପିସିଏଲ୍ ଗ୍ୟାସ ପାଇପ୍‌ଲାଇନ ବିଛାଇବ । ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ସବୁ ଜିଲ୍ଲାରେ ବର୍ଷା ପୂର୍ବରୁ ପିଏନ୍‌ଜି କନେକ୍ସନ କାମ ସରିବ । ରାଜ୍ୟର ସବୁ ସହରରେ ପାଇପ୍‌ଲାଇନ ଯୋଗେ ଗ୍ୟାସ ପହଞ୍ଚାଇବା ଲକ୍ଷ୍ୟ । ସବୁ ମହାନଗର ନିଗମ ସହ ଅନୁଗୁଳ ଏବଂ ଢେଙ୍କାନାଳ ଭଳି ବଡ଼ ସହରରେ ପ୍ରାୟ କାମ ସରିଲାଣି । ବାକି ଥିବା ସ୍ଥାନଗୁଡ଼ିକରେ କାମ ଶୀଘ୍ର ଆରମ୍ଭ ହେବ । ଜିଲ୍ଲା ପ୍ରଶାସନ ସବୁ ପ୍ରକାର ସହଯୋଗ କରିବ । ନୂଆ ଟେକ୍ନୋଲୋଜି ଦ୍ୱାରା ଶୀଘ୍ର ପାଇପ୍‌ଲାଇନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ଲକ୍ଷ୍ୟ ରହିଛି । ୨୦୧୬ରେ ଏହି କାମ ଆରମ୍ଭ ହୋଇଥିଲେ ମଧ୍ୟ ପୂର୍ବ ସରକାର ସହଯୋଗ ନ କରିବାରୁ ରାଜ୍ୟରେ କାମ ଆଗକୁ ବଢ଼ି ପାରି ନ ଥିଲା । ଡବଲ ଇଞ୍ଜିନ ସରକାର ଏହି କାମକୁ ତ୍ୱରାନ୍ୱିତ କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ମହାନଗର ନିଗମ ଗୁଡ଼ିକରେ ସେବା ଉପଲବ୍ଧ ହେବ । ଏହା ପରେ ମ୍ୟୁନିସିପାଲିଟି ଏବଂ ଏନ୍‌ଏସି ଗୁଡ଼ିକରେ ପିଏନ୍‌ଜି ସଂଯୋଗ ତ୍ୱରାନ୍ୱିତ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି । ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲର ସିଜିଏମ୍ କମଲ ସିଲ୍ କହିଛନ୍ତି, ବଡ଼ ସହର ଉପରେ ପ୍ରଥମ ଫୋକସ ରହିଛି । ପାଇପ୍‌ଲାଇନ କାମ ୩ ମାସରେ ସାରିବାକୁ ନିର୍ଦ୍ଦେଶ ରହିଛି ।

# ଗୀତିନାଟ୍ୟର ଅନନ୍ୟ ବିନ୍ଧାଣି ଗୋପାଳ ଦାଶ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା – ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଗଣକବି ଗୋପାଳ ଦାଶ ଗୀତିନାଟ୍ୟ ଜଗତର ଏକ ବିସ୍ମୟ। ସେ ଥିଲେ ଏକାଧାରରେ ଜଣେ ସ୍ରଷ୍ଟା, ଅଭିନେତା ତଥା ନାଟ୍ୟକାର। ଏପରି ସାହିତ୍ୟର ତିନିଟି ବିଭାବରେ ତାଙ୍କ ଲେଖନୀ ଚଳଚଞ୍ଚଳ। ନିଜ ସାହିତ୍ୟ ରଚନା ଜୀବନକାଳ ୧୮୯୮ରୁ ୧୯୨୬ ମସିହା। ଏହାରି ମଧ୍ୟରେ ସେ ରଚନା କରନ୍ତି ୭୦ ଖଣ୍ଡ ପାଣ୍ଡୁଲିପି। ସବୁଗୁଡ଼ିକର ମଞ୍ଚ ମୂଲ୍ୟ ଅନନ୍ୟ। ଗୀତାଭିନୟ (ଗୀତିନାଟ୍ୟ) ସୁଆଙ୍ଗ, ଫାର୍ସ ଆଦି ତାଙ୍କ ସାରସ୍ୱତ ସୃଷ୍ଟିର ବିଶେଷତ୍ୱ। ଏ ସମସ୍ତର ମୂଳାଧାର ପୁରାଣ, ଭାଗବତ, ରାମାୟଣ, ମହାଭାରତ ଆଦି ମହାନ ଗ୍ରନ୍ଥ ସମୂହ ତତ୍‌ସହିତ କିମ୍ବଦନ୍ତୀ, ଲୋକକଥାର ମିଶ୍ରଣରେ ରଚନାଗୁଡ଼ିକ ଗରିୟାନ। ଗୋଟେ ସମୟରେ ଗୋପାଳ ଦାଶଙ୍କର ଯାତ୍ରାଦଳ ଜନଜୀବନକୁ ଆଚ୍ଛନ୍ନ କରିଥିଲା। ସମସାମୟିକ ସମାଜର ଚାଲିଚଳଣି, ରୀତିନୀତି, ସୁଖ ଦୁଃଖ, ହସକାନ୍ଦର ଚିତ୍ର, ଏଥି ସହିତ ସମାଜର ଅବ୍ୟବସ୍ଥା ପ୍ରତି ବ୍ୟଙ୍ଗ ବିଦ୍ରୂପର ଉପସ୍ଥାପନା – ଏସବୁ ତାଙ୍କୁ ଜନତା ନିକଟତର କରିପାରିଥିଲା। ଗୋଟେ କଥାରେ କହିଲେ, ଗଣଜୀବନର କଥା, ଭାଷାକୁ ଅଙ୍ଗୀକାର କରି ଗୋପାଳଙ୍କ କୃତିସମୂହ କାଳଜୟୀ। ଦର୍ଶକ ଦୃଶ୍ୟକାବ୍ୟରେ ବିମୋହିତ; ଏତିକିରେ କଥା ସୀମିତ ନ ଥିଲା। ବୀର, ରୌଦ୍ର, ହାସ୍ୟ, କରୁଣ, ଶୃଙ୍ଗାରାଦି ରସଚର୍ଯ୍ୟାରେ ବିମୋହିତ ଦର୍ଶନ। ଜନତା ଆଦରରେ ଗୋପାଳଙ୍କର ସଙ୍ଗୀତକୁ ଆବୃତ୍ତି କରୁଥିଲେ। ଗୋଟେ କଥାରେ କହିଲେ ଗୋପାଳ ଦାଶ ଜନଜୀବନର କବି। ଜନତାର କବି, ତାଙ୍କ ରଚନାବଳୀ ଦର୍ଶକଙ୍କ ଅସ୍ଥି ମଜ୍ଜାଗତ ହୋଇଗଲା। ଜଣେ ଅଭିନେତା, ନାଟ୍ୟକାର ଭାବେ ତାଙ୍କ ଖ୍ୟାତି ବଢ଼ିଲା। ସେ ପାଲଟିଲେ ମୁକୁଟବିହୀନ ସମ୍ରାଟ। ସର୍ବସାଧାରଣରେ ସେ 'ଗଣକବି' ରୂପେ ପରିଚିତ; କିନ୍ତୁ ଗଣକବି ଉପାଧିରେ ଭୂଷିତ ପାଣିକବି। ଗୀତିନାଟ୍ୟ ରଚନାକାର ହେତୁ ସେ 'ନାଟ୍ୟାଚାର୍ଯ୍ୟ' ସମ୍ମାନର ଅଧିକାରୀ।

ସେବେକା ଉପକୂଳ ଓଡ଼ିଶା (ମୋଗଲବନ୍ଦୀ ଓଡ଼ିଶା)। ବର୍ତ୍ତମାନର କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ପଳସିଂହା ଗ୍ରାମ। ସେଇ ଗାଁର ପ୍ରସିଦ୍ଧ ପଳସିଂହା ମଠ। ବିଷ୍ଣୁ ଆରାଧନା ପାଇଁ ପ୍ରସିଦ୍ଧ। ଏହାକୁ କେନ୍ଦ୍ରକରି ସୃଷ୍ଟି ହେଲା ଏକ ମହାନ ସାଂସ୍କୃତିକ ପରିବେଶ। ସେଇ ମଠର ପୂଜକ ବେଣୁଧର ଦାଶ। ତାଙ୍କ ଅଣନାତି କହ୍ନେଇ ଦାଶ। ତାଙ୍କରି ସୁଯୋଗ୍ୟ ସନ୍ତାନ ଗୋପାଳ ଦାଶ। ବୈଶାଖ ଶୁକ୍ଳ ପଞ୍ଚମୀ ଶୁକ୍ରବାର ଅପରାହ୍ଣ (ତା ୩୦.୦୫.୧୮୭୬)। ଗୋପାଳ କୋଳ ମଣ୍ଡନ କଲେ କହ୍ନେଇ ଦାଶଙ୍କର। ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବ ଗୋପାଳଙ୍କ ଉପରେ ପଡ଼ିଲା। ବାଲ୍ୟକାଳରୁ ଗୀତ, ନୃତ୍ୟ, ବାଦ୍ୟାଦି ଗାନ୍ଧର୍ବ ବିଦ୍ୟା ପ୍ରତି ଆକୃଷ୍ଟ ଗୋପାଳ। ସାଧୁ ସେବାରେ ତାଙ୍କ ମତି। ବୈଷ୍ଣବ ସୁଲଭ ନମ୍ରତା; ପରବର୍ତ୍ତୀ ସମୟରେ ତାଙ୍କୁ ଏକ ଖ୍ୟାତନାମା କଳାକାରର ପରିଚୟ ପ୍ରଦାନ କଲା। ପ୍ରକାଶ ଥାଉକି, ଗୋପାଳଙ୍କ ପୂର୍ବପୁରୁଷ କାନ୍ୟକୁବ୍‌ଜୀ ଗୌଡ଼ୀୟ ବୈଷ୍ଣବ; ରାଜା ଯଯାତିଙ୍କର ଆମନ୍ତ୍ରଣ, ବିଶାଳ ଯଜ୍ଞ କାର୍ଯ୍ୟରେ ପୌରୋହିତ୍ୟ କଲେ। କେହି କେହି ବିଭିନ୍ନ ସ୍ଥାନରେ ରହିଗଲେ। ନବସ୍ଥାପିତ ପୁରୋହିତଙ୍କ ବଂଶଧର ବେଣୁଧର। ତତ୍‌କାଳୀନ ଜମିଦାରଙ୍କ ଠାରୁ ସ୍ୱତନ୍ତ୍ର ବାଡ଼ି ବୃତ୍ତି ଖଞ୍ଜା ପାଇଲେ। ପଳସିଂହା ମଠ ମହନ୍ତ ଭାବେ ଅବସ୍ଥାପିତ ଥିଲେ।

ଗୋପାଳଙ୍କ ପିତା କହ୍ନେଇ ଦାଶ; କେବଳ ଦିଅଁ ପୂଜକ ନ ଥିଲେ। କଳା–ସାହିତ୍ୟ–ସଂସ୍କୃତି ପ୍ରତି ତାଙ୍କର ଢେର୍ ଅନୁରାଗ। ଗୋଟିଏ ଯାତ୍ରାଦଳର ଓସ୍ତାଦ ତଥା ମାଲିକ। ଗୋପାଳ ନିତି ସନ୍ଧ୍ୟାରେ ଆଖଡ଼ା ଘରେ। ସମୟକ୍ରମେ ଲେଖିଲେ କେତୋଟି ଗୀତ, ସୁନ୍ଦର ସ୍ୱରରେ ଗାଇଲେ। ପ୍ରଭାବିତ ପିତା କହ୍ନେଇ ଦାଶ, ଗୋପାଳଙ୍କ ୧୨ ବର୍ଷ ବୟସ, ପ୍ରଥମ କରି ନାରଦ ଭୂମିକାରେ ଅଭିନୟର ସୁଯୋଗ। ସୌମ୍ୟକାନ୍ତି ଯୁକ୍ତ ଗୋପାଳଙ୍କ ନିଖୁଣ ଅଭିନୟ। ଦର୍ଶକ ମୁଗ୍ଧ। ଗୋପାଳଙ୍କ ଅଙ୍ଗଭଙ୍ଗୀ, ଚକ୍ଷୁଚାଳନା, ସୁଲଳିତ ଗାନ ଥିଲା ଅତ୍ୟନ୍ତ ଚିତ୍ତାକର୍ଷକ, କଠୋର ସାଧନା, ଦେବାନୁଗ୍ରହ ତଥା ପିତାଙ୍କ ଆଶିଷ; ଉତ୍ତର ଜୀବନରେ ଗୋପାଳ ହେଲେ ଜଣେ ସ୍ରଷ୍ଟା, ସାଧକ ଆଉ ଯାତ୍ରାପାର୍ଟିର ମାଲିକ, ଦୀର୍ଘ ୪୦ ବର୍ଷ ଧରି ଓଡ଼ିଆ ଗୀତିନାଟ୍ୟ ଜଗତରେ ତାଙ୍କ ସୁନାମ ବ୍ୟାପିଲା।

ଗୋପାଳ ଦାଶ ଜଣେ ଅମାୟିକ, ଭଦ୍ରବ୍ୟକ୍ତି। ତାଙ୍କର ଉତ୍କଳୀୟ ସମ୍ଭ୍ରାନ୍ତ ଚଳଣି। ବିଶେଷକରି ମୁଖ୍ୟ ଚରିତ୍ର (ଦେବ ଚରିତ୍ର)ରେ ତାଙ୍କର ମନଜିଣା ଅଭିନୟ, ଦର୍ଶକ ବିହ୍ୱଳ। ସମୟ କ୍ରମେ ତାଙ୍କ ଯାତ୍ରାଭିନୟ ବିଶେଷ ଜନାଦୃତ ହେଲା। ଏପରିକି ବର୍ଷର ନିର୍ଦ୍ଦିଷ୍ଟ ଦିନମାନ ଧାର୍ଯ୍ୟ। ଦାଶଙ୍କ ଗୀତିନାଟ୍ୟ ଦଳଙ୍କ ଅଭିନୟ ସମୟ ସ୍ଥିରୀକୃତ। କେବଳ ଉପକୂଳବର୍ତ୍ତୀ ଜିଲ୍ଲା ନୁହେଁ; ସୁଦୂର କଲିକତାଯାଏଁ ପରିବ୍ୟାପ୍ତ। କେନ୍ଦ୍ରାପଡ଼ା ଜମିଦାର ଉଆସ ବଡ଼କୋଠା, ସାନକୋଠା, ହରିଲାଲ ମାରୱାଡ଼ିଙ୍କ ଗଣେଶପୂଜା, ପଟ୍ଟାମୁଣ୍ଡାଇ କଚିରି, ଦୁଗ୍ଧମଣ୍ଡପ, କାଳିପୂଜା ମଣ୍ଡପ। ଅଭିନୟ ସମୟ ନିର୍ଧାର୍ଯ୍ୟ। ଏତଦ୍‌ଭିନ୍ନ କେନ୍ଦ୍ରାପଡ଼ାର ଆଖପାଖ ଅଞ୍ଚଳ; କଲିକତାର ବିଭିନ୍ନ କୋଠୀ ମଧ୍ୟରେ ରାଣୀ ରାସମଣି କୋଠୀ, ଶିବପୁର ଅଟାକଳ, ରାଜେନ୍ଦ୍ର ମଲ୍ଲିକ କୋଠୀ, ଜଗଦ୍ଦଳର ରାମକୃଷ୍ଣପୁର, ବେଲଗାଛିଆ, ଶିଆଲଦା, ପଥୁରିଆ ଘାଟ ଆଦି ସ୍ଥାନ ପ୍ରସିଦ୍ଧ। ଗୋପାଳଙ୍କ ଜୀବନ ବ୍ୟାପି ସାଧନା, ଜଣେ ଦକ୍ଷିଣ ପାର୍ଟି ପରିଚାଳକ ତଥା ସୁଦକ୍ଷ ଅଭିନେତାର ସମ୍ମାନ ଦେଇଛି। ବିଶେଷକରି ତାଙ୍କ ସାହିତ୍ୟକୃତିରେ ସାମାଜିକ ମୂଲ୍ୟବୋଧ ଅନନ୍ୟ ଅସାଧାରଣ।

ଗୋପାଳ ଦାଶ ବହୁ ଗୀତିନାଟ୍ୟର ସଫଳ ସ୍ରଷ୍ଟା। ତନ୍ମଧ୍ୟରେ ବ୍ରଜଲୀଳା, ରଙ୍ଗସଭା, ଚଣ୍ଡୀଯୁଦ୍ଧ, ଜଳନ୍ଧରର ବଧ, ମଙ୍ଗଳ ଚଣ୍ଡୀ, ସାବିତ୍ରୀ ସତ୍ୟବାନ, ସୁଲଙ୍କା ରାମାୟଣ, କୁଲଙ୍କା ରାମାୟଣ, ଉଷାବତୀ ହରଣ, ଅଶ୍ୱମେଧ ଯଜ୍ଞ, ବିରାଟ ପର୍ବ, ଚନ୍ଦ୍ରହାସ, ଶ୍ୱେତବସନ୍ତ, ପ୍ରଭାସ ଯଜ୍ଞ, ଉରୁଭଙ୍ଗ, ରାଜସ୍ୱୀୟ ଯଜ୍ଞ, କପଟପଶା, କର୍ଣ୍ଣବଧ, ଲଙ୍କାକାଣ୍ଡ, ଖୁଲଣା ସୁନ୍ଦରୀ ପ୍ରଭୃତି ରାଶିରାଶି ନାଟକର ନାମୋଲ୍ଲେଖଯୋଗ୍ୟ। ତତ୍ ସହିତ ବ୍ରାହ୍ମଣୀ ଫାର୍ସ, କେଳାକେଳୁଣୀ ଫାର୍ସ, ନାରଦ ହାଡ଼ିଆଣୀ ଫାର୍ସ, ଦୁଆରୀ ତା' ସ୍ତ୍ରୀ ଫାର୍ସ, ଧୋବଧୋବଣୀ ଫାର୍ସ – ଏସବୁ ପ୍ରଚଳିତ ସମାଜ ବ୍ୟବସ୍ଥାର ବାସ୍ତବଚିତ୍ର। ଏଥିରେ ରହିଛି ସମାଜଚ୍ୟୁତମାନଙ୍କ ପ୍ରତି ପ୍ରଚ୍ଛନ୍ନ ବ୍ୟଙ୍ଗ। ଏତଦ୍‌ଭିନ୍ନ ସେ ଅନେକ ସଂଗୀତ, ଛାନ୍ଦ, ଜଣାଣ, ଚୌତିଶାର ରଚୟିତା, ହିନ୍ଦୀ, ବଙ୍ଗଳା ସଂଗୀତର ସ୍ୱର ସଂଯୋଜନା – ଏଥିରେ ମଧ୍ୟ ଗୋପାଳଙ୍କ ନିପୁଣତା। ପାତ୍ରୋମୁଖୀ ଭାଷା ଚରିତ୍ର ମୁହଁରେ ଫୁଟାଇବାରେ ଗୋପାଳଙ୍କ ଅପୂର୍ବ ଦକ୍ଷତା, ତାହାହିଁ ତାଙ୍କୁ ଗଣକବି ଭାବେ ଖ୍ୟାତ କରିଛି। ପୌରାଣିକ କଥାବସ୍ତୁ; ମାତ୍ର ପ୍ରତ୍ୟକ୍ଷ ସାମାଜିକ ଜୀବନ ଚିତ୍ର; ଗୋପାଳଙ୍କ ସାହିତ୍ୟକୁ ଲୋକାଭିମୁଖୀ କରିପାରିଛି।

ସାହିତ୍ୟ ସମାଜ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ଗୋଟିକର ଅଭାବରେ ଅନ୍ୟଟି ମ୍ଳାନ। ଗଣଜୀବନଧର୍ମୀ ସାହିତ୍ୟ କାଳଜୟୀ। ଏ ପରିପ୍ରେକ୍ଷୀରେ ଫକୀରମୋହନ ସର୍ବାଗ୍ରେ। ସେହିପରି ଗଣକବି ବୈଷ୍ଣବ ପାଣିଙ୍କର ଯଶ, କୀର୍ତ୍ତି, ଖ୍ୟାତି ସୁଦୂର ପ୍ରସାରୀ। ଅନୁରୂପ ଭାବେ ଗୋପାଳ ଦାଶ ଜଣେ ବହୁ ଖ୍ୟାତିସମ୍ପନ୍ନ ଗଣକବି – ଏ କଥାଟି ଅନସ୍ୱୀକାର୍ଯ୍ୟ। ତାଙ୍କର ଅଜସ୍ର କୃତି ମଧ୍ୟରୁ ସାମାଜିକ ମୂଲ୍ୟବୋଧ, ସାଂସ୍କୃତିକ ଅବବୋଧର ପ୍ରସଙ୍ଗ ଏଠାରେ ମୁଖ୍ୟ ଆଲୋଚନା ପ୍ରସଙ୍ଗ।

ଊନବିଂଶ ଶତାବ୍ଦୀର ଶେଷ ୨ ବର୍ଷ। ସେଇଠାରୁ ଗୋପାଳଙ୍କର ସାହିତ୍ୟ ସୃଷ୍ଟିର ସଫଳତା; ତାହା ପରିବ୍ୟାପ୍ତ ୧୯୨୧ ମସିହା ଯାଏ। ତାଙ୍କ ସମୟର ଜନଜୀବନକୁ ସେ ଦେଖିଲେ ଖୁବ୍ ନିକଟରୁ। ଗୀତିନାଟ୍ୟାଭିନୟ ଥିଲା ଉପଯୁକ୍ତ ମାଧ୍ୟମ। ଅଭିନୟ ସ୍ଥାନରେ ଲୋକସମ୍ପର୍କ; ସେମାନଙ୍କ ସମସ୍ୟାର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ। ସେସବୁକୁ ଅବିକଳ ଭାବରେ ଆଙ୍କିଦେଲେ ଆପଣାର ସାରସ୍ୱତ ସୃଷ୍ଟି ସମ୍ଭାରରେ।

ଧର୍ମ ସାମାଜିକ ଜୀବନଧାରାର ଏକ ବିଶେଷ ଅଙ୍ଗ। ତାହା ଗୋଟିଏ ଗୋଷ୍ଠୀ, ସମ୍ପ୍ରଦାୟ; ସର୍ବୋପରି ଏକ ବିଶ୍ୱାସ, ଚଳଣିରେ ଆସ୍ଥା କରୁଥିବା ଜନତାର ଧାରକ। ପ୍ରାଚୀନ ସାହିତ୍ୟରେ ଧର୍ମ ସମ୍ବନ୍ଧୀୟ ରଚନାର ଏକ ମୁଖ୍ୟ ଭୂମିକା। ଗୀତା, ଭାଗବତ, ରାମାୟଣ, ଉପନିଷଦ – ଏ ସମସ୍ତର ଚରିତ୍ର, ଗୋପାଳଙ୍କ ସାହିତ୍ୟକୃତିରେ ମୁଖ୍ୟ ଆଖ୍ୟାନ ବିଷୟ। ନନ୍ଦପୁଅ କହ୍ନେଇ, ଶରଣ ରକ୍ଷଣ ମହାବାହୁ, ଭକ୍ତଭାବରେ ସେ ବଶ। ଗୋପନଗରୀ, ଅନ୍ଧପୁଅଙ୍କ ଶ୍ରୀକୃଷ୍ଣଙ୍କୁ ନିମନ୍ତ୍ରଣ। ଆତିଥ୍ୟ ପ୍ରଦାନ ପୂର୍ବକ କୃପାଭିକ୍ଷା – "ମୁହିଁ ଅଟଇ ଅନ୍ଧପୁଅ ମୋ ଠାରେ ସୁଦୟା ବହ / ଆଜ ମୋ ପୁରକୁ ହରି କର ଆଗମନ / ହରଷେ ଗଲେ ଶ୍ରୀଧର ପରଷେ ଅନ୍ଧକୁମର / ମିଛେ କରନ୍ତି ଆହାର ସେ ଗୋପୀଜୀବନ।" ନାହିଁ ଦ୍ୱିଧା, ଶ୍ରୀକୃଷ୍ଣଙ୍କୁ ଭଲପାଉଥିବା ମାନବ ପ୍ରତି ତାଙ୍କର ଶ୍ରଦ୍ଧା। ଧୂଳିରେ ରନ୍ଧା ବ୍ୟଞ୍ଜନ। ଶ୍ରୀକୃଷ୍ଣ ଗ୍ରହଣ କଲେ ବିନା ଦ୍ୱିଧାରେ। ଭକ୍ତବତ୍ସଳ ଶ୍ରୀହରି, ଏଇ କଥାଟି ଏଠାରେ ବ୍ୟକ୍ତ।

ଅନୁରୂପ ଭାବେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର; ଯଥାକ୍ରମେ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା, ସଂହାରକର୍ତ୍ତା। ଦୁଷ୍ଟ ନିବାରଣ, ସନ୍ଥ ପାଳନ ପାଇଁ ଯୁଗେ ଯୁଗେ ପରଂବ୍ରହ୍ମଙ୍କ ଅବତାର। ଅବନୀଭାର ହରଣ, ଗୋ ବ୍ରାହ୍ମଣଙ୍କ ସୁରକ୍ଷା ପ୍ରଦାନ; ଅବତାରୀ ପୁରୁଷଙ୍କର ଜନ୍ମଗ୍ରହଣର ମୁଖ୍ୟ ପ୍ରସଙ୍ଗ। ଶ୍ରୀକୃଷ୍ଣ ତାହାହିଁ କରିଛନ୍ତି। ଗୋପପୁରେ କାଳୀନାଗୁଣୀର ଦର୍ପହରଣ; କାଳୀ ହ୍ରଦରୁ ତାକୁ ବିତାଡ଼ିତ କରିବା ପାଇଁ ଶ୍ରୀକୃଷ୍ଣଙ୍କର ଆଦେଶ। ଜଗତପାଳନ ପାଇଁ ଜହରକୁ ଅମୃତରେ ପରିଣତ କଲେ। ଲେଖିଲେ ଗୋପାଳ ବ୍ରଜଲୀଳାରେ,

"ଯାଆରେ କାଳୀୟ କାଳୀ ହ୍ରଦରେ ନ ଥାଅ / ଅମୃତ କରିବ ଜଳ ବିଷକୁ ନିଶ୍ଚୟ। +++ ସୁଧା ସିଞ୍ଚି ବିଷଜଳ କରିଲେ ଅମୃତ / ପଦ୍ମ ତୋଳି କଂସ ଆଗେ କାଳି ଉପଗତ / ନାଗବଳ ଦେଖିଣ ଦଇତ ଥରି ଉଠି / ଗୋପାଳ ବୋଲେ ମଞ୍ଚରୁ ପଡ଼ିଲା ଲେଉଟି।"

ସମାଜରେ ଧର୍ମ ଅଧର୍ମ, ପାପପୁଣ୍ୟର ବିଚାର। ଅଧର୍ମରେ ପତନ, ସାଧୁସେବା, ପରୋପକାର, ବିଷ୍ଣୁକୃପାଲାଭ ପ୍ରୟାସ, ନାମ ସଂକୀର୍ତ୍ତନ, ତପ ଆଚରଣ, ବରପ୍ରାପ୍ତି – ଏସବୁ ସେବେକା ସମାଜରେ ବଳବତ୍ତର ଥିଲା। କର୍ଣ୍ଣବଧ ଗୀତିନାଟ୍ୟ, ଅର୍ଜୁନ ଶରାଘାତରେ ମୁମୂର୍ଷୁ କର୍ଣ୍ଣ। ସେ ଜାଣିଛି ଅର୍ଜୁନ ରଥର ସାରଥି ସ୍ୱୟଂ ନାରାୟଣ। ତାଙ୍କରି ପାଦପଦ୍ମରେ ନିଜକୁ ସମର୍ପଣ କରିଦେଇଛି। ସ୍ତୁତି କରିଛି; ଏଠାରେ କର୍ଣ୍ଣର ଭକ୍ତିମତ୍ତା ପ୍ରକଟିତ। ମୋକ୍ଷପାଇଁ ଶ୍ରୀକୃଷ୍ଣଙ୍କୁ ସ୍ତୁତି,

"ଜୟ ଅର୍ଜୁନ ସାରଥୀ ବେତ୍ରଧରଂ / ମଧୁସୂଦନ ବାମନ କଂସ ହରଂ / ଶୋଭିତ ସୁନ୍ଦର ଚକ୍ର କରେ / ଜୟ ନନ୍ଦ କୁମାର କିଶୋର ହରେ / ଜୟ ଯାଦବ ମାଧବ କେଶବ ହେ / ଜୟ ବାସବ ନନ୍ଦନ ବାନ୍ଧବ ହେ /

ଅଳକା ତିଳକା ବଦନେ ବିହରେ / ଜୟ ନନ୍ଦକୁମାର କିଶୋର ହେ।"

କର୍ଣ୍ଣ ପାର୍ଶ୍ୱରେ ଶ୍ରୀକୃଷ୍ଣ ଉପଗତ। କର୍ଣ୍ଣ ଦେହରେ ହସ୍ତ ଚାଳନ ପ୍ରଭୁଙ୍କର, ଉଡ଼ିଯାଇଛି କର୍ଣ୍ଣ ପ୍ରାଣପକ୍ଷୀ। ମିଶିଯାଇଛି ପରମାତ୍ମାଙ୍କ ଠାରେ। ଅନୁରୂପ ଭାବେ ଅହଲ୍ୟାର ସ୍ତୁତି। ଋଷି ଗୌତମଙ୍କର ଅନୁପସ୍ଥିତି। ଇନ୍ଦ୍ର ଅହଲ୍ୟା ରୂପ-ବିମୋହିତ। କୌଶଳରେ ତା'ର ସତୀତ୍ୱ ଲୁଣ୍ଠନ କଲେ। ପତି ଗୌତମଙ୍କର ଅଭିଶାପ। ଇନ୍ଦ୍ର ଶରୀରରେ ସହସ୍ର ଯୋନି, ଅହଲ୍ୟା ପାଷାଣୀ। ଗଙ୍ଗାନଦୀ ତଟ। ବିଶ୍ୱାମିତ୍ରଙ୍କ ସହ ରାମଲକ୍ଷ୍ମଣ। ପ୍ରଭୁ ପାଦରେଣୁ ସ୍ପର୍ଶ, ଅହଲ୍ୟା ପାଇଲା ତା'ର ପୂର୍ବ ଶରୀର। ଶାପମୁକ୍ତ ହେଲା। ପ୍ରଭୁ ଶ୍ରୀରାମଙ୍କୁ ସ୍ତୁତି କରିଛି, "ଜୟ ରଘୁରାଣ, କୌଶଲ୍ୟା ନନ୍ଦନ / ଜୟ ସାନୁଜ ଲକ୍ଷ୍ମଣ / ଦୟାମୟ ହରିଣ / ନବରୂପ ଧରି, ଆପଦୁ କଲ ତାରଣ। +++ ଲାଗି ଶ୍ରୀପୟର, ଧରିଲି ଶରୀର / ପୂର୍ବହୁଁ ହୋଇଲି, ଅଧିକ ସୁନ୍ଦର / ବେଗେ ଆଜ୍ଞାକର ଯିବ ନିଜପୁର / କହେ ଗୋପାଳ ଚରଣ।" ଅନ୍ୟାୟ, ଅନୀତି, ଦୁରାଚାର – ଏଥିପ୍ରତି ସମାଜରେ ଭୟ ଥିଲା। ପଥଭ୍ରଷ୍ଟମାନେ ଉଚିତ ଶାସ୍ତି ପାଇଲେ। ଋଷିମାନେ ତପୋନିଷ୍ଠ। ସେମାନଙ୍କର ସାଧନାରେ ସିଦ୍ଧି। ବଚନ ତାଙ୍କର ଧ୍ରୁବସତ୍ୟ। ଅଭିଶାପ ପ୍ରଦାନ କଲେ ନିଶ୍ଚୟ ଭୋଗିବାକୁ ପଡ଼େ। ଉପର୍ଯ୍ୟୁକ୍ତ ବର୍ଣ୍ଣନାରୁ ତାହା ସ୍ପଷ୍ଟ। 'ବାଳିବଧ' ଗୀତିନାଟ୍ୟରେ ଅନୁରୂପ। କଥାଟି ପରିଦୃଷ୍ଟ। ରାବଣ ସୀତାଙ୍କୁ ଅଶୋକବନରୁ ଅପହରଣ କରିନେଲା। ଶୋକସନ୍ତପ୍ତ ଶ୍ରୀରାମ, ଲକ୍ଷ୍ମଣ; ମର୍କଟ ସୁଗ୍ରୀବଙ୍କ ସହ ମୈତ୍ରୀବନ୍ଧନରେ ଆବଦ୍ଧ। ସୁଗ୍ରୀବଙ୍କ ପ୍ରତି ଅଗ୍ରଜ ବାଳିର ଅକଥନୀୟ ଅତ୍ୟାଚାର। ଶେଷରେ ରାମଚନ୍ଦ୍ରଙ୍କ ଶରାଘାତରେ ବାଳିବଧ। ବାଳି ପତ୍ନୀ ତାରା। ବାଳି ନିର୍ଦ୍ଦୋଷ, ସେ ରାମଙ୍କର କ୍ଷତି ଘଟାଇ ନ ଥିଲା। ନିରପରାଧକୁ ହତ୍ୟା ଶାସ୍ତ୍ର ବିରୋଧୀ କୁକର୍ମ। ରାମଚନ୍ଦ୍ର ତାରାଙ୍କ ନିକଟରେ ଦୋଷୀ। ତାରା ଦେଲେ ଅଭିଶାପ, "କାହିଁକି ହେ ରଘୁନାଥ / ବିନା ଦୋଷେ ମୋ ପତିକି ଆଣି ଦେଲୁ ଏ ଦୁର୍ଗତି / ହୃଦୟ ହୁଏ ବ୍ୟାକୁଳ ଘେନ ମୋର ଶାପଫଳ / ଭୋଗ ନ ହେବ କେବଳ ଜନକ ଦୁହିତା।" ତାହା ସତ୍ୟରେ ପରିଣତ ହେଲା। ପଞ୍ଚ ସତୀଙ୍କ ମଧ୍ୟରୁ ତାରା ଅନ୍ୟତମା। ତା' ବାକ୍ୟ ଅକାଟ୍ୟ। ପରିଣାମ ସ୍ୱରୂପ ସୀତା ଅଗ୍ନିପରୀକ୍ଷା ଦେଲେ। ଉତ୍ତୀର୍ଣ୍ଣା ହେଲେ। ଶେଷରେ ପାତାଳଗାମିନୀ ହେଲେ। ସତ୍ୟ, ଅସତ୍ୟର ପରୀକ୍ଷା ନିରୀକ୍ଷା। ଶେଷରେ ସତ୍ୟର ଜୟ। ଏକଥାଟି ତତ୍‌କାଳୀନ ସମାଜରେ ବହୁ ପରୀକ୍ଷିତ / ପାପ ବା କୁକର୍ମ ପ୍ରତି ଭୟ; ସତ୍ୟଆଡ଼େ ନିଘା – ଏ ଥିଲା ସେ କାଳ ଜନତାଙ୍କର ମାନସିକତା। (କ୍ରମଶଃ ..)

# ହର୍ମୁଜ ପ୍ରଣାଳୀ: ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଜଳପଥ



ନିକୁଞ୍ଜ ବିହାରୀ ସାହୁ
ଏଜୁକେଶନ୍ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୁବନେଶ୍ୱର
ଫୋନ୍ :୮୯୧୭୬୩୭୯୭୪

ସଂପ୍ରତି ୨୦୨୬ମଧ୍ୟପ୍ରାଚ୍ୟ ବିବାଦର ଘନଘଟାମଧ୍ୟରେ, ହର୍ମୁଜ ପ୍ରଣାଳୀ ଦେଇଯାଉଥିବା ଜାହାଜଗୁଡ଼ିକ ଉପରେ ଇରାନ ଦ୍ୱାରା ଧମକ ଏବଂ ଆକ୍ରମଣ ଜାରି ରହିଛି । ଫଳରେ ଏହି ମାର୍ଗ ଦେଇ ଯାତାୟାତରେ ପ୍ରାୟ ୯୭ପ୍ରତିଶତ ହ୍ରାସ ଘଟି ବିଶ୍ୱତୈଳ ଯୋଗାଣରେ ଗୁରୁତର ବାଧା ସୃଷ୍ଟିହେବା ସାଙ୍ଗକୁ ବିଶ୍ୱ ବଜାରରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ମୂଲ୍ୟ ଆଶାତୀତ ବୃଦ୍ଧିପାଇଛି । ଏହାର ପ୍ରଭାବ ଭାରତ ଉପରେ ପଡି ଆମ ଦେଶରେ ବିଶେଷକରି ରନ୍ଧନ ଗ୍ୟାସର ଘୋର ଅଭାବ ପରିଲକ୍ଷିତ ହୋଇଛି ଏବଂ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ୍ନ ହୋଇଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠେ: ଏହି ହର୍ମୁଜ ପ୍ରଣାଳୀ କ'ଣ, କେଉଁଠାରେ ଅବସ୍ଥିତ ଏବଂ ଏହା ବାଣିଜ୍ୟିକ ଦୃଷ୍ଟିକୋଣରୁ ଏତେ ଗୁରୁତ୍ୱପୂର୍ଣ୍ଣ କାହିଁକି । ଏହି ହର୍ମୁଜ ପ୍ରଣାଳୀ ପଶ୍ଚିମରେ ପାରସ୍ୟ ଉପସାଗର ଏବଂ ଦକ୍ଷିଣପୂର୍ବରେ ଓମାନ ଉପସାଗର ତଥା ଆରବ ସାଗର ମଧ୍ୟରେ ଅବସ୍ଥିତ ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ। ଭାରତ ମହାସାଗରକୁ ପ୍ରଶାନ୍ତ ମହାସାଗର ସହିତ ସଂଯୋଗ କରୁଥିବା ମାଲାକ୍କା ପ୍ରଣାଳୀ ପରେ ହର୍ମୁଜ୍ ପ୍ରଣାଳୀ ବିଶ୍ୱ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଜଳପଥ । ଏହି ପ୍ରଣାଳୀ ଇରାନ୍ ଏବଂ ଓମାନଦେଶ ମଧ୍ୟରେ ବିସ୍ତୃତ ଏକ ସଂକୀର୍ଣ୍ଣ ଜଳପଥ, ଯାହା ଦେଇ ବିଶ୍ୱର ଏକ-ପଞ୍ଚମାଂଶ ପେଟ୍ରୋଲିୟମ୍ ତୈଳ ଜାହାଜ ଦ୍ୱାରା ପରିବହନ ହୋଇଥାଏ। ପେଟ୍ରୋଲିୟମ୍ ତୈଳ ସମୃଦ୍ଧ ମଧ୍ୟପ୍ରାଚ୍ୟର ଉପସାଗରୀୟ ଦେଶଗୁଡ଼ିକରୁ ଭାରତକୁରନ୍ଧନ ଗ୍ୟାସ୍ (ଏଲ.ପି.ଜି.) ଏବଂ ତୈଳ ଆମଦାନୀ ପାଇଁ ଏହି ପଥ ଏକ ଜୀବନରେଖା ସଦୃଶ। ପୃଷ୍ଠଭୂମି ଓ ନାମକରଣ- ଏହି ପ୍ରଣାଳୀର ନାମକରଣ ସମ୍ପର୍କରେ ଅନେକ ମତବାଦ ରହିଛି । ଗତ ଦଶମରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ଐତିହାସିକ 'ଓର୍ମୁଜ'ସାମ୍ରାଜ୍ୟ ଏଠାରେ ଗଢି ଉଠିଥିଲା । ଓର୍ମୁଜ ସମ୍ଭବତଃ ଏକ ପାର୍ସି ଶବ୍ଦ 'ହର୍ମୋଘ' ର ଅପଭ୍ରଂଶ ଯାହାର ଅର୍ଥ 'ଖଜୁରୀର ଦେଶ' । ସୁତରାଂ ଏକ ମତବାଦ ଅନୁଯାୟୀ ଏହି 'ହର୍ମୋଘ' ଶବ୍ଦରୁ ହିଁ ପ୍ରଣାଳୀର 'ହର୍ମୁଜ' ନାମକରଣ ହୋଇଥିବାର ବିଶ୍ୱାସ କରାଯାଏ । ଷୋଡଶରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଏହି ପ୍ରଣାଳୀ ବିଦେଶୀ ପର୍ତ୍ତୁଗୀଜମାନଙ୍କ ନିୟନ୍ତ୍ରଣରେ ରହିଥିଲା ।

ଭୌଗଳିକ ସ୍ଥିତି-ଏହି ପ୍ରଣାଳୀଟି ୧୬୭ କି.ମି. ଲମ୍ବ ଏବଂ ୫୫ ରୁ ୯୫ କି.ମି. ପ୍ରସ୍ଥ ବିଶିଷ୍ଟ ଏକ ସଂକୀର୍ଣ୍ଣ ଜଳପଥ ଯାହା ଉତ୍ତରରେ ଥିବା ଇରାନକୁ ଦକ୍ଷିଣସ୍ଥ ଆରବୀୟ ଉପଦ୍ୱୀପରେ ଥିବା ଓମାନର ମୁସାଣ୍ଡାମ ସହିତ ସଂଯୋଗ କରେ। ଏହାର ଉତ୍ତର ଉପକୂଳରେ ଆର୍ଥିକ ଏବଂ ସାମରିକ ଗୁରୁତ୍ୱ ବିଶିଷ୍ଟ ଏକ ଇରାନୀ ବନ୍ଦର 'ବନ୍ଦର ଆବାସ' ଅବସ୍ଥିତ। ଏହି ପ୍ରଣାଳୀ ନିକଟରେ ଅନେକ ଇରାନୀ ଦ୍ୱୀପପୁଞ୍ଜ ଯଥା କେଶ୍ମ, ହୋରମୁଜ୍, ହେଙ୍ଗାମ ଏବଂ ଲାରାକ ଅବସ୍ଥିତ। ସଂଯୁକ୍ତ ଆରବ ଏମିରେଟ୍ସ ସୀମା ମଧ୍ୟ ଏହି ପ୍ରଣାଳୀ ନିକଟରେ ଅର୍ଥାତ ମୁସାଣ୍ଡାମ ଉପଦ୍ୱୀପର ଉଭୟ ପାର୍ଶ୍ୱରେ ପ୍ରଣାଳୀର ସଂକୀର୍ଣ୍ଣ ବିନ୍ଦୁଠାରୁ ପ୍ରାୟ ୬୫ ରୁ ୮୦ କିମି ଦୂରତା ମଧ୍ୟରେ ବିସ୍ତୃତ । ଯୁକ୍ତରାଷ୍ଟ୍ର ଆମେରିକା ନୌସେନାର ପଞ୍ଚମ ନୌବାହିନୀ ୧୯୯୫ ମସିହାଠାରୁ ଅନତି ଦୂରସ୍ଥ ବାହାରିନ୍ ଠାରେ ଅବସ୍ଥାପିତ ଏବଂ ଏହା ମୁଖ୍ୟତଃ ପ୍ରଣାଳୀରେ ଜାହାଜଗୁଡିକୁ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବାରେ ଭୂମିକା ଗ୍ରହଣ କରିଥାଏ।

ସହଜ ଜଳମାର୍ଗ-ଏହି ପ୍ରଣାଳୀ ଦେଇ ମାଲବାହୀ ତୈଳଜାହାଜଗୁଡ଼ିକର ସୁଗମ ପ୍ରବେଶ ଓ ପ୍ରସ୍ଥାନଯାତ୍ରା ନିମନ୍ତେ ୩ କି.ମି. ପ୍ରସ୍ଥ ବିଶିଷ୍ଟ ଦୁଇଟି ସ୍ୱତନ୍ତ୍ର ଜାହାଜମାର୍ଗର ବ୍ୟବସ୍ଥା ଅଛି ଏବଂ ନିରାପଦ ଯାତାୟତ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ୫ କି.ମି. ପ୍ରସ୍ଥର ଏକ ବଫର ଜୋନ ଏ ଦୁଇ ମାର୍ଗକୁ ପୃଥକ କରିଥାଏ। ଏହି ଜାହାଜମାର୍ଗ ଗୁଡ଼ିକ ମୁଖ୍ୟତଃ ଓମାନି ଏବଂ ଇରାନି କ୍ଷେତ୍ରୀୟ ଜଳସୀମାରେ ଅବସ୍ଥିତ ଥିଲେ ସୁଦ୍ଧା ସେଗୁଡ଼ିକ ମିଳିତ ଜାତିସଂଘର ସମୁଦ୍ର ଆଇନ ସମ୍ବନ୍ଧୀୟ ସମ୍ମିଳନୀ (UNCLOS) ଭଳି ଆନ୍ତର୍ଜାତୀୟ ବୁଝାମଣାର ବ୍ୟବସ୍ଥା ଅନୁଯାୟୀ ନିୟନ୍ତ୍ରିତ। ଇରାନ ସାଧାରଣତଃ ଜାହାଜମାର୍ଗର ଉତ୍ତରରେ ଥିବା ପ୍ରଣାଳୀକୁ ନିୟନ୍ତ୍ରଣ କରୁଥିଲାବେଳେ ପ୍ରଣାଳୀର ଦକ୍ଷିଣସ୍ଥ ଭାଗ ପଡୋଶୀ ଦେଶ ଓମାନ୍ ଅଧୀନରେ ରହିଥାଏ। ଇରାନର ଯଦିଓ ଏହି ପ୍ରଣାଳୀରେ ଜାହାଜ ପରିବହନ ବ୍ୟବସ୍ଥାରେ ବାଧା ସୃଷ୍ଟି କରିବାର କ୍ଷମତା ରହିଛି, ତଥାପି ପ୍ରଣାଳୀର ଅଧିକାଂଶ ଭାଗ ତୈଳଟ୍ୟାଙ୍କର ଗୁଡ଼ିକର ସୁଗମ ଯାତାୟାତ ଦୃଷ୍ଟିକୋଣରୁ ଯଥେଷ୍ଟ ଗଭୀର (୨୦୦ ରୁ ୩୩୦ ଫୁଟ) ହୋଇ ଥିବାରୁ ପ୍ରଣାଳୀର ସମ୍ପୂର୍ଣ୍ଣ ଓସାରକୁ ଦୀର୍ଘଦିନ ଅବରୋଧ କରିବାରେ ଇରାନର ସାମର୍ଥ୍ୟ ସୀମିତ । ତଥାପି, ସଦ୍ୟ ୨୦୨୬ ଇରାନ-ଇସ୍ରାଏଲ ସଂଘର୍ଷ ମଧ୍ୟରେ, ଇରାନର କେବଳ ଧମକ ଜନିତ ବିପଦର ଆଶଙ୍କା ହିଁ ଏହି ପ୍ରଣାଳୀ ଦେଇ ଅଧିକାଂଶ ବାଣିଜ୍ୟିକ ଯାତାୟାତକୁ ହ୍ରାସ କରିଛି। ବାଣିଜ୍ୟିକ ଗୁରୁତ୍ୱ-ବିଶ୍ୱ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ ରପ୍ତାନିର ପ୍ରାୟ ୨୦ ପ୍ରତିଶତରୁ ଅଧିକ ଭାଗ ଏହି ପ୍ରଣାଳୀ ଦେଇ ପରିବହନ ହୁଏ। ଏହି ପଥ ତୈଳ ସମୃଦ୍ଧ ବିଭିନ୍ନ ଉପସାଗରୀୟ ଦେଶ ଯଥା ଇରାନ, ଇରାକ, କୁୱେତ, କତାର ଏବଂ ସଂଯୁକ୍ତ ଆରବ ଏମିରେଟ୍ସରୁ ପେଟ୍ରୋଲିୟମ୍ ଜାତ ସାମଗ୍ରୀର ରପ୍ତାନି ନିମନ୍ତେ ପ୍ରାଥମିକ ଜଳମାର୍ଗ ରୂପେ କାର୍ଯ୍ୟ କରେ । ଅବଶ୍ୟ ସଂଯୁକ୍ତ ଆରବ ଏମିରେଟ୍ସ ଏହାର ଅଧିକାଂଶ ତୈଳ ରପ୍ତାନିକୁ ଓମାନ୍ ଉପସାଗରରେ ଥିବା ନିଜର ଫୁଜୈରାହ ଅଞ୍ଚଳ ଦେଇ ସ୍ଥାନାନ୍ତର କରିବାର କ୍ଷମତା ରଖିଥାଏ । ଯଦିଓ ଏହି ରପ୍ତାନିର ପ୍ରାୟ ଚାରି-ପଞ୍ଚମାଂଶ ଭାଗ ଏସିଆ ମହାଦେଶର ଦେଶଗୁଡ଼ିକୁ, ବିଶେଷକରି ଚୀନ୍, ଭାରତ, ଜାପାନ ଏବଂ ଦକ୍ଷିଣ କୋରିଆକୁ ପଠାଯାଏ, ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକର ମୂଲ୍ୟର ସ୍ୱଳ୍ପ ନମନୀୟତା କାରଣରୁ ଏହି ଯୋଗାଣର ପରିମାଣ ବିଶ୍ୱବ୍ୟାପୀ ତୈଳ ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାକୁ ଗୁରୁତର ପ୍ରଭାବିତ କରିଥାଏ। ସଂଘର୍ଷ ଓ ବିବାଦ- ଅତୀତରେ ଏହି ପ୍ରଣାଳୀରେ ମାଲିକାନା ନେଇ ସ୍ଥାନୀୟ ଦେଶ ଓ ବାହ୍ୟ ଶକ୍ତିମାନଙ୍କ ମଧ୍ୟରେ ଅନେକ ବିବାଦ ଓ ସଂଘର୍ଷ ଘଟିଛି । ଗତ ୧୯୮୪ ମସିହାରେ, ଇରାନ୍-ଇରାକ ସଂଘର୍ଷ ସମୟରେ, ପରସ୍ପର ବିରୋଧୀ ପାରସ୍ୟ ଉପସାଗରୀୟ ଦେଶଗୁଡ଼ିକ ନିଜନିଜର ତୈଳ ମାଲବାହୀ ଜାହାଜ ଉପରେ ଆକ୍ରମଣ କରିଥିଲେ । ଇରାନ୍ ମଧ୍ୟ କୁୱେତ ଏବଂ ଅନ୍ୟାନ୍ୟ ଉପସାଗରୀୟ ଦେଶ ଅଭିମୁଖେ ଯାଉଥିବା ମାଲବାହୀ ଜାହାଜ ଉପରେ ଆକ୍ରମଣ କରିଥିଲା। ଏହି ତଥାକଥିତ 'ଟ୍ୟାଙ୍କର୍ ଯୁଦ୍ଧ'ରେ ୧୦୦ରୁ ଅଧିକ ମାଲବାହୀ ଜାହାଜ ଆକ୍ରମଣର ଶିକାର ହୋଇଥିଲେ । ଉପସାଗରୀୟ ଅଞ୍ଚଳରେ ତୈଳମାଲବାହୀ ଜାହାଜଗୁଡ଼ିକର ନିରାପଦ ପଥ ସୁନିଶ୍ଚିତ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଅନେକ ପଶ୍ଚିମ ୟୁରୋପୀୟ ରାଷ୍ଟ୍ର ମଧ୍ୟ ଦୃଶ୍ୟପଟକୁ ଆସି ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଚଳିତ ଶତାବ୍ଦୀରେ ମଧ୍ୟ ଇରାନ ଏବଂ ଆମେରିକୀୟ ନୌସେନା ଏହି ପ୍ରଣାଳୀରେ ଅନେକ ଥର ମୁହାଁମୁହିଁ ପରିସ୍ଥିତିର ସମ୍ମୁଖୀନ୍ନ ହୋଇଛନ୍ତି। ବିଗତ ୨୦୨୫ ଜୁନ୍ ମାସରେ ଇରାନ୍-ଇସ୍ରାଏଲ୍ ୧୨ ଦିନିଆ ସଂଘର୍ଷ ସମୟରେ ଆମେରିକା ଇରାନର ପରମାଣୁ ପ୍ରତିଷ୍ଠାନଗୁଡିକ ଉପରେ ଆକ୍ରମଣ କରିଥିଲା । ଏହି ପରିପ୍ରେକ୍ଷୀରେ ଇରାନରେ ୨୦୨୦ ନିର୍ବାଚନ ପରଠାରୁ କଠୋରପନ୍ଥୀମାନଙ୍କ କରାୟତରେ ଥିବା ସଂସଦ ଇରାନର ସଶସ୍ତ୍ର ବାହିନୀକୁ ଏହି ପ୍ରଣାଳୀ ଅବରୋଧ କରିବାକୁ ଦୃଢ ସୁପାରିଶ କରିଥିଲା। ମାତ୍ର ସେତେବେଳେ ଇରାନ୍ ତରଫରୁ ଏହି ପ୍ରଣାଳୀକୁ ବନ୍ଦ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା, କାରଣ ଏଥିପାଇଁ ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ଅନୁମୋଦନ ଆବଶ୍ୟକ ଥିଲା ଏବଂ ମାତ୍ର ଦୁଇ ଦିନ ମଧ୍ୟରେ ସଂଘର୍ଷ ଶେଷ ହୋଇ ଯାଇଥିଲା । ତଥାପି ଇରାନୀ ସଂସଦର ଏହି ପଦକ୍ଷେପ ବିଶ୍ୱବ୍ୟାପୀ ତୈଳ ମୂଲ୍ୟ ବୃଦ୍ଧିର ଆଶଙ୍କା ସୃଷ୍ଟି କରିଥିଲା ଏବଂ କ୍ରମବର୍ଦ୍ଧିଷ୍ଣୁ ଉତ୍ତେଜନା ଦୃଷ୍ଟିରୁ କିଛି ତୈଳ ମାଲବାହୀ ଜାହାଜ ଏହି ପ୍ରଣାଳୀପଥ ଏଡାଇ ପଛକୁ ଫେରି ଆସିଥିଲେ।

ସାଂପ୍ରତିକ ପରିସ୍ଥିତି-ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି । ସଂପ୍ରତି ମାର୍ଚ୍ଚ୨୦୨୬ ଇରାନ-ଇସ୍ରାଏଲ ସଂଘର୍ଷ ଆରମ୍ଭ ହେବା ସଙ୍ଗେ ସଙ୍ଗେ, ଇରାନ ନିଜର ପ୍ରତିଶୋଧମୂଳକ ରଣନୀତିର ଏକ ପ୍ରମୁଖ ଅଂଶ ସ୍ୱରୂପ ଏହି ପ୍ରଣାଳୀ ଦେଇ ଜାହାଜ ଚଳପ୍ରଚଳକୁ ଅବରୋଧ କରିବା ପାଇଁ ଘୋଷଣା କରିଛି। ଏହାର ଫଳ ସ୍ୱରୂପ, ସଂଘର୍ଷ ଆରମ୍ଭ ହେବା ମାତ୍ରେହିଁ ଏହି ପ୍ରଣାଳୀ ଦେଇ ଜାହାଜ ଯାତାୟାତ ସଂଖ୍ୟା ଆଶାତୀତ ହ୍ରାସ ପାଇଛି । ପରବର୍ତ୍ତୀ ସମୟରେ, ଇରାନୀ ସୈନ୍ୟମାନେ ବିଦେଶୀ ଜାହାଜ ଉପରେ ଆକ୍ରମଣ କରିବା ଏବଂ ଆମେରିକାର ଅଧିକାରୀଙ୍କ ବୟାନ ଅନୁଯାୟୀ, ଇରାନୀ ନୌସେନାର ବୁଡ଼ାଜାହାଜ ଦ୍ୱାରା ମାଇନ୍ ବିଛାଇବା ଯୋଗୁଁ ଏହି ପଥ ଦେଇ ଜାହାଜ ଚଳାଚଳ ଆହୁରି ପ୍ରଭାବିତ ହୋଇଛି । ଫଳରେ ସଂଘର୍ଷର ଅଳ୍ପ କିଛି ଦିନ ମଧ୍ୟରେ ହିଁ ପାରସ୍ୟ ଉପସାଗରରେ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୋଇ ବିଶ୍ୱ ବଜାରରେ ପେଟ୍ରୋଲିୟମ ତୈଳ ଏବଂ ପ୍ରାକୃତିକ ଗ୍ୟାସ, ସାର, ଆଲୁମିନିୟମ୍ ପରି ଗୁରୁତ୍ୱପୂର୍ଣ୍ଣ ଧାତୁ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି। ଏହାର ପ୍ରଭାବରେ ପ୍ରଣାଳୀର ପୂର୍ବରେ ଥିବା ଭାରତ ସମେତ ଏସିଆର ଅନେକ ଦେଶରେ ବିଶେଷକରି ଇନ୍ଧନ ଓ ରୋଷେଇ ଗ୍ୟାସ୍‌ର ଘୋର ଅଭାବ ପରିଲକ୍ଷିତ ହୋଇଛି। ବିକଳ୍ପଯୋଗାଣ ପଥ-ହୋର୍ମୁଜ ସମୁଦ୍ର ପ୍ରଣାଳୀକୁ ଏଡ଼ାଇ ପ୍ରଚଳିତ କେତେକ ମୁଖ୍ୟ ବିକଳ୍ପମାର୍ଗ ହେଲା ସ୍ଥଳଭାଗରେ ଯାଇଥିବା ପାଇପଲାଇନ୍ ଯେପରି ଲୋହିତ ସାଗରକୁ ସଂଯୋଗ କରୁଥିବା ସାଉଦିଆରବର ପୂର୍ବ-ପଶ୍ଚିମ ପାଇପଲାଇନ୍, ଫୁଜାଇରାହକୁ ସଂଯୋଗ କରୁଥିବା ଆବୁଧାବି ଅଶୋଧିତ ତୈଳ ପାଇପଲାଇନ୍ ଏବଂ ଇରାନର ଗୋରେ-ଜାସ୍କ ପାଇପଲାଇନ୍। ବିକଳ୍ପ ସମୁଦ୍ରମାର୍ଗଗୁଡ଼ିକ ଅତ୍ୟନ୍ତ ଦୀର୍ଘ ଏବଂ ସେଗୁଡିକ ଆଫ୍ରିକାର ଦକ୍ଷିଣ ଉପକୂଳରେ ଉତ୍ତମାଶା ଅନ୍ତରୀପ ଦେଇ ବିସ୍ତୃତ। ମାତ୍ର ସମୟ, ଖର୍ଚ୍ଚ ଏବଂ ଭିତ୍ତିଭୂମି ପ୍ରତିବନ୍ଧକ ଯୋଗୁଁ ଏହି ବିକଳ୍ପମାର୍ଗ ଗୁଡ଼ିକ ହୋର୍ମୁଜ ପ୍ରଣାଳୀ ଦେଇ ପରିବାହିତ ବିପୁଳ ସାମଗ୍ରୀର ଦୈନିକ ପରିମାଣକୁ ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ଅସମର୍ଥ ।ସେହି ପାଇପଲାଇନଗୁଡ଼ିକ ମଧ୍ୟରୁ ଅନେକ କୁମରାମତି ଏବଂ ଉନ୍ନତିକରଣ ଆବଶ୍ୟକତା ଅଛି କିମ୍ବା ସେଗୁଡିକରେ ଯୋଗାଣ ଅଞ୍ଚଳର ରାଜନୈତିକ, ଅର୍ଥନୈତିକ କିମ୍ବା ଭୂ-ରାଜନୈତିକ ସମସ୍ୟା ଯୋଗୁଁ ବନ୍ଦ ଅଛି। ହୋର୍ମୁଜ ପ୍ରଣାଳୀ ନିଜର ଅଦ୍ୱିତୀୟ ଭୌଗୋଳିକ ଅବସ୍ଥିତି, ଅତ୍ୟାବଶ୍ୟକୀୟ ପରିବାହିତ ସାମଗ୍ରୀ ଏବଂ ଭୂ-ରାଜନୈତିକ ଚିତ୍ରପଟ୍ଟ ଦୃଷ୍ଟିକୋଣରୁ ଭାରତ ଏବଂ ସମଗ୍ର ବିଶ୍ୱରେ ଶକ୍ତି ସୁରକ୍ଷା ତଥା ଆନ୍ତର୍ଜାତୀୟ ବାଣିଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ। ସୁତରାଂ ଆଗାମୀ ଦିନରେ ଯେ ଏହି ପ୍ରଣାଳୀ ବିଭିନ୍ନ ସ୍ଥାନୀୟ ରାଷ୍ଟ୍ର ତଥା ବାହ୍ୟଶକ୍ତିଙ୍କ ପାଇଁ ଏକ ପ୍ରମୁଖ ରଣନୈତିକ ଜଳପଥ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ






**ବାଲେଶ୍ୱର:** ଓଡ଼ିଆ ପକ୍ଷ ପାଳନ ଅନ୍ତର୍ଗତ 'ଆମ ପୋଷାକ ଆମ ପରିଚୟ' ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ହସ୍ତତନ୍ତ ପୋଷାକ ପରିଧାନ **(ଫଟୋ:ସମ୍ବାଦ କଳିକା)**

# ଗୋପାଳପୁର ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗୋପାଳପୁର ବେଳାଭୂମିରେ ଯୁବତୀଙ୍କ ଗଣ ଦୁଷ୍କର୍ମ ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା । ଇତି ମଧ୍ୟରେ ଏହି ଘଟଣାକୁ ପ୍ରାୟ ୧୦ ମାସ ବିତିଛି । ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି । କିନ୍ତୁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଯେଭଳି ବ୍ୟବସ୍ଥା ଗ୍ରହଣ କରିବା କଥା ତାହା ଦେଖିବାକୁ ମିଳୁନାହିଁ । ଗଣଦୁଷ୍କର୍ମ ଘଟଣା ପରେ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କୁ ସୁରକ୍ଷା ପାଇଁ ବେଳାଭୂମିରେ ସିସି କ୍ୟାମେରା ଓ ଆଲୋକୀକରଣ ବ୍ୟବସ୍ଥା ତ୍ୱରାନ୍ୱିତ କରାଯିବ ବୋଲି ଘୋଷଣା କରାଯାଇଥିଲା । କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ଯେତିକି ଲାଇଟ୍ ରହିଛି, ତାହା ବେଳାଭୂମିକୁ ଆଲୋକିତ କରିବାରେ ସକ୍ଷମ ହୋଇପାରୁନାହିଁ । ଫଳରେ ପର୍ଯ୍ୟଟକ ନିଜକୁ ଅସୁରକ୍ଷିତ ମନେ କରି ସନ୍ଧ୍ୟା ପୂର୍ବରୁ ଫେରିଯିବା ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ସାଧାରଣତଃ ହରିପୁର ମୁହାଣ ଠାରୁ ଆରମ୍ଭ କରି ମେ' ଫେୟାର୍ ହୋଟେଲ୍ ବେଳାଭୂମି ପର୍ଯ୍ୟନ୍ତ ପର୍ଯ୍ୟଟକ ବୁଲାବୁଲି କରିଥାନ୍ତି । ଏବେ ସନ୍ଧ୍ୟା ସମୟରେ ପୂର୍ବଭଳି ଲୋକଙ୍କ ଗହଳି ଦେଖିବାକୁ ମିଳୁନାହିଁ । ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏଥିସହ ଏନ୍ଏସି ପକ୍ଷରୁ ମୁଖ୍ୟ ବେଳାଭୂମିରେ କିଛିଟା ଆଲୋକୀକରଣ ବ୍ୟବସ୍ଥା କରାଯାଇଛି । କିନ୍ତୁ ତାହା ପର୍ଯ୍ୟାପ୍ତ ହେଉନଥିବା ବେଳେ ସିସି କ୍ୟାମେରା ଖଞ୍ଜା ଯାଇନାହିଁ । ଗଣଦୁଷ୍କର୍ମ ଘଟଣା ପରେ ବେଳାଭୂମିରେ ଆଲୋକୀକରଣ ଓ ସିସି କ୍ୟାମେରା ଲଗାଯିବା ନେଇ ପ୍ରଶାସନ ପକ୍ଷରୁ ଯେଭଳି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯିବା କଥା ତାହା ହୋଇପାରିନାହିଁ । ଏନ୍ଏସି ପକ୍ଷରୁ ବିଭିନ୍ନ ଛକ ମାନଙ୍କରେ ସିସି କ୍ୟାମେରା ଲଗାଯାଇଥିବା ବେଳେ କିଛିଟା କାମ କରୁଥିବା ବେଳେ କିଛି କ୍ୟାମେରା ଅଚଳ ହୋଇ ପଡ଼ିରହିଛି । ବେଳାଭୂମିରେ ଲାଗିଥିବା ଲାଇଟ୍‌ଗୁଡ଼ିକ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିବା ମଧ୍ୟ ଦେଖିବାକୁ ମିଳିଛି । ସନ୍ଧ୍ୟା ପରେ ବେଳାଭୂମିରେ ଲାଗିଥିବା ଦୁଇଟି ହାଇମାଷ୍ଟ ଲାଇଟ୍ ହିଁ ଆଲୋକୀକରଣର ସାହାରା ହୋଇଛି । ଏହି ଲାଇଟ୍ ଦ୍ୱାରା ମୁଖ୍ୟ ବେଳାଭୂମି କେବଳ ଆଲୋକିତ ହେଉଥିବା ବେଳେ ଅନ୍ୟ ଅଞ୍ଚଳ ଅନ୍ଧାର ରହୁଛି । ଏହାର ଫାଇଦା ନେଇ ଅସାମାଜିକମାନେ ଘୁରି ବୁଲୁଛନ୍ତି । ଏଣୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ତୁରନ୍ତ ଆଲୋକୀକରଣ ସହ ସିସି କ୍ୟାମେରା ଲଗାଇବାକୁ ସାଧାରଣରେ ଦାବି ହୋଇଛି । ଏନେଇ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ନାହାକଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ, ବେଳାଭୂମି ସମେତ ଅଞ୍ଚଳରେ ଲାଗିଥିବା କେତେକ ସିସି କ୍ୟାମେରା ଖରାପ ରହିଛି । ତାହାକୁ ତୁରନ୍ତ ସଜାଡ଼ିବା ପାଇଁ କୁହାଯାଇଛି । ଏହା ସହିତ ବେଳାଭୂମିରେ ଆଲୋକୀକରଣ କରାଯାଇଛି । ଏହାକୁ ଅଧିକ ବ୍ୟାପକ କରିବା ଉପରେ ପଦକ୍ଷେପ ନିଆଯିବ ।

## ଚୌଦ୍ୱାର ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବଢୁଛି

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଗତ କିଛିଦିନ ହେଲା ଚୌଦ୍ୱାର ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ବୁଧବାର ବିଳମ୍ବିତ ରାତିରେ ଚୋରମାନେ ଚୌଦ୍ୱାର କଲେଜ ଭିତର ପଶି କଲେଜର ଗୋପବନ୍ଧୁ କକ୍ଷରେ ନୂତନ ଭାବେ ଲାଗିଥିବା ଏସି ମେସିନ୍ ଗୁଡ଼ିକର ପଛପଟେ ଲାଗିଥିବା ତମ୍ବା ପାଇପ୍‌କୁ କାଟି ନେଇଥିବା ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଚୌଦ୍ୱାର ଥାନାରେ ଅଭିଯୋଗ କରିଛନ୍ତି । ସେହିପରି ଧୂମାବତୀ ଛକରେ ଥିବା ଏକ କଫି ବାର୍‌ରେ ଶୁକ୍ରବାର ଭୋର୍ ସମୟରେ ଚୋରମାନେ ପଶି ଦୋକାନର ବହୁ ସାମଗ୍ରୀ ଲୁଟି ନେଇଥିବା ଦୋକାନ ମାଲିକ ବିଜୟାନନ୍ଦ ସାହୁ ଥାନାରେ ଅଭିଯୋଗ କରିଛନ୍ତି । ବାଟବୁଢ଼ୀ କଲୋନୀରେ ରହୁଥିବା ଗୌରାଙ୍ଗ ଚରଣ ବିଶ୍ୱାଳ ଓ କାହ୍ନୁ ଚରଣ ଓଝାଙ୍କ ଘରୁ ଏସି କମ୍ପ୍ରେସର ଓ ମୋବାଇଲ୍ ଫୋନ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସେହିପରି ଗତ କିଛିଦିନ ତଳେ ଚୌଦ୍ୱାର ପୌରପାଳିକା ତରଫରୁ କପାଳେଶ୍ୱର ନୂଆସାହି ଓ ଧୂମାବତୀ ଛକରେ ଲଗାଯାଇଥିବା ଜାତୀୟ ରଜପଥ ଲାଇଟ୍ ମଧ୍ୟ ଚୋରି ହୋଇଥିବା ଜଣାପଡ଼ିଛି । ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ ସୁଦ୍ଧା ଏଯାବତ୍ କୌଣସି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଧରିବାରେ ସକ୍ଷମ ହୋଇପାରିନଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି । ପୋଲିସ୍ ତରଫରୁ ରାତ୍ର ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ବ୍ରହ୍ମପୁରରେ ହେବ ଇଏସ୍ଆଇସିର ସୁପର ସ୍ପେସିଆଲିଟି ହସ୍‌ପିଟାଲ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

କର୍ମଚାରୀ ରାଜ୍ୟ ବିମା ନିଗମ ପକ୍ଷରୁ ଦକ୍ଷିଣ ଓଡ଼ିଶାର ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି । କିଛି ମାସ ପୂର୍ବେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଇଏସ୍ଆଇସିର ୧୯୭ ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ ବୈଠକରେ ବ୍ରହ୍ମପୁର ଠାରେ ହେବାକୁ ଥିବା ଏହି ପ୍ରକଳ୍ପ ଲାଗି ଅନୁମୋଦନ ମିଳିସାରିଛି । ଏହି କ୍ରମରେ ବ୍ରହ୍ମପୁରରେ ଏକ ଆଧୁନିକ ସୁପର୍ ସ୍ପେସିଆଲିଟି ହସ୍‌ପିଟାଲ୍ ନିର୍ମାଣ କରାଯିବ । ଫଳରେ ବୀମା ହିତାଧିକାରୀ ଉନ୍ନତ ଚିକିତ୍ସା ପାଇଁ ଅନ୍ୟତ୍ର ରାଜ୍ୟ କିମ୍ବା ପଡ଼ୋଶୀ ଜିଲ୍ଲାକୁ ଦୌଡ଼ିବାକୁ ପଡ଼ିବନାହିଁ । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସମେତ ଛତ୍ରପୁର ଓ ଆସିକା ଠାରେ ଇଏସ୍ଆଇସିର ୩ଟି ଡ଼ିସ୍‌ପେନ୍‌ସର ତଥା ଚିକିତ୍ସାଳୟ ରହିଛି । ଉକ୍ତ ଡ଼ିସ୍‌ପେନ୍‌ସାରିରେ ପ୍ରାଥମିକ ଚିକିତ୍ସା ସହ ଜରୁରୀକାଳୀନ ପରିସ୍ଥିତିରେ ଅନୁବନ୍ଧିତ ଡ଼ାକ୍ତରଖାନାକୁ ରେଫର୍ କରାଯାଉଛି । ଜିଲ୍ଲାରେ ୨୦୨୪ ମାର୍ଚ୍ଚ ସୁଦ୍ଧା ଇଏସ୍ଆଇ ଅଧୀନରେ ୨୯ ହଜାର ୬୭୬ ଜଣ ହିତାଧିକାରୀ ରହିଛନ୍ତି । କିନ୍ତୁ ବ୍ରହ୍ମପୁରରେ ସୁପର ସ୍ପେସିଆଲିଟି ଚିକିତ୍ସା ସୁବିଧା ନଥିବା ବେଳେ ଉତ୍ତମ ଚିକିତ୍ସା ନିମନ୍ତେ ରୋଗୀ ବିଭିନ୍ନ ଘରୋଇ ହସ୍‌ପିଟାଲ୍ ଉପରେ ନିର୍ଭର କରିବାକୁ ପଡୁଛି । ହିତାଧିକାରୀଙ୍କ ଚିକିତ୍ସା ଲାଗି ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶରେ ୨ଟି ଏବଂ ଓଡ଼ିଶାର ୯୫ଟି ଅନୁବନ୍ଧିତ ଘରୋଇ ହସ୍‌ପିଟାଲ୍‌କୁ ରେଫର୍ କରାଯାଇଛି । ଏଭଳି କ୍ଷେତ୍ରରେ ରୋଗୀଙ୍କୁ ସଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ମିଳିବା କଷ୍ଟକର ହୋଇଛି । ଏହାକୁ ଦୃଷ୍ଟିରେ ରଖି କର୍ମଚାରୀ ରାଜ୍ୟ ବୀମା ନିଗମ ପକ୍ଷରୁ ବ୍ରହ୍ମପୁରରେ ସୁପର୍ ସ୍ପେସିଆଲିଟି ହସ୍‌ପିଟାଲ୍ ନିମନ୍ତେ ନିଷ୍ପତି ହୋଇଛି । ଏଥିନିମନ୍ତେ ଲାଞ୍ଜିପଲ୍ଲୀ ବାଇପାସ୍ ଠାରୁ ଅଳ୍ପ ଦୂରରେ ୫ ଏକର ଜମି ଚିହ୍ନଟ ସହ ଅଧିଗ୍ରହଣ ପ୍ରକ୍ରିୟା ସରିଥିବା ଜଣାପଡ଼ିଛି । ଆସନ୍ତା ୨୦୨୮ ସୁଦ୍ଧା ଏହି ହସ୍‌ପିଟାଲ୍ କାର୍ଯ୍ୟକ୍ଷମ ହେବା ନେଇ ଲକ୍ଷ୍ୟ ରଖାଯାଇଛି । ପ୍ରଥମେ ୧୦୦ ଶଯ୍ୟା ବିଶିଷ୍ଟ ଉକ୍ତ ହସ୍‌ପିଟାଲ୍‌ର କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ଭବିଷ୍ୟତରେ ଶଯ୍ୟା ସଂଖ୍ୟା ୧୫୦କୁ ବୃଦ୍ଧି କରିବା ଯୋଜନା ରହିଥିବା ପ୍ରାରମ୍ଭିକ ସୂଚନା ମିଳିଛି । ଅନ୍ୟପକ୍ଷରେ ନିୟମିତ ହିତାଧିକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗୁଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ରହ୍ମପୁରରେ ଏକ ଆଧୁନିକ ସୁପର ସ୍ପେସିଆଲିଟି ହସ୍‌ପିଟାଲ୍ ନିର୍ମାଣ କରିବାକୁ ନିଷ୍ପତି ନିଆଯାଇଛି । ଏହାଦ୍ୱାରା ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆସିବ ବୋଲି ବ୍ରହ୍ମପୁର ଶାଖା ପରିଚାଳକ ସ୍ନେହା ସିଦ୍ଧି ସୂଚନା ଦେଇଛନ୍ତି ।

## ଜିଲ୍ଲାରେ ଆରମ୍ଭ ହେଲା ସ୍ୱ-ଗଣନା କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଏପ୍ରିଲ୍ ୧ ଠାରୁ ସ୍ୱଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଟ ଜେନାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ଯେ ସେମାନେ ନିଜେ ସ୍ୱଗଣନାରେ ସାମିଲ୍ ହୋଇ ନିଜର ତଥ୍ୟ ନିଜେ ପ୍ରଦାନ କରନ୍ତୁ । ୧୫ ଦିନ ସ୍ୱଗଣନା କାର୍ଯ୍ୟକ୍ରମ ଚାଲିବା ପରେ ପ୍ରଶିକ୍ଷଣ ନେଇଥିବା ସୁପରଭାଇଜର ମାନେ ଏପ୍ରିଲ୍ ୧୬ ତାରିଖ ଠାରୁ ଘର ଘର ବୁଲି ଜନଗଣନାର ତଥ୍ୟ ସଂଗ୍ରହ କରିବେ ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି । ଆୟୋଜିତ ଏହି ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ସରୋଜ କୁମାର ବେହେରା, ଡି.ଆଇ.ଓ.ଏନ୍.ଆଇ.ସି ଶୁଭେନ୍ଦୁ ଶେଖର ସାହୁ, ଜିଲ୍ଲା ଜନଗଣନା ଇନ୍‌ଚାର୍ଜ ରଶ୍ମିରଞ୍ଜନ ମାଣିକ, କନିଷ୍ଠ ନିର୍ବାହୀ ଅଧିକାରୀ ସମର୍ଥୀ ସେନ୍ ଉପସ୍ଥିତ ଥିଲେ ।

## ବିଜେଡ଼ିକୁ ପ୍ରଭାତ, କଂଗ୍ରେସକୁ ମୋକିମ୍‌ଙ୍କ ଶକ୍ତ ଧକ୍କା





**କଟକ, ନ୍ୟୁଜ୍ ବ୍ୟୁରୋ**

ଏପ୍ରିଲ ମାସ ଆରମ୍ଭରୁ କଟକ ରାଜନୀତିରେ ବଡ଼ଧରଣର ହଲ୍‌ଚଲ୍ ଦେଖିବାକୁ ମିଳିଛି । ଗୋଟିଏ ପଟେ କଟକରେ ଦୁଇଟି ମିଶ୍ରଣପର୍ବ ଆୟୋଜନ କରି ପୂର୍ବତନ ବିଧାୟକ ଇଞ୍ଜିନିୟର ମହମ୍ମଦ ମୋକିମ ଶକ୍ତି ପ୍ରଦର୍ଶନ କରିଥିବା ବେଳେ ଅନ୍ୟପଟେ ପୂର୍ବତନ ବିଧାୟକ ପ୍ରଭାତରଞ୍ଜନ ବିଶ୍ୱାଳଙ୍କ ସପକ୍ଷରେ ବାହାରି ଶତାଧିକ ଛାତ୍ର, ଯୁବ ବିଜେଡ଼ି କର୍ମୀ ଓ କର୍ମକର୍ତ୍ତା ଦଳରୁ ଇସ୍ତଫା ଦେଇଛନ୍ତି । ମୋକିମଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ଜନତା କଂଗ୍ରେସର ଦୁଇଟି ବଡ଼ ମିଶ୍ରଣ ପର୍ବ କଟକ ତୁଳସୀପୁର ନିକଟସ୍ଥ ଖ୍ରୀଷ୍ଟିଆନ ପଡ଼ିଆରେ ଏବଂ ନିଶ୍ଚିନ୍ତକୋଇଲିର ବନ୍ଧନ ମଣ୍ଡପରେ ଆୟୋଜିତ ହୋଇଥିଲା । କଟକରେ ଆୟୋଜିତ ମିଶ୍ରଣ ପର୍ବରେ ପ୍ରାୟ ସବୁ ୱାର୍ଡରୁ ତୃଣମୂଳସ୍ତରର କଂଗ୍ରେସ ନେତା ଓ କର୍ମୀ ସାମିଲ୍ ହୋଇଥିଲେ । ଅନେକ ପୂର୍ବତନ କର୍ପୋରେଟର, ୱାର୍ଡ ସଭାପତି ଓ ସାହି ମୁରବି ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ବାରବାଟୀ-କଟକ ବିଧାୟିକ ସୋଫିଆ ଫିର୍ଦୋସ ଓ କଂଗ୍ରେସର କର୍ପୋରେଟରମାନେ କିନ୍ତୁ ଏଥିରୁ ଦୂରେଇ ରହିଥିଲେ । ଅନ୍ୟପଟେ ନିଶ୍ଚିନ୍ତକୋଇଲି ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ରମାକାନ୍ତ ବେହେରାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏବଂ କିଛି ଅନ୍ୟ ଦଳର ପଞ୍ଚାୟତସ୍ତରୀୟ ନେତା ଓ କର୍ମୀ ଓଡ଼ିଶା ଜନତା କଂଗ୍ରେସର ମିଶ୍ରଣ ପର୍ବରେ ସାମିଲ୍ ହୋଇଥିଲେ । ଗୋଟିଏ ପଟେ ମୋକିମ ଏଭଳି ମିଶ୍ରଣ ପର୍ବ ଜରିଆରେ କଂଗ୍ରେସକୁ ଚକ୍‌ମା ଦେଇଥିବାବେଳେ ଅନ୍ୟପଟେ ବିଜେଡ଼ିରୁ ବହିଷ୍କୃତ ପ୍ରଭାତ ବିଶ୍ୱାଳଙ୍କ ସପକ୍ଷରେ ଶତାଧିକ ଯୁବ-ଛାତ୍ର କର୍ମକର୍ତ୍ତା ବାହାରି ବିଜେଡ଼ିରୁ ସମୂହ ଇସ୍ତଫା ଦେଇଛନ୍ତି । ସେମାନେ ପ୍ରଭାତ ବିଶ୍ୱାଳଙ୍କ ବିରୋଧରେ ନିଆଯାଇଥିବା ପଦକ୍ଷେପର ନିନ୍ଦା କରିବା ସହିତ ଦଳର ମୁଖ୍ୟଙ୍କୁ ଏପ୍ରକାର ନିଷ୍ପତ୍ତି ପାଇଁ ସମାଲୋଚନା କରିଛନ୍ତି । ପ୍ରଭାତ ପୂର୍ବରୁ ବିଜେଡ଼ିର କର୍ପୋରେଟର, କାଉନସିଲର ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନିଜ ସହ ଏକାଠି କରି ଦଳର ନେତୃବୃନ୍ଦଙ୍କୁ ଅଡୁଆରେ ପକାଇ ଥିବାବେଳେ ଇସ୍ତଫା ପର୍ବ ଆଲୋଚନାର ପ୍ରସଙ୍ଗ ହୋଇଥିଲା । କଟକ ଜିଲ୍ଲା ମହିଳା ବିଜେଡ଼ିର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣିମା ସିଂହ ବିଜେଡ଼ିରୁ ଇସ୍ତଫା ଦେଇଥିଲେ । ଯଦିଓ ସେ ନିଜକୁ ପ୍ରଭାତଙ୍କ ପ୍ରସଙ୍ଗ ସହିତ ଜଡ଼ିତ କରିନାହାନ୍ତି, କିନ୍ତୁ କଟକ ବିଜେଡ଼ିରେ ଆରମ୍ଭ ହୋଇଥିବା ଇସ୍ତଫା ପର୍ବ ରାଜନୀତିକୁ ସରଗରମ କରିଛି ।

## ରନ୍ଧନ ଗ୍ୟାସ୍ କଳାବଜାରୀ ଉପରେ ଚଢଉ:୩ଟି ସ୍ଥାନରୁ ୫୧ ସିଲିଣ୍ଡର ଜବତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ କାରଣରୁ ଜିଲ୍ଲାରେ ରନ୍ଧନ ଗ୍ୟାସ୍ ସଙ୍କଟ ପରିସ୍ଥିତି ଉପୁଜିଥିବା ବେଳେ ବ୍ଲକ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଜୟପୁର ସହରର ୩ଟି ସ୍ଥାନରେ ଚଢଉ କରି ୫୧ଟି ସିଲିଣ୍ଡର ଜବତ କରାଯାଇଛି । ତହସିଲଦାର ତଥା ଏନ୍‌ଫୋର୍ସମେଣ୍ଟ ଟିମ୍ ଅଧ୍ୟକ୍ଷ ସବ୍ୟସାଚି ଜେନାଙ୍କ କହିବାନୁଯାୟୀ ଅନେକ ହିତାଧିକାରୀ ଗ୍ୟାସ୍ ବହିକୁ ନିଜ ଅଧୀନରେ ରଖି ବୁକିଂ କରିବା ସହ ଏସବୁ ଗ୍ୟାସ୍ ଭର୍ତ୍ତି ଟାଙ୍କିକୁ ଅନ୍ୟତ୍ର ଚଢ଼ା ଦରରେ ବିକ୍ରି କରିଆସୁଛନ୍ତି । ବିଭିନ୍ନ କମ୍ପାନୀର ଡିପୋ ତଥା ଡିଷ୍ଟ୍ରିବ୍ୟୁଟରଙ୍କ ପାଖରୁ ଗ୍ୟାସ୍ ଟାଙ୍କି ଉଠାଇ ବ୍ୟବସାୟ କରିଆସୁଥିବାର ସୁରାକ୍ ମିଳିବା ପରେ ହଠାତ୍ ଚଢଉ କରାଯାଇଥିଲା । ପ୍ରଥମେ ବାରିଣିପୁଟ ସ୍ଥିତ କିଆ ସୋରୁମ୍ ପଛପଟେ ଥିବା ଏକ କଳାବଜାରୀ ଗୋଦାମ୍, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ୍ ପମ୍ପ ନିକଟରେ ଥିବା ଶର୍ମା ଗ୍ୟାସ୍ ଏଜେନ୍ସି ଏବଂ ଏମ୍‌ଜି ରୋଡ ନିକଟରେ ଥିବା ଏକ ଗୋଦାମ ଗୃହ ମୋଟ୍ ୩ଟି ସ୍ଥାନରେ ଚଢଉ କରି ୫୧ଟି ସିଲିଣ୍ଡର ଜବତ କରାଯାଇଛି । ଏହି ଚଢଉରେ ବିଭିନ୍ନ କମ୍ପାନୀର ଗ୍ୟାସ୍ ରହିଛି । ଇଣ୍ଡିଆନ୍, ଏଚ୍‌ପି, ଭାରତ ଗ୍ୟାସ୍ ଭଳି ସମସ୍ତ ପ୍ରକାରର ସିଲିଣ୍ଡର ଜବତ କରାଯାଇଛି । ଆଗାମୀ ଦିନରେ ବିଭିନ୍ନ ଡିଷ୍ଟ୍ରିବ୍ୟୁଟରମାନଙ୍କ ଗୋଦାମ୍ ଗୁଡିକରେ ଚଢଉ କରାଯିବ ଏବଂ କେତେ ପରିମାଣର ଗ୍ୟାସ୍ କାହାକୁ ଦିଆଯାଉଛି ତାହାର ତଦନ୍ତ କରାଯିବ । ଆଗାମୀ ଦିନରେ ମଧ୍ୟ ଏହି ଯାଞ୍ଚ ଅଭିଯାନ ଅଧିକ ଗତିଶୀଳ ହେବ ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି । ଏହି ଚଢଉ କାର୍ଯ୍ୟକ୍ରମରେ ଯୋଗାଣ ବିଭାଗ, ସଦର ପୋଲିସ, ପୌରପାଳିକାର କର୍ମଚାରୀ ଉପସ୍ଥିତ ଥିଲେ ।

## ଧର୍ମଶାଳା ତହସିଲରେ ରେକର୍ଡ଼ ରାଜସ୍ୱ ଆଦାୟ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ତହସିଲ ୨୦୨୫-୨୬ ଆର୍ଥିକ ବର୍ଷରେ ୩୮ କୋଟି ୪୯ ଲକ୍ଷ ରାଜସ୍ୱ ଆଦାୟ କରି ଜିଲ୍ଲା ଓ ରାଜ୍ୟରେ ରେକର୍ଡ କରିପାରିଛି । ଗତ ଆର୍ଥିକ ବର୍ଷରେ ଲକ୍ଷ୍ୟ ଧାର୍ଯ୍ୟ ଠାରୁ ୧୧.୬୮ ଗୁଣ ଅଧିକ ରାଜସ୍ୱ ଆଦାୟ ହୋଇଛି । କଳାପଥର, ଅନ୍ୟ ଖଣି ଖାଦାନ ଓ ବାଲିଘାଟ ମାଇନିଂସ୍ ବିଭାଗକୁ ହସ୍ତାନ୍ତର ପରେ ରାଜସ୍ୱ କମିଥିଲା । ତୈଳ ବିଶୋଧନାଗାର ପାଇଁ ଇଡ଼କୋ ୧୨ କୋଟି ୮୧ ଲକ୍ଷ ଓ ମାଇନିଂସ୍‌ରୁ ୧୮ କୋଟି ୪୨ ଲକ୍ଷ ରାଜସ୍ୱ ମିଳିଛି । ଅତିରିକ୍ତ ତହସିଲଦାର ଓ ଅନ୍ୟ କର୍ମଚାରୀଙ୍କ ସହଯୋଗରୁ ଏତେ ପରିମାଣର ରାଜସ୍ୱ ଆଦାୟ କରିବା ସମ୍ଭବ ହୋଇଥିବା ତହସିଲଦାର ସମୀର ରଞ୍ଜନ ଦାସ ସୂଚନା ଦେଇଛନ୍ତି ।



## କୈବର୍ତ୍ତ ସଂଘର ୧୨୮ ତମ ନାବକେଳି ଉତ୍ସବ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ବ୍ଲକ ଅନ୍ତର୍ଗତ ଷଠିପୁର ନିଖିଳ ଉତ୍କଳ ପତିତପାବନ କୈବର୍ତ୍ତ ସଂଘର୧୨୮ ତମ ନାବକେଳି ଉତ୍ସବ ଏକ ପବିତ୍ରମୟ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଉଛି । କୈବର୍ତ୍ତ ଗୀତାରେ ଉଲ୍ଲେଖ ରହିଛି ଯେ, ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ର ପିତା ଦଶରଥଙ୍କ ସତ୍ୟ ପାଳନ କରି ଚଉଦ ବର୍ଷ ବନବାସ ସମୟରେ ସରଜୁ ନଦୀ ପାର କରାଇଥିଲେ ଯାହାଙ୍କ ନାମ ଥିଲା ଦାଶରାଜା । ତାଙ୍କ ନିଷ୍ଠା ଭକ୍ତିରେ ପ୍ରୀତ ହୋଇ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଗୋଟିଏ ଘୋଟକ ପୁରସ୍କାର ଭାବେ ଦେଇଥିଲେ । ସେହି ପବିତ୍ର କୃପା ଆଶିର୍ବାଦକୁ ସ୍ମରଣ ପୂର୍ବକ କୈବର୍ତ୍ତମାନେ ଏହି ଦିବସରେ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରି ପୂଜାର୍ଚ୍ଚନା କରିଥାନ୍ତି । ଏହି ପୌରାଣିକ ତଥ୍ୟକୁ ଆଧାର କରି ଷଠିପୁରର କୈବର୍ତ୍ତମାନେ ନିଜ ଘରଦ୍ୱାର ଲିପାପୋଛା କରିଥାନ୍ତି । ଏହି ଦିନରେ ନିଜ ବୋଇତକୁ ଥୋଇ ଫୁଲ, ଚନ୍ଦନ, ସିନ୍ଦୁର, ନୈବେଦ୍ୟ ଅର୍ପଣ କରି ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ଜାନକୀ ମା, ହନୁମାନଜୀଙ୍କର ମୃଣ୍ମୟ ମୂର୍ତ୍ତିକୁ ବେଦଜ୍ଞ ବ୍ରାହ୍ମଣ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରୁଛନ୍ତି । ଚଳିତ ବର୍ଷ ଚୈତ୍ର ମାସ ପୂର୍ଣ୍ଣମୀ ଠାରୁ ଏହି ଉତ୍ସବ ଖୁବ୍ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେଉଛି । ପାଞ୍ଚଦିନ ବ୍ୟାପି ଏହି ଉତ୍ସବରେ ଘୋଡ଼ାନାଚ, ପାରମ୍ପରିକ ନୃତ୍ୟ, କୀର୍ତ୍ତନ, ସଙ୍ଗୀତ ସନ୍ଧ୍ୟା, ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ସମସ୍ତ କାର୍ଯ୍ୟକ୍ରମରେ ଚକ୍ରଧର ଦାସ ଲକ୍ଷ୍ମୀଧର ତରାଇ, କେଶବଚନ୍ଦ୍ର ଦାସ, ସୁଦର୍ଶନ ପରିଡ଼ା, ରବିନ୍ଦ୍ର କୁମାର ପରିଡ଼ା, ଶ୍ରୀଧର ମାଝୀ, ବିଳାସ ମାଝୀ, ଧବଳେଶ୍ୱର ମାଝୀ, ଏକ ମାଝୀ, ଦିଲ୍ଲୀପ ତରେଇ, ବାବୁଲି ତରେଇ, ଶଙ୍କର୍ଷଣ ତରେଇ, ଗେଡନ ମାଝୀ, ଶ୍ରୀନିବାସ ମଲିକ, ଶ୍ରୀନିବାସ ପରିଡ଼ା, ଆତୁଳ ପରିଡ଼ା, ଗୁରୁଦେବ ପରିଡ଼ା, ବିଷ୍ଣୁ ପରିଡ଼ା, କାଠିନାଥ ତରେଇ, ମଣିଭଦ୍ର ମାଝୀ ପ୍ରମୁଖ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରୁଛନ୍ତି ।

## କୋରାପୁଟରେ ରେଳ ପ୍ରକଳ୍ପ ପାଇଁ ଜମି ମୂଲ୍ୟାୟନକୁ ନେଇ ପ୍ରତିବାଦ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ଚାଲୁଥିବା ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମୟରେ ନିର୍ଦ୍ଧାରିତ କମ୍ ମୂଲ୍ୟାୟନକୁ ବିରୋଧ କରି ଜମି ହରାଇଥିବା ଲୋକମାନେ ପ୍ରତିବାଦ କରିଛନ୍ତି । ଏହି ପ୍ରତିବାଦ ଜୟପୁର ବ୍ଲକ୍‌ର ଝିଲିମିଲିଗୁଡା ସ୍ଥିତ ଧନପୁର ଆର୍‌ଆଇ କାର୍ଯ୍ୟାଳୟରେ ଆୟୋଜିତ କ୍ଷତିପୂରଣ ବଣ୍ଟନ ସଭା ସମୟରେ ଘଟିଥିଲା, ଯେଉଁଠାରେ ତହସିଲଦାରଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ଜୟପୁର–ନବରଙ୍ଗପୁର ରେଳ ଲାଇନ୍ ପ୍ରକଳ୍ପ ପାଇଁ କୋରାପୁଟ ଜିଲ୍ଲାରେ ପ୍ରାୟ ୩୩୦ ରୁ ୩୩୫ ହେକ୍ଟର ଜମି ଆବଶ୍ୟକ ହୋଇଛି । ଏଥିରେ ପ୍ରାୟ ୨୪୮ ହେକ୍ଟର ବେସରକାରୀ ଜମି, ୮୧ ହେକ୍ଟର ସରକାରୀ ଜମି ଓ କିଛି ସମ୍ବେଦନଶୀଳ ଜଙ୍ଗଲ ଭୂମି ଅନ୍ତର୍ଭୁକ୍ତ । ପଡ଼ୋଶୀ ନବରଙ୍ଗପୁର ପକ୍ଷରେ ମଧ୍ୟ ପ୍ରାୟ ୧୧୦ ହେକ୍ଟର ଜମି ଆବଶ୍ୟକ ହୋଇଛି । ତେବେ ଜମି ହରାଇଥିବା ଲୋକମାନଙ୍କ ଅଭିଯୋଗ ହେଉଛି, ପ୍ରଶାସନ ପ୍ରଥମ ଶ୍ରେଣୀ ସିଚିତ ଜମି ପାଇଁ କେବଳ ଏକର ପିଛା ୨.୨୦ ଲକ୍ଷ ମୂଲ୍ୟ ଧାର୍ଯ୍ୟ କରିଛି, ଯେଉଁଠାରେ ବଜାର ମୂଲ୍ୟ ୫୦ ଲକ୍ଷରୁ ଅଧିକ ଅଛି । ଆକାମ୍ବା ଗାଁର ଜମି ହରାଇଥିବା ରାମ ପାଣିଗ୍ରାହୀ କହିଛନ୍ତି, ଏତେ ମୂଲ୍ୟବାନ ସିଚିତ ଜମିକୁ ଏତେ କମ୍ ଦରରେ ମୂଲ୍ୟାୟନ କରାଯିବା ଅନ୍ୟାୟ । ଏମିତି କ୍ଷତିପୂରଣକୁ ଆମେ ମାନିବୁ ନାହିଁ । ବଡକୌଡ଼ି ଗାଁର ପ୍ରହ୍ଲାଦ ମଧ୍ୟ ପ୍ରଶ୍ନ କରି କହିଛନ୍ତି, ସରକାରୀ ଜମିକୁ ଏମିତି କମ୍ ଦରରେ ଦିଆଯାଏ ନାହିଁ, ତେବେ ଆମ ଜମି ପାଇଁ କାହିଁକି ଏତେ କମ୍ ମୂଲ୍ୟ ଧାର୍ଯ୍ୟ କରାଯାଇଛି ? ପ୍ରତିବାଦକାରୀମାନେ ବର୍ତ୍ତମାନ ବଜାର ମୂଲ୍ୟ ଅନୁଯାୟୀ କ୍ଷତିପୂରଣ ନିର୍ଦ୍ଧାରଣ, ପାର୍ଶ୍ୱବର୍ତ୍ତୀ ପ୍ରଭାବିତ ଜମିକୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଦେବା ସହ ରେଳ ପ୍ରକଳ୍ପରେ ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଦେବାକୁ ଦାବି କରିଛନ୍ତି । ଏପରିସ୍ଥିତିରେ ଜୟପୁର ତହସିଲଦାର ସବ୍ୟସାଚୀ ଜେନା କହିଛନ୍ତି, ଜମି ମୂଲ୍ୟାୟନ ଦୁଇ ବର୍ଷ ପୂର୍ବରୁ ରେଜିଷ୍ଟ୍ରି ତଥ୍ୟ ଆଧାରରେ କରାଯାଇଥିଲା । କେହି ଅସନ୍ତୁଷ୍ଟ ଥିଲେ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଆପିଲ କରିପାରିବେ ବୋଲି ସେ କହିଛନ୍ତି । ଏହି ଘଟଣା ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣକୁ ନେଇ ଦକ୍ଷିଣ ଓଡ଼ିଶାରେ ବଢୁଥିବା ଅସନ୍ତୋଷକୁ ପ୍ରକାଶ କରୁଛି ।

### ////// କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗସ୍-୨୦୨୬ //////

## ମେଡିସିନ୍ କ୍ୟାଟେଗୋରୀରେ ମହତ୍ୱପୂର୍ଣ୍ଣ ସ୍ଥାନରେ ସୋଆ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସମ୍ମାନଜନକ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍-୨୦୨୬ (ମେଡିସିନ୍ କ୍ୟାଟେଗୋରୀ)ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ଼ି ଟୁ ବି ବିଶ୍ୱବିଦ୍ୟାଳୟ ମହତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି । ବିଷୟ ଭିତ୍ତିକ ମେଡିସିନ୍ କ୍ୟାଟେଗୋରୀରେ ୭୦୧-୮୫୦ ବ୍ରାକେଟ୍‌ରେ ସ୍ଥାନୀତ ହୋଇ ସୋଆ ବିଶ୍ୱସ୍ତରୀୟ ଶୈକ୍ଷିକ ଓ ଗବେଷଣାତ୍ମ ଉତ୍କର୍ଷତା ନିମନ୍ତେ ନିଜକୁ ପ୍ରତିପାଦିତ କରିପାରିଛି । ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଦେଶର ଅଗ୍ରଣୀ ମେଡିକାଲ୍ କଲେଜ ଭାବେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍‍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍‍ୟାଙ୍କିଙ୍ଗସ୍‌ରେ ୧୫ ତମ ସ୍ଥାନ ହାସଲ କରିଥିବା ବେଳେ ବିଶ୍ୱ ବିଦ୍ୟାଳୟ କ୍ୟାଟେଗୋରୀରେ ସୋଆ ୧୫ ତମ ସ୍ଥାନରେ ରହିଛି । ପୂର୍ବ ଭାରତର ଅଗ୍ରଣୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୨୦୦୫ ମସିହାରୁ ଓଡ଼ିଶା ଏବଂ ଏହାର ପଡ଼ୋଶୀ ରାଜ୍ୟର ଅଧିବାସୀଙ୍କୁ ଉତ୍କୃଷ୍ଟମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛି । ବିଗତ ବର୍ଷ



ଗୁଡ଼ିକରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଏବଂ ସୁଲଭ ମୂଲ୍ୟର ହସ୍ପିଟାଲ୍ ବ୍ୟବସ୍ଥାକୁ ନେଇ ସମାଜର ସବୁ ବର୍ଗରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଏକ ପ୍ରମୁଖ ନାମ ଭାବେ ଉଭା ହୋଇଛି । କୁଶଳୀ ବିଶେଷଜ୍ଞଙ୍କୁ ନେଇ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ଏହି ଅନୁଷ୍ଠାନ ନିଜର ଭିତ୍ତିଭୂମିରେ ମଧ୍ୟ ବିଶେଷ ଉନ୍ନତି ଘଟାଇଛି । ଏହି ସଫଳତା ସୋଆର ଡାକ୍ତରୀ ଚିକିତ୍ସା, ଗବେଷଣା ଓ ରୋଗୀ ସେବା କ୍ଷେତ୍ରରେ ଉତ୍କର୍ଷତାକୁ ଉଭୟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ପ୍ରତିପାଦିତ କରିଛି ।

## ହିଣ୍ଡାଲକୋ ପକ୍ଷରୁ ପ୍ରକଳ୍ପ ବସୁଧା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ହୀରାକୁଦ ଅଞ୍ଚଳର କୃଷି ଏବଂ କୃଷକଙ୍କ ଉନ୍ନତିକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ହିଣ୍ଡାଲ୍‌କୋ, ହୀରାକୁଦ କମ୍ପ୍ଲେକ୍ସ ତାହାର ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ "ପ୍ରକଳ୍ପ ବସୁଧା" ମାଧ୍ୟମରେ ବହୁମୁଖୀ ଉନ୍ନତି ଯୋଜନା କାର୍ଯ୍ୟକାରୀ କରୁଛି । ହିଣ୍ଡାଲ୍‌କୋ ହୀରାକୁଦ କମ୍ପ୍ଲେକ୍ସର ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀଙ୍କ ପରାମର୍ଶ ଏବଂ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେଙ୍କ ତତ୍ୱାବଧାନରେ କ୍ରମେ ପ୍ରକଳ୍ପ ବସୁଧା ମାଧ୍ୟମରେ ଚାଷ, ଗୋ-ପାଳନ, ଛେଳି ପାଳନ, ମାଛ ଚାଷ, ଛତୁ ଚାଷ ଓ ପନିପରିବା ଚାଷ ପ୍ରଭୃତି କୃଷି ଭିତ୍ତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଉଛି । ଏହି କ୍ରମରେ ହିଣ୍ଡାଲ୍‌କୋ ହୀରାକୁଦ ପକ୍ଷରୁ ମହମ୍ମଦପୁର ଗ୍ରାମର ମହିଳା ଚାଷୀ ନଳିନୀ ମାହାକୁଡ ଏବଂ ଆର୍.ଆର୍. କଲୋନୀର ସୁନିତା ପାରେଖଙ୍କୁ ଉନ୍ନତ ମାନର ଦୁଧିଆଳୀ ଗାଈ ପ୍ରଦାନ କରାଯାଇଛି । ଏହାଦ୍ୱାରା ସେମାନଙ୍କର ଆର୍ଥିକ ଉପାର୍ଜନରେ ସହାୟକ ହେବ ବୋଲି ଆଶା କରାଯାଉଛି । ପ୍ରକାଶ ଥାଉକି, ପୂର୍ବରୁ ମଧ୍ୟ ହିଣ୍ଡାଲ୍‌କୋ ହୀରାକୁଦ ତରଫରୁ ଏହି ଅଞ୍ଚଳର ବହୁ ଚାଷୀଙ୍କୁ ଗାଈ, କୁକୁଡ଼ା ଓ ଛେଳି ପରି ଉନ୍ନତମାନର ପ୍ରାଣୀ ସମ୍ପଦ ପ୍ରଦାନ କରାଯାଇଥିଲା, ଯାହାଦ୍ୱାରା ସେମାନଙ୍କର ଜୀବିକା ଓ ଆୟ ସୂଚନାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଦୁଧିଆଳୀ ଗାଈ ପାଇଥିବାରୁ ଆର୍.ଆର୍. କଲୋନୀର ସୁନିତା ପାରେଖ ଏବଂ ମହମ୍ମଦପୁର ଗ୍ରାମର ମହିଳା ଚାଷୀ ନଳିନୀ ମାହାକୁଡ ହିଣ୍ଡାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଆନ୍ତରିକ ସାଧୁବାଦ ଜଣାଇଥିଲେ ।

## ଆଜି ବି ଶୋଷ ମେଣ୍ଟାଉଛି ଚୂଆ ପାଣି:ଡହଳ ବିକଳ ପୂଜାରୀପୁଟ ଗ୍ରାମବାସୀ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକରେ ଜଳ କଷ୍ଟ । ଆଜିବି ଶୋଷ ମେଣ୍ଟାଉଛି ଚୂଆ ପାଣି । ଏପ୍ରିଲ ଆରମ୍ଭରୁ ବଢୁଛି ଜଳକଷ୍ଟ, ପାଣି ମୁନ୍ଦାଏ ପାଇଁ ଡହଳ ବିକଳ ଗ୍ରାମବାସୀ । କେବଳ ଯେ ଖରା ଦିନେ ନୁହେଁ ଏଠାରେ ବର୍ଷ ତମାମ୍ ଲାଗିରହିଥାଏ ଜଳ ଯନ୍ତ୍ରଣା । ପାଣି ସମସ୍ୟାକୁ ନେଇ ବହୁବାର ଅଭିଯୋଗ ହୋଇଛି ହେଲେ ଫଳ ଶୂନ୍ । କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ରାମଗିରି ପଞ୍ଚାୟତ ପୂର୍ବତନ ଜିଲ୍ଲା ପରିଷଦ ହୀରାମନଣି ପୂଜାରୀଙ୍କ ଗାଁ ପୂଜାରୀପୁଟ ଗାଁରେ ଏଭଳି ଦେଖିବାକୁ ମିଳିଛି । ପୂଜାରୀପୁଟରେ ଜଳ ଯନ୍ତ୍ରଣା ଜଳଜଳ ହୋଇ ଦେଖାଯାଉଛି । ପରିବାରର ଶୋଷ ମେଣ୍ଟାଇବା ପାଇଁ ଘରର ମାଆମାନେ ପ୍ରତିଦିନ କରୁଛନ୍ତି ସଂଘର୍ଷ । ଚୂଆ ପାଣି ହିଁ ଏମାନଙ୍କର ଏକମାତ୍ର ବିକଳ୍ପ । ଦୀର୍ଘ ବର୍ଷ ଧରି ପୂଜାରୀପୁଟରେ ୮୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ଗାଁରେ ପ୍ରଶାସନ ତରଫରୁ ପାନୀୟ ଜଳ ଯୋଗାଣ ପାଇଁ ଚାରୋଟି ନଳକୂପ ଓ ଦୁଇଟି ସୋଲାର ପାଣି ପମ୍ପ ବ୍ୟବସ୍ଥା କରାଯାଇଛି,



ହେଲେ ତାହା ସବୁ ଅଚଳ । କେବଳ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଥିବା ଗୋଟିଏ ନଳକୂପ ଚାଲିଛି, ସେଥିରୁ ବି ମଇଳା ପାଣି ବାହାରୁଛି । ଏନେଇ ବହୁବାର ଅଭିଯୋଗ କଲେ ବି କେହି ଦୃଷ୍ଟି ଦେଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ହୀରାମଣି ପୂଜାରୀ ଏବଂ ଗ୍ରାମବାସୀ । ଏଠାରେ ରାତି ପାହିଲେ ଗାଁ ଲୋକଙ୍କୁ ପାଣି ଚିନ୍ତା । ମହିଳା ମାନେ ହାତରେ ଗରା ବାଲ୍ଟି ଧରି ବାହାରି ପଡୁଛନ୍ତି । ପିଇବା ଓ ଗାଧୁଆ ପାଧୁଆ ପାଇଁ ଗାଁ ଠାରୁ ଏକ କିଲୋମିଟର ଦୂରରେ ଥିବା ଚୂଆ କୁଣ୍ଡରୁ ପାଣି ସଂଗ୍ରହ କରୁଛନ୍ତି । କେଉଁଠି ମଜା ଗସା ହୁଏ ସେଇଠୁ ପିଇବା ପାଣି ବ୍ୟବହାର ହୁଏ । ଗାଁରେ ବିଶୁଦ୍ଧ ପାଣି ସୁବିଧା ନାହିଁ ଏଣୁ ବାଧ୍ୟ ହୋଇ ଦୂଷିତ ପାଣି ବ୍ୟବହାର କରୁଛନ୍ତି । ପାଣି ସମସ୍ୟାକୁ ନେଇ ବହୁବାର ଅଭିଯୋଗ କଲେ ବି ଫଳ ଶୂନ୍ ଏଣୁ ଅଗାମୀ ଦିନରେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ଗାଁ ଲୋକେ ।

## ଭୁବନ ସହରରେ ବୁଲିଲା ହାତୀ

**ଭୁବନ, ନ୍ୟୁଜ୍ ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଅଞ୍ଚଳରେ ବାରମ୍ବାର ହାତୀ, ଭାଲୁ, ବାରହା ପ୍ରଭୃତି ଜଙ୍ଗଲି ଜନ୍ତୁ ବୁଲୁଥିବାର ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି । ଗୁରୁବାର ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ସୁକିନ୍ଦା ପଟରୁ ଗୋଟାଏ ଦନ୍ତା ହାତୀ ଆସି ଭୁବନ କଲେଜ ଛକ ନିକଟରେ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ହୋହାଲ୍ଲା କରି ହାତୀକୁ ଘଉଡ଼ାଇଥିଲେ । ଏ ସମ୍ପର୍କରେ ଖବର ପାଇ ଫରେଷ୍ଟ ରେଞ୍ଜର ରାକେଶ କୁମାର ଦଳେଇ ସଦଳବଳେ ହାତୀକୁ ୫୩ ନମ୍ବର ଜାତୀୟ ରାଜପଥରେ ଘଉଡ଼ାଇ ନେଇ କୋର୍ଟ ଛକ, ଭୂଷଳ ଗ୍ରାମ ଦେଇ ବ୍ରାହ୍ମଣୀ ନଦୀ ପାର୍ କରାଇ ସକାଳ ୬ଟା ସମୟରେ ଦଳାର ବିଟ୍‌କୁ ହସ୍ତାନ୍ତର କରିଥିଲେ । ହାତୀଟି ଭୁବନ ସହରରେ ଦୀର୍ଘ ସମୟ ବିଚରଣ କରିଥିଲେ ମଧ୍ୟ କୌଣସି ଅନିଷ୍ଟ କରିନଥିଲା ଏବଂ ଯିବା ସମୟରେ ବ୍ରାହ୍ମଣୀ ନଦୀରେ ସ୍ନାନ କରିଯାଇଥିଲା ।

# ଆଇପିଏଲରେ ଇତିହାସ ରଚିଲେ ମହମ୍ମଦ ଶାମି



**ନୂଆଦିଲ୍ଲୀ**

ମହମ୍ମଦ ଶାମି ୨୦୨୬ ଆଇପିଏଲ ସିଜିନରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲଏସଜି) ପାଇଁ ଖେଳୁଛନ୍ତି। ଟୁର୍ଣ୍ଣାମେଣ୍ଟର ୧୦ମ ଲିଗ୍ ମ୍ୟାଚ୍ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଷ୍ଟାଡିୟମରେ ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ) ଏବଂ ଲକ୍ଷ୍ନୌ ମ୍ୟାଚ୍‌ରେ ଶାମି ଏପରି ଏକ ସଫଳତା ହାସଲ କରି ଇତିହାସ ରଚିଛନ୍ତି ଯାହା ପୂର୍ବରୁ ଅନ୍ୟ କୌଣସି ବୋଲର କରିପାରି ନଥିଲେ। ଶାମି ତାଙ୍କ ୪ ଓଭରରେ ମାତ୍ର ୯ ରନ ଦେଇଥିଲେ, ୨.୨୦ ଇକୋନୋମି ରେଟରେ ବୋଲିଂ କରିଥିଲେ। ଏହା ସହିତ ସେ ୨ଟି ୱିକେଟ ମଧ୍ୟ ନେଇଥିଲେ।

ଏହି ସଂଖ୍ୟା ସହିତ ଶାମି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପାଇଁ ୪ ଓଭର ସ୍ପେଲରେ ସବୁଠାରୁ କମ୍ ରନ ଦେଇଥିବା ବୋଲର ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ କୃଣାଲ ପାଣ୍ଡ୍ୟାଙ୍କ ନାମରେ ଥିଲା। ୨୦୨୨ ସିଜନରେ, କୃଣାଲ ୨.୭୫ ଇକୋନୋମି ରେଟରେ ୪ ଓଭର ସ୍ପେଲରେ ୧୧ ରନ ଦେଇଥିଲେ। ଲକ୍ଷ୍ନୌ ପାଇଁ ସବୁଠାରୁ ମିତବ୍ୟୟୀ ସ୍ପେଲ ସହିତ ବୋଲର (୪ ଓଭର): ୨/୯ ମହମ୍ମଦ ଶାମି ବନାମ ହାଇଦ୍ରାବାଦ, ହାଇଦ୍ରାବାଦ, ୨୦୨୬ (୨.୨୦ ଇକୋନୋମି)। ୨/୧୧ କୃଣାଲ ପାଣ୍ଡ୍ୟା ବନାମ ପଞ୍ଜାବ, ପୁନେ, ୨୦୨୨ (୨.୭୫ ଇକୋନୋମି)। ୩/୧୧ କୃଣାଲ ପାଣ୍ଡ୍ୟା ବନାମ ଗୁଜରାଟ, ଲକ୍ଷ୍ନୌ, ୨୦୨୪ (୨.୭୫ ଇକୋନୋମି)।

## ପନ୍ତ ବାହିନୀର ପ୍ରଥମ ବିଜୟ

# ହାଇଦ୍ରାବାଦକୁ ୫ ୱିକେଟରେ ହରାଇଲା ଲକ୍ଷ୍ନୌ

**ନୂଆଦିଲ୍ଲୀ**

ଚଳିତ ଆଇପିଏଲରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ପ୍ରଥମ ବିଜୟ ହାସଲ କରିଛି। ହାଇଦ୍ରାବାଦକୁ ୫ ୱିକେଟରେ ହରାଇଛି। ୧୫୭ ରନର ବିଜୟ ଲକ୍ଷ୍ୟକୁ ଗୋଟିଏ ବଲ ପୂର୍ବରୁ ପୂରଣ କରି ନେଇଛି ପନ୍ତ ବାହିନୀ। ଲକ୍ଷ୍ନୌ ପକ୍ଷରୁ ଓପନର ଇଡେନ ମାକ୍ରମ ୪୫ ରନର ମୂଲ୍ୟବାନ ପାଳି ଖେଳିଥିବାବେଳେ ସାଥୀ ଖେଳାଳି ମିଚେଲ ମାର୍ଶ ୧୨ ବଲରୁ ୧୪ ରନ୍ କରିବାରେ ସକ୍ଷମ ହୋଇଛନ୍ତି। ଦଳର ଅଧିନାୟକ ଋଷଭ ପନ୍ତ ଜଗି ରହି ଖେଳିଥିଲେ। ସେ ୫୦ ବଲରୁ ୬୮ ରନ୍ କରିଛନ୍ତି। ଯାହାକି ଦଳକୁ ବିଜୟୀ କରିବାରେ ସହଯୋଗ କରିଛି। ସାଥୀ ଖେଳାଳି ଆଉଟ୍ ହେଉଥିଲେ ହେଲେ ସେ ଅପରାଜିତ ରହି ଦଳକୁ ବିଜୟୀ କରାଇଛନ୍ତି। ହାଇଦ୍ରାବାଦ ପକ୍ଷରୁ ହର୍ଷ ଦୁବେ ୨ ୱିକେଟ୍ ଅକ୍ତିଆର କରିଥିବାବେଳେ ଇଶାନ ମଲିଙ୍ଗା ଏବଂ ଶିବାଙ୍ଗ କୁମାର



ଗୋଟିଏ ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଥିଲେ। ଦଳର ବାକି ବୋଲର ୱିକେଟ୍ ଲେସ୍ ରହିଥିଲେ।

ଟସ୍ ଜିତି ପ୍ରଥମ ବୋଲିଂ ନିଷ୍ପତ୍ତି ନେଇଥିଲା ଲକ୍ଷ୍ନୌ। ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା ଲକ୍ଷ୍ନୌ। ୨୬ ରନରେ ଦଳ ୪ଟି ୱିକେଟ୍ ହରାଇଥିଲା। ଏହି ମ୍ୟାଚ୍‌ରେ ଫ୍ଲପ୍ ହୋଇଛନ୍ତି ଦୁଇ ଓପନର। ଟ୍ରାଭିସ୍ ହେଡ୍ ୭ କରିଥିବାବେଳେ ଅଭିଷେକ ଶର୍ମା ଖାତା ଖୋଲିବା ପୂର୍ବରୁ ପାଭିଲିୟନ ଫେରିଥିଲେ। ପରେ ଇଶାନ କିଷନ ମାତ୍ର ୧ ରନ କରିଥିବାବେଳେ ଲିଭିଙ୍ଗଷ୍ଟନ୍ ୧୪ ରନ କରିଥିଲେ। ୨୬ ରନରେ ୪ ୱିକେଟ ହରାଇ ଚିନ୍ତାରେ ପଡ଼ିଥିଲା। ପରେ କ୍ଲାସେନ ଏବଂ ନୀତିଶ କୁମାର ରେଡ୍ଡି ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ। ଏହି ଦୁଇ ଖେଳାଳି ଆଉଟ୍ ହେବା ପରେ ଦଳୀୟ ସ୍କୋରରେ ବଡ଼ ପରିବର୍ତ୍ତନ ହୋଇନଥିଲା। ଶେଷରେ ଦଳ ୯ ୱିକେଟ୍ ହରାଇ ୧୫୬ ରନ୍ କରିବାରେ ସକ୍ଷମ ହୋଇଥିଲା।

ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ କରିଥିବା ହାଇଦ୍ରାବାଦ ପାଇଁ ସଙ୍କଟମୋଚକ ସାଜିଥିଲେ ହେନରି କ୍ଲାସେନ୍ ଏବଂ ନୀତିଶ କୁମାର ରେଡ୍ଡି। କ୍ଲାସେନ୍ ୪୧ ବଲରୁ ୬୨ ରନ କରିଥିବାବେଳେ ନୀତିଶ କୁମାର ରେଡ୍ଡି ୩୩ ବଲରୁ ୫୬ ରନ କରିଛନ୍ତି। ସେପଟେ ଲକ୍ଷ୍ନୌ ପକ୍ଷରୁ ମହମ୍ମଦ ସାମି, ଆଭେଶ ଖାନ ଏବଂ ପ୍ରିନ୍ସ ଯାଦବ ଦୁଇଟି ଲେଖାଏଁ ୱିକେଟ୍ ନେଇଛନ୍ତି। ଦିଗେବଶ ରାଠି ଏବଂ ସିଦ୍ଧାର୍ଥ ଗୋଟିଏ ଲେଖାଏଁ ୱିକେଟରେ ସନ୍ତୁଷ୍ଟ ହୋଇଛନ୍ତି। ରବିବାରର ମ୍ୟାଚ୍‌ରେ ଲକ୍ଷ୍ନୌର ୭ ଜଣ ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କ ଛୁଇଁବାରେ ସକ୍ଷମ ହୋଇନଥିଲେ।

## ବିଶ୍ୱ ପାରା ଆର୍ଚେରୀ ର୍ୟାଙ୍କିଙ୍ଗ୍ ସିରିଜ୍

# ସ୍ୱର୍ଣ୍ଣ ଜିତିଲେ ପାୟଲ, ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର**



ଥାଇଲାଣ୍ଡର ବ୍ୟାଙ୍କକ୍ ଠାରେ ଚାଲିଥିବା ବିଶ୍ୱ ପାରା ଆର୍ଚେରୀ ର୍ୟାଙ୍କିଙ୍ଗ୍ ସିରିଜରେ ଓଡ଼ିଶାର ପାୟଲ ନାଗ ସବୁଠୁ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ମହିଳା କମ୍ପାଉଣ୍ଡ ଫାଇନାଲରେ ସେ ୧୩୯-୧୩୬ରେ ବିଶ୍ୱ ଚାମ୍ପିଅନ୍ ତଥା ଟପ୍ ସିଡ୍ ଶୀତଳ ଦେବୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିବା ସହ ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି। ଏହି ସ୍ୱର୍ଣ୍ଣିମ ସଫଳତା ପାଇଁ ପାୟଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

୧୯ ବର୍ଷୀୟା ପାୟଲ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ପୂର୍ବରୁ ସେମିଫାଇନାଲରେ ସେ ୧୪୪-୧୪୦ରେ ଦ୍ୱିତୀୟ ସିଡ୍ କାଜାଖସ୍ତାନର ଝନ୍ଡ ଆଲ୍ଟିଭୋଭାଙ୍କୁ ପରାସ୍ତ କରିଥିଲେ। ଚଳିତ ର୍ୟାଙ୍କିଙ୍ଗ୍ ସିରିଜରେ ପାୟଲ ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଛନ୍ତି। ସେ କମ୍ପାଉଣ୍ଡ ମହିଳା ଡବଲ୍ସରେ ଶୀତଳଙ୍କୁ ସାଥୀ କରି ଦେଶକୁ ପ୍ରଥମ ସ୍ୱର୍ଣ୍ଣ ଜେତି ଦେଇଥିଲେ। ଫାଇନାଲରେ ଭାରତୀୟ ଯୋଡ଼ି ୧୫୦-୧୪୭ରେ କାଜାଖସ୍ତାନ ଯୋଡ଼ିଙ୍କୁ ପରାଜିତ କରିଥିଲେ। ସେହିପରି ପୁରୁଷ କମ୍ପାଉଣ୍ଡ ଓପନରେ ବିଶ୍ୱ ଚାମ୍ପିଅନ୍ ଭାରତୀୟ ତୀରନ୍ଦାଜ ତୋମାନ କୁମାର ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଛନ୍ତି। ଫାଇନାଲରେ ସେ ୧୪୬-୧୪୨ରେ ଅଷ୍ଟ୍ରେଲିଆର ଜୋନାଥନ ମିଲନେଙ୍କୁ ପରାଜିତ କରି ସ୍ୱର୍ଣ୍ଣ ହାସଲ କରିଥିଲେ। ଚଳିତ ସିରିଜରେ ଏହା ତୋମାନଙ୍କ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ରହିଥିଲା। ପୂର୍ବରୁ ସେ ମିକ୍ସଡ୍ ଟିମ୍ ଏବଂ ପୁରୁଷ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ବ୍ୟାଙ୍କକରେ ଆୟୋଜିତ ବିଶ୍ୱ ପାରା ଆର୍ଚେରୀ ସିରିଜ୍‌ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଥିବା ପ୍ରତିଭାବାନ କ୍ରୀଡ଼ାବିତ୍ ପାୟଲ ନାଗଙ୍କୁ ଅନେକ ଅନେକ ଅଭିନନ୍ଦନ। ପାୟଲଙ୍କ ଏହି ସଫଳତା ରାଜ୍ୟର ଅଗଣିତ କ୍ରୀଡ଼ାବିତଙ୍କ ପାଇଁ ଏକ ବଡ଼ ପ୍ରେରଣା। ତାଙ୍କର ଏହି ବିଜୟ ଯାତ୍ରା ଅବ୍ୟାହତ ରହୁ ଏବଂ ସେ ଆଗାମୀ ଦିନରେ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶାର ସୁନାମକୁ ଆହୁରି ଉଜ୍ଜ୍ୱଳ କରନ୍ତୁ। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।''

# ଆଇପିଏଲ୍‌ରେ ପରବର୍ତ୍ତୀ ପିଢ଼ିଙ୍କ ଉଦୟ : ସମୀର, ପ୍ରିୟାଂଶ, ବୈଭବଙ୍କ ନିର୍ଭୀକ ବ୍ୟାଟିଂ

**ନୂଆଦିଲ୍ଲୀ**

ଚଳିତ ଆଇପିଏଲ୍‌ରେ ଗୋଟିଏ ଡବଲ୍ ହେଡର ସହ ୯ଟି ମ୍ୟାଚ୍ ସରିଲାଣି। ଏତିକି ଭିତରେ ଆଇପିଏଲ୍‌ର ପରବର୍ତ୍ତୀ ପିଢ଼ି ସେମାନଙ୍କ ବ୍ୟାଟିଂ ଯାଦୁ ଦେଖାଇ ସାରିଲେଣି। ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଓ ପ୍ରିୟାଂଶ ଆର୍ଯ୍ୟଙ୍କ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ଏବଂ ମଧ୍ୟକ୍ରମରେ ବ୍ୟାଟର ଆୟୁଷ ମହାତ୍ରେ, ଅଙ୍ଗକ୍ରିସ୍ ରଘୁବଂଶୀ ଓ ସମୀର ରିଜ୍‌ଭିଙ୍କ ଦାୟିତ୍ୱବାନ ବ୍ୟାଟିଂ ପିଢ଼ିଗତ ପରିବର୍ତ୍ତନର ସଙ୍କେତ ଦେଉଛି। ଶୁକ୍ରବାର ଚେପକ୍‌ରେ ଖେଳାଯାଇଥିବା ଚେନ୍ନାଇ ସୁପର କିଙ୍ଗ୍‌ସ ଓ ପଞ୍ଜାବ କିଙ୍ଗ୍‌ସ ମ୍ୟାଚ୍‌ରେ ୨ ଜଣ ପରବର୍ତ୍ତୀ ପିଢ଼ି ସେମାନଙ୍କ ଚମତ୍କାରିତା ଦେଖାଇଥିଲେ।

୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜେତା ଭାରତୀୟ ଦଳ ଅଧିନାୟକ ମହାତ୍ରେ ୬ ଚୌକା, ୫ ଛକା ସହ ୪୩ ବଲ୍‌ରୁ ୭୩ ରନ୍ କରି ସିଏସ୍‌କେକୁ ଲଢ଼େଇ ସୁଯୋଗ ଦେଇଥିଲେ। ପଞ୍ଜାବର ପ୍ରିୟାଂଶ ୩ ଚୌକା ଓ ୪ ଛକା ସହ ୩୫୪.୫୪ ଷ୍ଟ୍ରାଇକ୍‌ରେ ୧୧ ବଲ୍ ?ରୁ ୩୯ ରନ୍ କରି ଦଳର ବିଜୟକୁ ସହଜ କରିଥିଲେ। ଗତ ଋତୁରେ ପ୍ରିୟାଂଶ ମଧ୍ୟ ପ୍ରାୟ ୧୮୦ ଷ୍ଟ୍ରାଇକ୍‌ରେଟ୍‌ରେ ୪୭୫ ରନ୍ କରିଥିଲେ।

ରାଜସ୍ଥାନ ରୟାଲ୍ସରୁ ଖେଳୁଥିବା ବୈଭବ ଗୌହାଟୀରେ ଚେନ୍ନାଇ ବିପକ୍ଷରେ ୧୫ ବଲ୍‌ରୁ ଅର୍ଦ୍ଧଶତକ କରି ଦଳକୁ ବିଜୟ ଦେବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସେହିଭଳି ଶନିବାର ଅହମଦାବାଦରେ ୧୮ ବଲ୍‌ରୁ ୩୧ ରନ୍ କରି ଭଲ ଆରମ୍ଭ ଦେଇଥିଲେ। ତାଙ୍କ ଆଉଟ୍ ପରେ ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲ ଚମତ୍କାର ଖେଳିବାରୁ ଆରଆର ୨୧୦ ରନ୍‌ର ବିଜୟ ଲକ୍ଷ୍ୟକୁ ଶେଷ ବଲ୍‌ରେ ହାସଲ କରି ନେଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସର ରିଜ୍‌ଭି ଚଳିତ ଋତୁରେ ଖେଳିଥିବା ଦୁଇଟି ଯାକ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ଏହି ଅନ୍‌କ୍ୟାପ୍‌ଡ ବ୍ୟାଟର ମୁମ୍ବାଇ ଇଣ୍ଡିଆନ୍ସ (୯୦, ୫୧ ବଲ୍, ୭ ଚେଉକା, ୭ ଛକା)) ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ (୭୦*. ୫୧ ବଲ୍, ୫ ଚୌକା, ୪ ଛକା)ରେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। କୋଲକାତା ନାଇଟ୍ ରାଇଡର୍ସ ଏପର୍ଯ୍ୟନ୍ତ ମ୍ୟାଚ୍ ଜିତି ନଥିଲେ ମଧ୍ୟ ରଘୁବଂଶୀଙ୍କ ଚମକ ଜାରି ରହିଛି। ସେ ଦୁଇଟି ଯାକ ମ୍ୟାଚ୍‌ରେ ଏମ୍‌ଆଇ (୫୧, ୨୯ ବଲ୍, ୬ ଚେଉକା, ୨ ଛକା) ଓ ସନ୍‌ରାଇଜର୍ସ ହାଇଦ୍ରାବାଦ (୫୨, ୨୯ ବଲ୍, ୬ ଚୌକା, ୨ ଛକା) ବିପକ୍ଷରେ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି।

# ଆରଆର ବିପକ୍ଷ ମ୍ୟାଚ୍‌କୁ ଫେରିବେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ**

ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଅସୁସ୍ଥ ଯୋଗୁଁ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିପାରି ନଥିଲେ। ୫ ଥରର ଆଇପିଏଲ୍ ବିଜେତା ଏମ୍‌ଆଇ ମଙ୍ଗଳବାର ଗୁଆହାଟୀରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍‌ରେ ପାଣ୍ଡ୍ୟା ଫେରିବାକୁ ପ୍ରସ୍ତୁତ ଅଛନ୍ତି। ଦିଲ୍ଲୀ ବିପକ୍ଷ ମ୍ୟାଚ୍ ପରେ କିଛି ଦିନ ହେବ ଅଭ୍ୟାସଠୁ ଦୂରେଇ ରହିଥିବା ପାଣ୍ଡ୍ୟା ଦଳ ସହ ଗୁଆହାଟୀ ଯାତ୍ରା କରିଛନ୍ତି। କିନ୍ତୁ ସୂଚନା ମିଳୁଛି ଯେ ପ୍ରତିଯୋଗିତା ସଂପ୍ରତି ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବାରୁ ଏହି ତାରକା ଅଲ୍‌ରାଉଣ୍ଡରଙ୍କୁ ଅଧିକ ଚାପ ନ ଦେବା ଉଦ୍ଦେଶ୍ୟରେ ଦିଲ୍ଲୀ ବିପକ୍ଷ ମ୍ୟାଚ୍ ଖେଳିବାକୁ ଦଳୀୟ ମ୍ୟାନେଜ୍‌ମେଣ୍ଟ ଚାହିଁ ନଥିଲା। କିନ୍ତୁ ପାଣ୍ଡ୍ୟା ଦିଲ୍ଲୀ ଆସିଥିଲେ ହେଲେ ଅସୁସ୍ଥତା ଯୋଗୁଁ ଦୁଇ ଅଭ୍ୟାସ ଅଧିବେଶନରେ ଭାଗ ନେଇ ନଥିଲେ।

ତାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟଙ୍କ ନେତୃତ୍ୱରେ ଏମ୍‌ଆଇ ଚୂଡ଼ାନ୍ତ ଏକାଦଶରେ ଏକାଧିକ ପରିବର୍ତ୍ତନ କରି ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିଥିଲେ ମଧ୍ୟ ପରାଜୟ ବରଣ କରିଥିଲା। ସମୀର ରିଜ୍‌ଭୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦିଲ୍ଲୀ ୧୮.୧ ଓଭରରେ ୧୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ୪ ୱିକେଟ୍ ହରାଇ ହାସଲ କରି ନେଇଥିଲା।

# ଏକେ ୱାରିଅର୍ସ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଭୀମ ୱାରିଅର୍ସ ଖଇରପାଲି ଚାମ୍ପିଅନ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଲିଆରୀ ଗ୍ରାମରେ ଏ.କେ ୱାରିଅର୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଖେଳପଡ଼ିଆ ଠାରେ ୧ ତାରିଖରୁ ଆରମ୍ଭ ହୋଇ ୩ ତାରିଖରେ ଉଦ୍‌ଯାପିତ ହୋଇ ଯାଇଛି। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବରେ ଗାଇସିଲେଟ ବନପାଳ ରାଜେନ୍ଦ୍ର କୁମାର ସିଂ ଓ ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ସୁଶାନ୍ତ ପଣ୍ଡା, ବନରକ୍ଷୀ ଅଜୟ କୁମାର ଦାଶ, ରସିକ




ମଲ୍ଲିକ, ରାମ ବାରିକ ଓ ରଞ୍ଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୧୬ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ବେଳେ ଖଇରପାଲି ଓ ଲାରମ୍ଭା ଫାଇନାଲ ମ୍ୟାଚ୍‌କୁ ଉନ୍ନୀତ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ରମ୍ଭା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୫୯ ରନ୍ କରିଥିଲା ଜବାବରେ ଖଇରପାଲି କ୍ରିକେଟ କ୍ଲବ ୧ ଉଇକେଟ ହରାଇ ୫ ଓଭରରେ ୬୦ ରନ୍ କରିବାରେ ସକ୍ଷମ ହୋଇଥିଲା। ଏହି ମ୍ୟାଚ୍ ଖଇରପାଲି ଅତି ସହଜରେ ଜିତି ଚାମ୍ପିଅନ ହୋଇଥିବା ବେଳେ ପରିଶେଷରେ ବିଜେତା ଦଳକୁ ଟ୍ରଫି ସହ ୭୪୧୧ ଟଙ୍କା ରନର୍ସଅପ୍ ଦଳ ପାଇଁ ଟ୍ରଫି ସହ ୫୪୨୧ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଦିବାକର ସାହୁ, ଦେବେନ୍ଦ୍ର ଭୋଇ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ଲକ୍ଷ୍ମଣ ଭୋଇ ସ୍କୋରର ଭାବରେ ଦାୟିତ୍ୱ ତୁଲାଇଥିଲେ। ଧୀରେନ୍ଦ୍ର ନନ୍ଦ, ରୁଦ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଏ.କେ ୱାରିଅର୍ସ କ୍ରିକେଟ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟଟି ସଫଳ ହୋଇଥିଲା।

# ୪୩ ରନରେ ଜିତିଲା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

**ଚେନ୍ନାଇ**

ଚେନ୍ନାଇ ସୁପର କିଙ୍ଗସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦମଦାର୍ ବିଜୟ ହାସଲ କରିଛି। ବେଙ୍ଗାଲୁରୁ ଦେଇଥିବା ୨୫୧ ରନର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରିବାରେ ଚେନ୍ନାଇ ବିଫଳ ହୋଇଛି। ଦଳ ୧୯.୪ ଓଭରରେ ୨୦୭ ରନରେ ଅଲ୍ ଆଉଟ୍ ହୋଇଯାଇଛି। ଫଳରେ ସିଏସକେ ବିଜୟଠୁ ୪୩ ରନ୍ ଦୂରରେ ରହିଯାଇଛି।

ଆରସିବିର ଟପ୍ ଅର୍ଡରଠୁ ନେଇ ମଧ୍ୟକ୍ରମ ବ୍ୟାଟର ସମସ୍ତେ ଧୂଆଁଧାର ବ୍ୟାଟିଂ କରିଥିଲେ। ବିଶେଷ କରି ଅଧିନାୟକ ରଜତ ପାଟିଦାର ୧୯ ବଲରୁ ୪୮ ରନ ଓ ଟିମ୍ ଡେଭିଡ୍ ୨୫ ବଲରୁ ୭୦ ରନର ବିଧ୍ୱଂସୀ ଇନିଂସ ଖେଳିଥିଲେ। ଟସ୍ ଜିତି ଚେନ୍ନାଇ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ହେଲେ ଅଧିନାୟକ ଋତୁରାଜ ଗାଏକ୍ୱାଡ଼ଙ୍କ ଏହି ନିଷ୍ପତ୍ତି ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଆରସିବି ପକ୍ଷରୁ ଓପନିଂରେ ୩୭ ରନ ଯୋଡ଼ିଥିଲେ ବିରାଟ କୋହଲି



ଓ ଫିଲିପ ସଲ୍ଟ। କୋହଲି ୨୮ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଦେବଦତ୍ତ ପାଡିକଲ ଓ ଫିଲିପ ସଲ୍ଟ ୨ୟ ୱିକେଟ୍ ପାଇଁ ୫୬ ରନ ଯୋଡ଼ିଥିଲେ। ଫିଲିପ ସଲ୍ଟ ୩୦ ବଲରୁ ୩ ଚୌକା ଓ ୨ ଛକା ସହ ୪୬ ରନ କରି ପାଭିଲିୟନ ଫେରିଥିଲେ।

ମଧ୍ୟକ୍ରମରେ ଦେବଦତ୍ତ ପାଡିକଲ ଏକ ଦମଦାର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ପାଡିକଲ ୨୯ ବଲରୁ ୫ ଚୌକା ଓ ୨ ଛକା ସହାୟତାରେ ୫୦ ରନ କରିଥିଲେ। ପାଟିଦାର ୧୯ ବଲରୁ ୧ ଚୌକା ଓ ୬ ଛକା ସହାୟତାରେ ୪୮ ରନ ଓ ଟିମ୍ ଡେଭିଡ୍ ମାତ୍ର ୨୫ ବଲରୁ ୩ ଚୌକା ଓ ୮ ଛକା ସହ ୭୦ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଫଳରେ ବେଙ୍ଗାଲୁରୁ ନିର୍ଦ୍ଧାରିତ ଓଭରରେ ୩ ୱିକେଟ୍ ହରାଇ ୨୫୦ ରନ କରିଥିଲା।

୨୫୧ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଚେନ୍ନାଇ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା। ଋତୁରାଜ ଗାଏକୱାଡ୍ ଏବଂ ଆୟୁଷ ମାତ୍ରେ ସଅଳ ଆଉଟ୍ ହୋଇଥିଲେ। ସଞ୍ଜୁ ସାମସନ୍ ମଧ୍ୟ କିଛି କରିସ୍ମା କରିପାରିନଥିଲେ। ତେବେ ସରଫରାଜ୍ ଖାନ୍ ବିସ୍ଫୋରକ ପାଳି ଖେଳି ଅର୍ଧଶତକ ହାସଲ କରିଥିଲେ। ସେ ୨୫ ବଲରୁ ୫୦ ରନ୍ କରିଥିଲେ। ସେହିପରି ଶିବମ ଦୁବେ ୧୩ ବଲରୁ ୧୮ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ପ୍ରଶାନ୍ତ ବୀର ଏବଂ ଜେମି ଓଭରଟନ୍ ବିସ୍ଫୋରକ ବ୍ୟାଟିଂ କରିଥିଲେ ବି ବିଜୟ ପାଇଁ ଯଥେଷ୍ଟ ନଥିଲା। ଓଭରଟନ୍ ୧୬ ବଲରୁ ୩୭ ରନ୍ କରିଥିଲେ। ବୀରଙ୍କ ବ୍ୟାଟରୁ ୪୩ ରନ୍ ବାହାରିଥିଲା। ଅନସୋଲ୍ କମ୍ବୋଜ ୧୯ ରନ୍ କରିଥିଲେ। ସେହିପରି ଦଳର ଲୋୟର ଏଣ୍ଡ ବ୍ୟାଟର ଆଉଟ୍ ହେଲା ପରେ ୨୦୭ ରନରେ ଟିମ୍ ରନରେ ସୀମିତ ରହିଯାଇଥିଲା।

ଆରସିବି ପକ୍ଷରୁ ଭୁବନେଶ୍ୱର କୁମାର ତିନୋଟି ଶିକାର କରିଥିଲେ। କୃଣାଳ ପାଣ୍ଡ୍ୟା, ଅଭିନନ୍ଦନ ସିଂ ଏବଂ ଜ୍ୟାକବ୍ ଡଫି ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ। ସେହିପରି ସୂର୍ଯ୍ୟାଂଶ ଶର୍ମା ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଯାଜପୁରରେ ଐତିହ୍ୟ ଗଣଦୌଡ଼



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ପକ୍ଷ ପାଳନ ଅବସରରେ ଯାଜପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ସହଯୋଗରେ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଟାଉନ ଥାନା ଅଧିକାରୀ ଶରତ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ପତାକା ଦେଖାଇ ଏହି ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗଣଦୌଡ଼ର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ ଆମର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ କରିବା ନିମନ୍ତେ ଅତିଥିମାନେ ମତ ଦେଇଥିଲେ। ଏହି ଗଣଦୌଡ଼ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ା ଅନୁଷ୍ଠାନର ସଦସ୍ୟ ଯୋଗଦାନ କରିଥିଲେ।ଗଣଦୌଡରେ ସାମିଲ ହୋଇଥିବା ସମସ୍ତଙ୍କୁ ଟି-ସାର୍ଟ ଓ କ୍ୟାପ୍ ପ୍ରଦାନ କରାଯାଇଥିଲା। ବରାହନାଥ ମନ୍ଦିର ଠାରୁ ଏହି ଗଣଦୌଡ଼ ଆରମ୍ଭ ହୋଇ ହକି ଷ୍ଟାଡିୟମ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

## ଝଡ଼ତୋଫାନ, ବଜ୍ରପାତରେ ନେଲା ଜୀବନ

**ପାତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

କାଳବୈଶାଖୀ ପ୍ରଭାବରେ ରବିବାର ଅପରାହ୍ନରେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ ଝଡତୋଫାନ ସହ କୁଆପଥର ବର୍ଷା ହୋଇଛି। ଏପରିକି ବଜ୍ରପାତ ଘଟି ଗୃହ ପାଳିତ ପଶୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପୋଲରାଜପୁରରେ ଝଡ଼ତୋଫାନ ଘଟି ରବି ସାହୁଙ୍କ ବଳଦ ଉପରେ ଏକ ନଡ଼ିଆ ଗଛ ପଡ଼ିବାରୁ ବଳଦର ମୃତ୍ୟୁ ଘଟିଛି।

# ଗଛରୁ ଝୁଲନ୍ତା ମୃତ ଦେହ ଉଦ୍ଧାର

# ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ବସୁପୁର୍ ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମରେ, ଗତ ୧୭ ତାରିଖରେ ଜଣେ ଅନୁସୂଚିତ ଜାତିର ବ୍ୟକ୍ତି ମହେନ୍ଦ୍ର ମଳିକଙ୍କୁ ଏକ କାଠ ବ୍ୟବସାୟକୁ ନେଇ କୁରାଢ଼ିରେ ହାଣିବା ସହ ମହେନ୍ଦ୍ରଙ୍କ ଛାତିରେ ଆଘାତ କରି ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେବା ପାଇଁ ଏକ ଚାଖୁଣ୍ଡା ଗଛରେ ଟାଙ୍ଗି ଦିଆଯାଇଛି ବୋଲି ଏତଲା ଦିଆଯିବା ଘଟଣାର ତଦନ୍ତ ଅବହେଳା ଏବଂ ପୀଡ଼ିତ ପରିବାରକୁ ଚାପ ପ୍ରୟୋଗ ନେଇ ପୀଡ଼ିତ ପରିବାର ସହ ଭିମ୍ ଆର୍ମୀ ସଂଗଠନର ରାଜ୍ୟ ଉପ ସଭାପତି ଅନିଲ କୁମାର ମଳିକ, ଜିଲ୍ଲା ସଭାପତି ନଗେନ୍ଦ୍ର ଯେନାଙ୍କ ସହ ୪୦-୫୦ ଭୀମ୍ ଆର୍ମୀର କର୍ମୀ କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ଆଗାମୀ ୭ ଦିନ ମଧ୍ୟରେ ଯଦି ତଦନ୍ତ ପ୍ରକ୍ରିୟା ଆଗକୁ ନଯାଏ ତେବେ ବିକ୍ଷୋଭକୁ ସଂଗଠନ ଓହ୍ଲାଇବା ନେଇ ଚେତାବନୀ ଦେଇଛନ୍ତି। ସୂଚନା ଥାଉକି ମହେନ୍ଦ୍ରଙ୍କୁ ଗତ ମାର୍ଚ୍ଚ ୧୬ ତାରିଖ ସନ୍ଧ୍ୟା ସମୟରେ ଅଭିଯୁକ୍ତ ମାନେ ଗଛ ବେପାରର ବକେୟା ପଇସାକୁ ନେଇ ଗଛ ହଣା କୁରାଢ଼ିରେ ହାଣି ତା ବାଇକ୍ ଛଡ଼ାଇ ନେଇଥିଲେ। ପରେ ୧୭ ତାରିଖ ଦିନ ମହେନ୍ଦ୍ରର ମୃତ ଦେହ ଝୁଲନ୍ତା ଅବସ୍ଥାରେ ଏକ ଚାଖୁଣ୍ଡା ଗଛରୁ ଉଦ୍ଧାର କରାଯାଇଥିଲା। ପରେ ବାପ ଘରେ ରହୁଥିବା ମହେନ୍ଦ୍ରଙ୍କ ସ୍ତ୍ରୀ ଏସବୁ ବିଷୟରେ ଜାଣି ୧୯ ତାରିଖରେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀଙ୍କ ସମେତ ଏସଡିପି ଓ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଜଣାଇବା ପରେ ମଧ୍ୟ ପୋଲିସର ଏକ ପାଖିଆ ମନୋଭାବ ଏବଂ କୋହଳ କାର୍ଯ୍ୟାନୁଷ୍ଠାନକୁ ନେଇ ଘଟଣାଟିକୁ ମିଳିମିଶି ଚାପି ଦେବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ଭିମ୍ ଆର୍ମୀ ରାଜ୍ୟ ଉପ ସଭାପତି ଅନିଲ କୁମାର ମଳିକ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ଢେଙ୍କାନାଳରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶୁଭାରମ୍ଭ

**ଢେଙ୍କାନାଳ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ସାରା ରାଜ୍ୟରେ ବିଦ୍ୟାଳୟରେ ଶିଶୁମାନଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ଥାନୀୟ ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳରେ ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର, କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କୁ ଖଡ଼ି ଛୁଆଁଇ ସେମାନଙ୍କର ବିଦ୍ୟାରମ୍ଭ କରିଥିଲେ। ବିଦ୍ୟା ମହାଧନ ଅଟେ, ସମସ୍ତଙ୍କୁ ଶିକ୍ଷା ପ୍ରଦାନ କରିବା ଆମର ଲକ୍ଷ୍ୟ ହେବା ଉଚିତ ବୋଲି ପ୍ରକାଶ କରିଥିଲେ। ଶିକ୍ଷିତମାନେ ସମାଜରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିବେ। ସମସ୍ତେ ଶିକ୍ଷିତ ହେଲେ ଜ୍ଞାନ ଓ ବିଜ୍ଞାନର ଦ୍ରୁତ ବିକାଶ ହେବ ଏବଂ ଦେଶର ସର୍ବାଙ୍ଗୀନ ଉନ୍ନତି ହେବ। ସାର୍ବଜନୀକ ଶିକ୍ଷା ନିମନ୍ତେ ସରକାର ସଂକଳ୍ପବଦ୍ଧ, ଏଥି ନିମନ୍ତେ ଗୁରୁଜୀ ମାନଙ୍କ ଦାୟିତ୍ୱ ଖୁବ୍ ଅଧିକ। ପଢ଼ିଲେ ଜାଣିବା, ଜାଣିଲେ ଜିଣିବା ବୋଲି ମତବ୍ୟକ୍ତ କରି ମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଅତିଥିମାନେ ଶିଶୁମାନଙ୍କୁ ଖଡ଼ି ଛୁଆଁଇ




ବିଦ୍ୟାରମ୍ଭ କରାଇଥିଲେ। ଅନ୍ୟ ମାନ୍ୟଗଣ ଅତିଥିମାନଙ୍କ ମଧ୍ୟରେ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲାପାଳ, ଢ଼େଙ୍କାନାଳ, ଜିଲ୍ଲାପରିଷଦ ଅଧକ୍ଷା, ଅର୍ଚ୍ଚନା ପୁହାଣ, ଅଧକ୍ଷା, ଢେଙ୍କାନାଳ ପୌରପାଳିକା, ଜୟନ୍ତୀ ପାତ୍ର, ବ୍ଲକ୍ ଅଧକ୍ଷ, କାଳନ୍ଦୀ ବାରିକ, ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ବ୍ରହ୍ମୋତ୍ରୀ ବିଶ୍ୱାଳ, ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ତହସିଲଦାର, ସଦର, ସ୍ୱାଧୀନ କୁମାର ବେହେରା, ଅଧକ୍ଷ, ଜିଲ୍ଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ, ଢେଙ୍କାନାଳ, ଲକ୍ଷ୍ମଣ ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସଦର ବ୍ଲକ୍ ଦିବ୍ୟ ପ୍ରକାଶ ପ୍ରଧାନ, କ୍ଷୁଦ୍ର ନାଟକ ଲେଖକ ଓ ନିର୍ଦ୍ଦେଶକ ଶିକ୍ଷାବିତ୍ ଡା. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ମାନ୍ୟଗଣ ଅତିଥିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାନ୍ୟଗଣ ଅତିଥିଗଣ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଶିକ୍ଷାର ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ବ୍ଲକ୍‌ରେ ଏହିପରି ୮ ଗୋଟି ଶିକ୍ଷା ସଚେତନତା ରଥ ୧୦ ତାରିଖ ଯାଏଁ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରେ ପରିକ୍ରମା କରିବ। ଉଲ୍ଲେଖଯୋଗ୍ୟ ଯେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଛାତ୍ରୀ, ଛାତ୍ରମାନଙ୍କୁ ବିଦ୍ୟାଳୟ ଆସିବା ନିମନ୍ତେ ସେମାନଙ୍କ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ନିମନ୍ତ୍ରଣ ପତ୍ର ଦିଆଯାଇଥିଲା। ବିଦ୍ୟାଳୟ ପରିସରରେ ହୋଇଥିବା ରଙ୍ଗର ଦୂନିଆ, ଗପ ରାଇଜ ଓ ଖେଳଘର ଷ୍ଟଲକୁ ଅତିଥିମାନେ ଉଦ୍‌ଘାଟନ କରି ପରିଦର୍ଶନ କରିଥିଲେ। ଜିଲ୍ଲାରେ ଶିଶୁ ବାଟିକାରେ ୮,୭୮୨ ଜଣ ଏବଂ ପ୍ରଥମ ଶ୍ରେଣୀରେ ୧,୩୫୨ ଜଣ, ସମୁଦାୟ ମୋଟ୍ ୧୦,୧୩୪ ଜଣ ଶିଶୁଙ୍କର ନାମ ଲେଖାଯିବ ବୋଲି ଜଣାଯାଇଛି। ପିତାମାତାଙ୍କୁ ସଚେତନ କରାଇବା ପାଇଁ ସମଗ୍ର ଶିକ୍ଷା ତରଫରୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ସମ୍ବନ୍ଧୀୟ ଲିଫ୍‌ଲେଟ୍ ତଥା ପ୍ରଚାରପତ୍ର ବଣ୍ଟନ କରାଯାଇଅଛି। ଏହି ଅବସରରେ ପି.ଏମ୍.ଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳରେ ନାମ ଲେଖାଇବାକୁ ଥିବା ୮ ଜଣ ଶିଶୁଙ୍କୁ ଅତିଥିମାନେ ଖଡ଼ି ଛୁଆଁଇ ସେମାନଙ୍କର ବିଦ୍ୟାରମ୍ଭ କରିଥିଲେ। କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସଦର ବ୍ଲକ୍ ଦିବ୍ୟ ପ୍ରକାଶ ପ୍ରଧାନ, କ୍ଷୁଦ୍ର ନାଟକ ଲେଖକ ଓ ନିର୍ଦ୍ଦେଶକ ତଥା ଶିକ୍ଷାବିତ୍ ଡା. ଦେବୀ ପ୍ରସାଦ ମିଶ୍ର, ଢେଙ୍କାନାଳ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ଦଳେଇ, ବରିଷ୍ଠ ଶିକ୍ଷୟିତ୍ରୀ ତଥା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁନୀତାବାଳା ଷଡ଼ଙ୍ଗୀ, ବିଦ୍ୟାଳୟର ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ତଥା କ୍ଷୁଦ୍ର ନାଟକର ଯୁଗ୍ମ ଲେଖିକା ଓ ନିର୍ଦ୍ଦେଶିକା ଡ. ଅନୁପମା ମିଶ୍ର, ନୃତ୍ୟ ନିର୍ଦ୍ଦେଶକ ସଂସ୍କୃତ ଶିକ୍ଷକ ଦୀପ୍ତିଶ କୁମାର ଶତପଥୀ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ତଥା କର୍ମଚାରୀ ବୃନ୍ଦ, ସମଗ୍ର ଶିକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳର ଅନୁସୂଚିତ ଜାତି ଓ ଜନଜାତି ସଂଯୋଜିକା ଶୁଭାଶିଷ ସାହୁ, ଯତୀନ୍ଦ୍ର ପ୍ରାସାଦ କର, ମନୋହର ଶତପଥୀ, ରାଜେନ୍ଦ୍ର ପ୍ରସାଦ ଦାସ, ଅଶୋକ କୁମାର ସାହୁ, ଦୀପକ କୁମାର ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଓ ସଦର ବ୍ଲକ୍‌ର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୃନ୍ଦ ସହଯୋଗ କରିଥିଲେ। ପିଏମ୍ ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳର ଆଲୁମିନି ଆସୋସିଏସନ୍‌ର ସଭାପତି ପ୍ରାକ୍ତନ ଇଂରାଜୀ ପ୍ରାଧ୍ୟାପକ ପ୍ରଫୁଲ୍ଲ ମିଶ୍ରଙ୍କ ପ୍ରତିନିଧି, ବିଦ୍ୟାଳୟ ଯୋଜନା କମିଟି, କର୍ମକ୍ଷେତ୍ରରେ ବାଳିକା ଓ ମହିଳା କର୍ମଚାରୀଙ୍କ ପାଇଁ ଗଠିତ ଅନ୍ତରୀଣ କମିଟି ସଦସ୍ୟ, କ୍ଷୁଦ୍ର ନାଟକ ଲେଖକ ଓ ନିର୍ଦ୍ଦେଶକ ଡା. ଦେବୀ ପ୍ରସାଦ ମିଶ୍ର, ବିଦ୍ୟାଳୟର ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ତଥା କ୍ଷୁଦ୍ର ନାଟକର ଯୁଗ୍ମ ଲେଖିକା ଓ ନିର୍ଦ୍ଦେଶିକା ଡ. ଅନୁପମା ମିଶ୍ର, ନୃତ୍ୟ ନିର୍ଦ୍ଦେଶକ ସଂସ୍କୃତ ଶିକ୍ଷକ ଦୀପ୍ତିଶ କୁମାର ଶତପଥୀ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ତଥା କର୍ମଚାରୀ ବୃନ୍ଦଙ୍କ ମିଳିତ ଚେଷ୍ଟାରେ କାର୍ଯ୍ୟକ୍ରମ ଅନ୍ତିମ ଭାଗରେ ବିଦ୍ୟାଳୟର ଅର୍ଦ୍ଧ ଶତାଧିକ ଛାତ୍ରୀ, ଛାତ୍ରମାନଙ୍କ ଦ୍ୱାରା ବର୍ଣ୍ଣାଢ୍ୟ ସାଂସ୍କୃତିକ ବିଚିତ୍ରା ରଙ୍ଗାରଙ୍ଗ ଦଳଗତ ନୃତ୍ୟ, ସଙ୍ଗୀତ ଓ କ୍ଷୁଦ୍ର ନାଟକ ପ୍ରଦର୍ଶନ କାର୍ଯ୍ୟକ୍ରମ 'ଚାଲ ସ୍କୁଲ୍ ଯିବା, ଖଡ଼ି ଛୁଇଁବା, ଆମ ଭବିଷ୍ୟତ ଆମେ ଗଢ଼ିବା' ଦର୍ଶକ ମଣ୍ଡଳୀ ଦ୍ୱାରା ବେଶ୍ ଉପଭୋଗ୍ୟ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଯତୀନ୍ଦ୍ର ପ୍ରାସାଦ କର ସମସ୍ତ କାର୍ଯ୍ୟକ୍ରମରେ ସୁନ୍ଦର ଆକର୍ଷଣୀୟ ମଞ୍ଚ ସଂଯୋଜନା କରିଥିଲେ।ବ୍ରହ୍ମୋତ୍ରୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଢେଙ୍କାନାଳ ଧନ୍ୟବାଦ ଅର୍ପଣ କରିଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପଶ୍ଚିମବଙ୍ଗ ହେଉଛି ଆମର...

ତେବେ ଏହା ପ୍ରକୃତ ମହିଳା ସଶକ୍ତିକରଣ ପାଇଁ ପଥ ପ୍ରଶସ୍ତ କରିବ ଏବଂ ଏହା ଆମର ଟ୍ରାକ୍ ରେକର୍ଡ।' ସେ କହିଥିଲେ ଯେ, ମେ' ୪ ପରେ ଆଇନ ତା'ର କାର୍ଯ୍ୟ କରିବ। ଅପରାଧୀ ଯେତେ ପ୍ରଭାବଶାଳୀ ହେଉ ନା କାହିଁକି, ଏଥର ନ୍ୟାୟର ଜୟ ହେବ। ବର୍ଷ ବର୍ଷ ଧରି ପଶ୍ଚିମବଙ୍ଗର ଲୋକଙ୍କ କଠିନ ପରିଶ୍ରମର ଟଙ୍କା ଲୁଟ୍ ହୋଇଛି। ପ୍ରତ୍ୟେକ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ଦାୟୀ କରାଯିବ ଏବଂ ସେମାନଙ୍କୁ ଲୁଟ୍ ହୋଇଥିବା ସମ୍ପତ୍ତିକୁ ଜନସାଧାରଣଙ୍କୁ ଫେରାଇବାକୁ ପଡ଼ିବ ବୋଲି ଶ୍ରୀ ମୋଦୀ କହିଛନ୍ତି।

## ଡୋନାଲ୍ଡ ଟ୍ରମ୍ପଙ୍କ...

ଦିନର ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲା। କିନ୍ତୁ ଏହି ସମୟସୀମାକୁ ୧୦ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଥିଲା, ଯାହା ଏପ୍ରିଲ ୬ ତାରିଖରେ ଶେଷ ହେଉଛି। ଏକ ସାକ୍ଷାତ୍କାରରେ ଟ୍ରମ୍ପ କହିଛନ୍ତି ଯେ ତେହେରାନ ଅଧିକାରୀମାନେ ତାଙ୍କ ପ୍ରଶାସନ ସହିତ ଯୋଗାଯୋଗ କରିଥିଲେ ଏବଂ କୂଟନୈତିକ ଆଲୋଚନାର ଅଂଶ ଭାବରେ ଅଧିକ ସମୟ ଅନୁରୋଧ କରିଥିଲେ। ଗତ ୧୦ ଦିନ ଧରି ଆମେରିକା ଏବଂ ଇରାନ ମଧ୍ୟରେ ଆଲୋଚନା ପାଇଁ ପ୍ରୟାସ କରାଯାଇଛି। ଏହି ଆଲୋଚନା ସିଧାସଳଖ ଭାବରେ କରାଯାଇନଥିଲା ବରଂ ପାକିସ୍ତାନ, ଇଜିପ୍ଟ ଏବଂ ତୁର୍କୀ ଭଳି ଦେଶ ମାଧ୍ୟମରେ କରାଯାଇଥିଲା। ଲକ୍ଷ୍ୟ ଥିଲା ଯୁଦ୍ଧ ରୋକିବା ଏବଂ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା, କିନ୍ତୁ ଏପର୍ଯ୍ୟନ୍ତ କୌଣସି ଗୁରୁତ୍ୱପୂର୍ଣ୍ଣ ଫଳାଫଳ ହାସଲ ହୋଇନାହିଁ। ହର୍ମୁଜ୍ ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ, ଯାହା ବିଶ୍ୱର ପ୍ରାୟ ୨୦ ରୁ ୩୦ ପ୍ରତିଶତ ତୈଳ ଯୋଗାଣ କରେ।

## ଆଇନ ପ୍ରଣୟନ ହେବା ସତ୍ତ୍ୱେ...

ଯେପର୍ଯ୍ୟନ୍ତ ସମାଜ ମହିଳାମାନଙ୍କୁ ସମାନ ମାନ୍ୟତା ଏବଂ ସମ୍ମାନ ଦେବା ପାଇଁ ନିଜର ମାନସିକତାରେ ପରିବର୍ତ୍ତନ ନ କରେ, ସେପର୍ଯ୍ୟନ୍ତ ସବୁଠାରୁ କଠୋର ଆଇନ ମଧ୍ୟ ପ୍ରଭାବହୀନ ପ୍ରମାଣିତ ହୋଇପାରେ। ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି ଯେ ଭାରତୀୟ ସମ୍ବିଧାନ ମହିଳାମାନଙ୍କୁ ସମ୍ମାନର ସହିତ ବଞ୍ଚିବାର ଅଧିକାର ପ୍ରଦାନ କରେ। ତଥାପି, ବାସ୍ତବରେ, ମହିଳାମାନେ ଏବେ ବି ନିଜ ଘରୁ କର୍ମକ୍ଷେତ୍ର ପର୍ଯ୍ୟନ୍ତ ଅସୁରକ୍ଷିତ ଅନୁଭବ କରନ୍ତି। କୋର୍ଟ କହିଛନ୍ତି ଯେ ପୁରୁଷବାଦୀ ଚିନ୍ତାଧାରା ଏବଂ ମହିଳାଙ୍କୁ "ବସ୍ତୁ" ଭାବରେ ଦେଖିବା ଅପରାଧର ମୂଳ କାରଣ।

## ସାର ଆଣିବାକୁ ୨୦...

ପ୍ରଣାଳୀରେ ପରିବହନ ପ୍ରଭାବିତ ହୋଇଛି। ତେଣୁ ସାର ଜାହାଜଗୁଡ଼ିକ ଭାରତ ଆସିପାରୁନାହିଁ। ବିକଳ୍ପ ପଥ ଦେଇ କିଭଳି ସାର ଆଣିହେବ ସେନେଇ ସରକାର ବିଚାର କରୁଛନ୍ତି। ଆଗାମୀ ଚାଷ ଋତୁ ପାଇଁ ପର୍ଯ୍ୟାପ୍ତ ପରିମାଣର ୟୁରିଆ ଓ ଫସ୍‌ଫେଟିକ ସାର ଉପଲବ୍ଧ ରଖିବାକୁ ସରକାର ଚାହୁଁଛନ୍ତି। ଭାରତ ମୁଖ୍ୟତଃ ମଧ୍ୟପ୍ରାଚ୍ୟ ଦେଶରୁ ସାର ଆଣିଥାଏ। ଏହା ୧୮ ପ୍ରତିଶତ ସାର ସାଉଦି ଆରବରୁ, ୧୨ ପ୍ରତିଶତ ଓମାନରୁ, ୨୧ ପ୍ରତିଶତ ରୁଷରୁ, ୩ ପ୍ରତିଶତ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ), ୧ ପ୍ରତିଶତ ବାହାରିନ୍ ଓ ଅବଶିଷ୍ଟ ୪୩ ପ୍ରତିଶତ ସାର ବିଶ୍ୱର ବିଭିନ୍ନ ଦେଶରୁ ଆଣୁଛି। ଅନ୍ତର୍ଜାତୀୟ ବଜାରରେ ସାର ମହଙ୍ଗା ହୋଇଥିଲେ ମଧ୍ୟ ସରକାର ତାହାକୁ ମଗାଇ ତାହା ଉପରେ ସାର କମ୍ପାନୀଗୁଡ଼ିକୁ ସବ୍‌ସିଡି ଦେଉଛନ୍ତି। ଫଳରେ ଚାଷୀମାନଙ୍କ ପାଖରେ ସୁଲଭ ମୂଲ୍ୟରେ ସାର ପହଞ୍ଚିପାରୁଛି। ତେବେ ଏଥିପାଇଁ ସରକାରଙ୍କୁ ସବ୍‌ସିଡି ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ୨୦୨୩-୨୪ରେ ସବ୍‌ସିଡି ବାବଦରେ ୧.୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଚାଷୀମାନେ ନାଇଟ୍ରୋଜେନ୍ ଆଧାରିତ ସାର ଉପଲବ୍ଧତାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ବର୍ଷକୁ ୩୫-୪୦ ନିୟୁତ ଟନ୍‌ର ନାଇଟ୍ରୋଜେନ୍ ସାର ବ୍ୟବହାର ହୋଇଥାଏ। ଏହାର ଅଧିକାଂଶ ଭାଗ ଦେଶ ଭିତରେ ଉତ୍ପାଦନ କରାଯାଉଛି। କିନ୍ତୁ ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହାର ହେଉଥିବା ପ୍ରାକୃତିକ ଗ୍ୟାସ୍‌ର ସଙ୍କଟ ଦେଖାଦେଇଛି। ସେଥିପାଇଁ କାରଖାନାକୁ ଗ୍ୟାସ୍ ଯୋଗାଣ ୩୦ ପ୍ରତିଶତ ହ୍ରାସ ପାଇଛି। ସାର କମ୍ପାନୀଗୁଡ଼ିକ ସାମ୍ନା କରୁଥିବା ସବୁଠୁ ବଡ଼ ସମସ୍ୟା ହେଉଛି ଗ୍ୟାସ୍ ସଙ୍କଟ। ଭାରତ ଏହାର ଆବଶ୍ୟକତାର ୬୦ ପ୍ରତିଶତ ଗ୍ୟାସ୍ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆଣିଥାଏ। ବିଶେଷ କରି ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି) ଓ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ମଗାଯାଇଥାଏ। ୨୦୨୪ରେ ଭାରତ ଏହାର ୪୩ ପ୍ରତିଶତ ଗ୍ୟାସ୍ କତାରରୁ, ୧୧ ପ୍ରତିଶତ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ)ରୁ, ୫ ପ୍ରତିଶତ ଓମାନରୁ ଓ ଅବଶିଷ୍ଟ ଗ୍ୟାସ୍ ଅନ୍ୟାନ୍ୟ ଦେଶରୁ ମଗାଇଥିଲା। ସାର ସଙ୍କଟ ଦେଖାଦେଲେ ତାହା ସିଧାସଳଖ ଦେଶର ଖାଦ୍ୟ ସୁରକ୍ଷାକୁ ପ୍ରଭାବିତ କରିବ। ଶସ୍ୟ ଅମଳ କମ୍ ହେଲେ କ୍ଷୁଧା ଓ ଦାରିଦ୍ର୍ୟ ବିରୋଧୀ ଲଢ଼େଇ ଦୁର୍ବଳ ହେବ। ଜାତିସଂଘ ସଂସ୍ଥା ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଆକଳନ କରିଛି ଯେ ଯଦି ଆସନ୍ତା ଜୁନ୍ ସୁଦ୍ଧା ଇରାନ ଯୁଦ୍ଧ ଶେଷ ନ ହେବ ତେବେ ବିଶ୍ୱର ୪.୫ କୋଟି ଲୋକ ଗମ୍ଭୀର ଖାଦ୍ୟ ସଙ୍କଟ ସମ୍ମୁଖୀନ କରିବେ।

## ଆସନ୍ତା ୯ ପର୍ଯ୍ୟନ୍ତ କାଳ...

ବାଲେଶ୍ୱର ଓ ଭଦ୍ରକରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଝଟ୍‌କା ପବନ ସହିତ ପବନର ବେଗ ୫୦ରୁ ୬୦ କିମି ରହିବା ନେଇ ପାଣିପାଗ ବିଭାଗ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ସେହିପରି ୨୪ଟି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା, ଝଟକା ପବନ ସହିତ ପବନର ବେଗ ୩୦ ରୁ ୫୦ କିମି ରହିବାର ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି ଜାରିଛି ପାଣିପାଗ ବିଭାଗ। ଏହି ଜିଲ୍ଲାଗୁଡ଼ିକ ହେଲା ନୂଆପଡ଼ା, କଳାହାଣ୍ଡି, ରାୟଗଡା, କନ୍ଧମାଳ, ଗଜପତି, ଗଞ୍ଜାମ, ବରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ଅନୁଗୋଳ, ଝାରସୁଗୁଡ଼ା, କେନ୍ଦୁଝର, ଦେଓଗଡ଼, ସୁନ୍ଦରଗଡ଼, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ନୟାଗଡ଼ ଆଦି ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

## ଭାରତୀୟ ଇଞ୍ଜିନିୟରମାନେ...

ଦ୍ୱାରା ବ୍ରହ୍ମାଣ୍ଡ ନିଜକୁ ଉର୍ଜ୍ଜା ପ୍ରଦାନ କରେ। ବର୍ତ୍ତମାନ ମଣିଷ ଉପଯୋଗ କରୁଥିବା ଉର୍ଜ୍ଜାର ପ୍ରାୟତଃ ପ୍ରତ୍ୟେକ ରୂପ କେତେକ ଉପାୟରେ ଏଥିରେ ଚିହ୍ନଟ ହୁଏ। ଦୀର୍ଘ ଦଶନ୍ଧି ଧରି ଫ୍ୟୁଜନ୍ ବ୍ୟାପକ ରୂପେ ସିଦ୍ଧାନ୍ତ ଓ ବ୍ୟାପକ-ସ୍ତରୀୟ ସରକାରୀ ଅଧ୍ୟୟନ କାର୍ଯ୍ୟକ୍ରମରେ ସୀମିତ ଥିଲା। ତେବେ କୌଶଲଙ୍କ ବିଶ୍ୱାସ ଯେ ଥିଓରିରୁ ଇଞ୍ଜିନିୟରିଙ୍ଗ ବାସ୍ତବତାକୁ ଯିବାର ସମୟ ଆସିଛି। ତାଙ୍କ ଅନୁସାରେ ଫ୍ୟୁଜନ୍ ପଛର ବିଜ୍ଞାନ ପୂର୍ବରୁ ବିଶ୍ୱସ୍ତରରେ ସ୍ଥାପିତ। ବର୍ତ୍ତମାନ ପ୍ରକୃତ ଆହ୍ୱାନ ହେଉଛି ସେହି ସିଦ୍ଧାନ୍ତଗୁଡ଼ିକୁ ଏଭଳି ପଦ୍ଧତିରେ ରୂପାନ୍ତରିତ କରିବା, ଯାହା ନିର୍ମାଣ, ବିସ୍ତାର ଓ କାର୍ଯ୍ୟକାରୀ ହୋଇପାରିବ। ପ୍ରନୋସ ଫ୍ୟୁଜନ୍ ଗୋଟିଏ ପରେ ଗୋଟିଏ ପାଦ ଆଗକୁ ବଢୁଛି। ଏକ ପୂର୍ଣ୍ଣାଙ୍ଗ ରିଆକ୍ଟର ନିର୍ମାଣ କରିବା ବଦଳରେ ଫ୍ୟୁଜନ୍‌ର ଜଟିଳତାକୁ ପରିଚାଳନାଯୋଗ୍ୟ ଉପାଦାନରେ ବିଭାଜିତ କରୁଛି। ସଫ୍ଟୱେର ଜରିଆରେ କମ୍ପାନିର ଯାତ୍ରା ଆରମ୍ଭ ହୋଇଥିଲା। ଭବିଷ୍ୟତ ଫ୍ୟୁଜନ୍ ରିଆକ୍ଟରର ମସ୍ତିଷ୍କ ରୂପେ ଏହା 'ଜେଙ୍ଗା' ନାମକ ଏକ ଡିଜାଇନ୍ ଓ ନିୟନ୍ତ୍ରଣ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କଲା। ଏହି ସଫ୍ଟୱେର ବିଶ୍ୱର ପ୍ରାୟ ୧୮ଟି ରିଆକ୍ଟରର ମାନଦଣ୍ଡ ସହ ମୁକାବିଲା କରିଥିଲା, ଯେଉଁଥିରେ ବିଶ୍ୱର ଅନୁସନ୍ଧାନ କେନ୍ଦ୍ରରୁ ପ୍ରାପ୍ତ ତଥ୍ୟ ନିଆଯାଇଥିଲା। କେବଳ ସିମୁଲେସନ୍ ପର୍ଯ୍ୟାପ୍ତ ନୁହେଁ ବୋଲି ଗବେଷକ ଟିମ୍ ହୃଦୟଙ୍ଗମ କଲେ। ବୁଦ୍ଧିମତା ପ୍ରଣାଳୀକୁ ତାଲିମ ପ୍ରଦାନ ଓ ଡିଜାଇନ୍‌କୁ ଆହୁରି ସୂକ୍ଷ୍ମ କରିବା ପାଇଁ ବାସ୍ତବ-ଜଗତର ତଥ୍ୟ ଆବଶ୍ୟକ ଥିଲା। ଏହା ସେମାନଙ୍କୁ ମଧ୍ୟମ-ସ୍ତରୀୟ ଟୋକୋମାକ୍ ବିକାଶ ଲାଗି ମାର୍ଗଦର୍ଶନ କଲା। ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଜରିଆରେ ଉତ୍ତପ୍ତ ପ୍ଲାଜ୍‌ମାକୁ ସୀମିତ ରଖିବାକୁ ଏହି ଉପକରଣ ଡିଜାଇନ୍ କରାଗଲା। ପ୍ରନୋସ ଦ୍ୱାରା ନିର୍ମିତ ଟୋକାମାକ୍‌ର ନାମ 'ପ୍ରଜ୍ଞା'। ଏହା ଅଦ୍ୟାବଧି ଫ୍ୟୁଜନ୍ ଉର୍ଜ୍ଜା ଉତ୍ପନ୍ନ କରିନାହିଁ କିନ୍ତୁ ବିକାଶ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଟୋକାମାକ୍ ପରମାଣୁ ଫ୍ୟୁଜନ୍‌ରେ ପ୍ରୟୋଗ ହେଉଥିବା ଏକ ଉପକରଣ, ଯାହା ଏକ ଡୋନଟ୍-ଆକୃତିର ଚାମ୍ବରର ଉତ୍ତପ୍ତ ପ୍ଲାଜ୍‌ମାକୁ ସୀମିତ ରଖିବାକୁ ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ରର ଉପଯୋଗ କରେ। ପ୍ରଜ୍ଞା ଟୋକାମାକ୍ ଏକ ଉପଚଳିତ ପ୍ରଣାଳୀ, ଯାହା ସିମୁଲେସନ୍‌ରେ ସୁଧାର ଓ ଭବିଷ୍ୟତର ରିଆକ୍ଟର ଡିଜାଇନ୍ ଲାଗି ଆବଶ୍ୟକ ତଥ୍ୟ ପ୍ରଦାନ କରେ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, କାରଣ ଫ୍ୟୁଜନ୍ ହାର୍ଡୱେର ନିର୍ମାଣ କରୁଥିବା ଏକ ଘରୋଇ ଭାରତୀୟ ଷ୍ଟାର୍ଟଅପ୍‌ର ଏହା ଅନନ୍ୟ ହାତଗଣତି ଉଦାହରଣ।

## ଭାରତର ପ୍ରତିରକ୍ଷା ସାମଗ୍ରୀ...

ପ୍ରତିରକ୍ଷା ଉପକରଣ ଏବଂ ସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଚାହିଦାକୁ ଦର୍ଶାଉଛି। ସରକାର ୨୦୨୯ ସୁଦ୍ଧା ପ୍ରତିରକ୍ଷା ରପ୍ତାନିକୁ ୫୦,୦୦୦ କୋଟିକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଭାରତର ପ୍ରତିରକ୍ଷା ରପ୍ତାନି ପୋର୍ଟଫୋଲିଓ ଆଉ କ୍ଷୁଦ୍ର ଉପାଦାନ ମଧ୍ୟରେ ସୀମିତ ନୁହେଁ; ଏହାର ପରିସର ଯଥେଷ୍ଟ ବିସ୍ତାର ହୋଇଛି। ଭାରତ ବର୍ତ୍ତମାନ ବିଭିନ୍ନ ପ୍ରକାରର ସାମଗ୍ରୀ ରପ୍ତାନି କରୁଛି। ତେଜସ ଲଢୁଆ ବିମାନ ଠାରୁ ଆରମ୍ଭ କରି ବ୍ରହ୍ମୋସ ସୁପରସୋନିକ କ୍ରୁଜ୍ ମିସାଇଲ, ପିନାକା ମଲ୍ଟି-ବ୍ୟାରେଲ ରକେଟ ଲଞ୍ଚର, ରାଡାର, ଆର୍ମର୍ଡ ଯାନ, ଡ୍ରୋନ ଆଣ୍ଟି-ଡ୍ରୋନ ସିଷ୍ଟମ, ଧ୍ରୁବ ଏବଂ ପ୍ରଚଣ୍ଡ ହେଲିକପ୍ଟର, ଆକାଶ ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ର ପ୍ରଣାଳୀ, ବୁଲେଟପ୍ରୁଫ ଜ୍ୟାକେଟ ଏବଂ ଗୋଳାବାରୁଦ – ଯାହାର ବିଶ୍ୱ ବଜାରରେ ଉଚ୍ଚ ଚାହିଦା ରହିଛି। ଭାରତ ବର୍ତ୍ତମାନ ୧୦୦ରୁ ଅଧିକ ଦେଶକୁ ପ୍ରତିରକ୍ଷା ଉପକରଣ ରପ୍ତାନି କରୁଛି। ଏହି ତାଲିକାର ଶୀର୍ଷରେ ରହିଛି ଆମେରିକା, ଯାହା ଭାରତଠାରୁ ବିମାନ ଫ୍ୟୁଜେଜ, ସବ-ସିଷ୍ଟମ ଏବଂ ଯନ୍ତ୍ରାଂଶ କ୍ରୟ କରେ। ଆମେରିକା ପରେ ଏହି ତାଲିକାରେ ଫ୍ରାନ୍ସ, ଆର୍ମେନିଆ, ଫିଲିପାଇନ୍ସ, ଜର୍ମାନୀ, ଇସ୍ରାଏଲ, ଇଣ୍ଡୋନେସିଆ ଏବଂ ମିଶର ଭଳି ଅନେକ ରାଷ୍ଟ୍ର ଅନ୍ତର୍ଭୁକ୍ତ।

## ଚନ୍ଦ୍ରର ଅଦୃଶ୍ୟ ଅଂଶକୁ...

ଦୂରତା ଅତିକ୍ରମ ପାଇଁ ନୁହେଁ ବରଂ ଏକ ପରିବର୍ତ୍ତନର ପ୍ରତୀକ। କ୍ରିଷ୍ଟିନା କୋଚ୍ ଚନ୍ଦ୍ର ଯାତ୍ରାରେ ଯାଇଥିବା ପ୍ରଥମ ମହାକାଶଯାତ୍ରୀ। ସେହିପରି ଭିକ୍ଟର ଗ୍ଲୋଭର ଚନ୍ଦ୍ର ଯାତ୍ରାରେ ପ୍ରଥମ ଅଶ୍ୱେତ ଯାତ୍ରୀ ପାଲଟିଛନ୍ତି। ଏହି ଟିମ୍ ଏବେ ବିଶ୍ୱକୁ ବାର୍ତ୍ତା ଦେଉଛନ୍ତି ଯେ ମହାକାଶ ଏବେ ସମସ୍ତଙ୍କ ଲାଗି ଉନ୍ମୁକ୍ତ। ସେମାନଙ୍କ ଏହି ଦୁଃସାହାସ ଓ ଉଦ୍ୟମ ଆଗାମୀ ପିଢିର ବୈଜ୍ଞାନିକ ଓ ଯୁବପିଢିଙ୍କ ଲାଗି ଏକ ବଡ଼ ପ୍ରେରଣା ହେବ।

# ୫ କେଜି ଗ୍ୟାସ ବିକ୍ରି ବନ୍ଦ ନିଷ୍ପତିକୁ ବିଜେଡିର ବିରୋଧ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋଲାରେ ଗ୍ୟାସ ବିକ୍ରି ଓ ୫ କେଜି ଗ୍ୟାସ ବିକ୍ରି ବନ୍ଦ ହେବା ନେଇ ଯୋଗାଣ ମନ୍ତ୍ରୀଙ୍କ ପ୍ରତିକ୍ରିୟା ପରେ ଏହାକୁ ବିରୋଧ କରିଛି ବିଜେଡି । ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି ଯେ, ଆଗାମୀ ଦିନରେ ଅନାହାର ଦେଖାଦେବ। ମନ୍ତ୍ରୀଙ୍କ ଟିପ୍ପଣୀ ଦୁର୍ଭାଗ୍ୟ ଜନକ। ପାଠ ପଢା ପିଲା କେଉଁଠି ଗ୍ୟାସ ଆଣିବ। ଛୋଟ ପରିବାର କେମିତି ଚଳିବ। ସରକାର ଲୋକଙ୍କୁ ଗ୍ୟାସ ଦେଇ ପାରୁନାହାନ୍ତି। ହୋଟେଲ ବନ୍ଦ ହେଲାଣି। ଏହା ଦ୍ୱାରା କଳାବଜାରୀ ବଢିବ। ଆଗାମୀ ଦିନରେ ଅନାହାର ଦେଖାଦେବ। ଏହାର ପୁନଃ ବିଚାର ପାଇଁ ଅନୁରୋଧ କରୁଛି ବୋଲି ବିଜେଡି ବିଧାୟକ କହିଛନ୍ତି ।

# ନୂତନ ଭାବେ ଗଠିତ ଦକ୍ଷିଣ ତଟ ରେଳପଥ ଜୋନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂତନ ଭାବେ ଗଠିତ ଦକ୍ଷିଣ ତଟ ରେଳପଥରେ ସାମିଲ କରାଯାଇଥିବା କେତେକ ରେଳ ଷ୍ଟେସନ୍‌କୁ ନେଇ କିଛି ଆଶଙ୍କା ଓ ଚିନ୍ତା ପ୍ରକାଶ ପାଇଛି। ଏହା ସମ୍ବନ୍ଧରେ ପ୍ରକୃତ ସ୍ଥିତି ନିମ୍ନରୂପେ ସ୍ପଷ୍ଟ କରାଯାଉଛି: ପଲାସା - ଇଚ୍ଛାପୁରମ୍ ସେକ୍ସନ୍‌ରେ ପଲାସା, ସୁମ୍ମାଦେବୀ, ମଣ୍ଡାସା ରୋଡ୍, ବାରୁଭା, ସୋମପେଟା, ଝାଡୁପୁଡି ଏବଂ ଇଚ୍ଛାପୁରମ୍ ଭଳି ୭ଟି ଷ୍ଟେସନ୍ ରହିଛି। ଏହି ସମସ୍ତ ଷ୍ଟେସନ୍ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ। ଏହି ଷ୍ଟେସନ୍‌ଗୁଡ଼ିକ ମଧ୍ୟରୁ କୌଣସିଟି ଓଡ଼ିଶା ମଧ୍ୟରେ ଅବସ୍ଥିତ ନୁହେଁ। ଏହି ଷ୍ଟେସନ୍‌ଗୁଡ଼ିକ ଛୋଟରୁ ମଧ୍ୟମ ଶ୍ରେଣୀର ଷ୍ଟେସନ୍ ଯାହା ମୁଖ୍ୟତଃ ଯାତ୍ରୀ ପରିବହନ ପରିଚାଳନା କରିଥାଏ । ଏଥି ମଧ୍ୟରୁ କୌଣସି ଷ୍ଟେସନ୍ ପ୍ରମୁଖ ମାଲ ପରିବହନର କେନ୍ଦ୍ର ନୁହେଁ। ପୂର୍ବ ତଟ ରେଳପଥର ରାଜସ୍ୱରେ ଏହାର କୌଣସି ପ୍ରଭାବ ନାହିଁ। ଷ୍ଟେସନଗୁଡ଼ିକ ଯେକୌଣସି ରେଳ ଜୋନ ପରିସୀମାରେ ରହିଲେ ମଧ୍ୟ , ପାସ-ଥ୍ରୁ ପଣ୍ୟ ପରିବହନ (ଏହି ଷ୍ଟେସନଗୁଡ଼ିକ ଦେଇ ଯାଉଥିବା ଟ୍ରେନ୍) ନିରବଚ୍ଛିନ୍ନ ଭାବରେ ଜାରି ରହିବ। କ୍ଷେତ୍ରୀୟ ସୀମାରେଖା ମଧ୍ୟରେ ରେଳ ଚଳାଚଳ ନିରବିଚ୍ଛିନ୍ନ ଭାବେ ଜାରି ରହିଛି। ଏହା ଦ୍ୱାରା ଟ୍ରେନ୍ ଚଳାଚଳରେ କୌଣସି ବାଧା ସୃଷ୍ଟି ହେବ ନାହିଁ। ବର୍ତ୍ତମାନ ଚାଲୁଥିବା ସମସ୍ତ ଟ୍ରେନ୍, ଯଥା ପଲାସା-ଭୁବନେଶ୍ୱର, ପଲାସା-କଟକ ଏବଂ ଇଚ୍ଛାପୁରମ୍-କଟକ ମେମୁ/ଯାତ୍ରୀବାହୀ ଟ୍ରେନ ଗୁଡିକର ସମୟସୂଚୀ କିମ୍ବା ମାର୍ଗରେ କୌଣସି ପରିବର୍ତ୍ତନ ବିନା ପୂର୍ବବତ୍ ଚାଲୁ ରହିବ। ବିଶାଖାପାଟଣା ମଣ୍ଡଳରେ ଯାତ୍ରୀ ସେବାଗୁଡ଼ିକର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଏହା ଏକ ବୈଷୟିକ ସଂଶୋଧନ ମାତ୍ର ଅଟେ । ପୂର୍ବ ତଟ ରେଳପଥ ଏବଂ ଦକ୍ଷିଣ ତଟ ରେଳପଥ ମଧ୍ୟରେ କର୍ମଚାରୀ ନିୟୋଜନ ସମେତ ସ୍ଥାନାନ୍ତରଣ ପଦ୍ଧତିଗୁଡ଼ିକୁ ଚୂଡ଼ାନ୍ତ କରାଯାଉଛି । ସମସ୍ତ ରେଳ କର୍ମଚାରୀଙ୍କ ସ୍ୱାର୍ଥ ଏବଂ ସେବା ସର୍ତ୍ତାବଳୀ ପ୍ରତିଷ୍ଠିତ ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। ଓଡ଼ିଶା ପ୍ରତି ଭାରତ ସରକାରଙ୍କ ପ୍ରତିବଦ୍ଧତା ଅତୁଟ ରହିଛି। ଓଡ଼ିଶାରେ ରେଳ ନେଟୱାର୍କର ସମ୍ପ୍ରସାରଣ, ଷ୍ଟେସନ ଗୁଡିକର ଆଧୁନିକୀକରଣ, ବନ୍ଦେ ଭାରତ ରେଳ ସେବା ଏବଂ ପୂର୍ବ ତଟ ରେଳପଥ ଅଧୀନରେ ନବଗଠିତ ରାୟଗଡା ଡିଭିଜନ ଉପରେ ରେକର୍ଡ ପୁଞ୍ଜି ନିବେଶ ଭଳି ପଦକ୍ଷେପ ଗୁଡିକ ଏହି ପ୍ରତିବଦ୍ଧତାର ସ୍ପଷ୍ଟ ପ୍ରତିଫଳନ ଅଟେ।

# ଓଡ଼ିଆ ଅସ୍ମିତା ପାଇଁ ଦୌଡ଼: ଏକାମ୍ର କ୍ଷେତ୍ରରେ 'ଐତିହ୍ୟ ମାରାଥନ'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ 'ଓଡ଼ିଆ ପକ୍ଷ' ଅବସରରେ ପଞ୍ଚମ ଦିବସରେ ରବିବାର ରାଜଧାନୀର ଐତିହାସିକ ଏକାମ୍ର କ୍ଷେତ୍ରରେ 'ଐତିହ୍ୟ ଗଣଦୌଡ଼' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରବିବାର ସକାଳ ୫:୩୦ ମିନିଟରେ ସ୍ଥାପତ୍ୟର ଅନନ୍ୟ ନିଦର୍ଶନ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏହି ଦୌଡ଼ର ଶୁଭାରମ୍ଭ ହୋଇଥିଲା।

ଏହି ପବିତ୍ର ମୁକ୍ତେଶ୍ୱର ମନ୍ଦିର ପୀଠରୁ ବାହାରି ଐତିହ୍ୟ ଗଣଦୌଡ଼ ରାମେଶ୍ୱର ମନ୍ଦିର, ବିବେକାନନ୍ଦ ମାର୍ଗ, ଉତ୍କଳ କନିକା ଗ୍ୟାଲେରିଆ ମଲ୍, ଲୁଇସ୍ ରୋଡ୍, ବିଜେବି କଲେଜ ଏବଂ ରବି ଟକିଜ ଛକ ଦେଇ ଐତିହାସିକ ରାଜାରାଣୀ ମନ୍ଦିରଠାରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର କ୍ରୀଡ଼ାବିତ୍, ଯୁବଗୋଷ୍ଠୀ, ଦିବ୍ୟାଙ୍ଗ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇ ଓଡ଼ିଶାର ସମୃଦ୍ଧ କୀର୍ତ୍ତିରାଜିର ସୁରକ୍ଷା ଓ ପ୍ରଚାର ପାଇଁ ସଂକଳ୍ପ ନେଇଥିଲେ। ଏହି ଐତିହ୍ୟ ଗଣଦୌଡ଼ରେ ଚନ୍ଦନ ସାମଲ ପ୍ରଥମ, ସିଦ୍ଧାର୍ଥ କୁମାର ମିଶ୍ର ଦ୍ୱିତୀୟ ଏବଂ ବିଜୟ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ବିଜୟୀ ହୋଇଥିବା ଚନ୍ଦନ ସାମଲ, ସିଦ୍ଧାର୍ଥ କୁମାର ମିଶ୍ର ଏବଂ ବିଜୟ ଅଗ୍ରୱାଲଙ୍କୁ ପଦକ ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଐତିହ୍ୟ ଗଣଦୌଡ଼ରେ ସାମିଲ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପଦକ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକାମ୍ର ବିଧାୟକ କହିଥିଲେ ଯେ, ଏହି ଗଣଦୌଡ଼ କେବଳ ଏକ କ୍ରୀଡ଼ା କାର୍ଯ୍ୟକ୍ରମ ନୁହେଁ, ବରଂ ନିଜ ଐତିହ୍ୟ ସହ ଯୁବପିଢ଼ିକୁ ଯୋଡ଼ିବାର ଏକ ସୁନ୍ଦର ପ୍ରୟାସ। ଆମ ରାଜ୍ୟର ପ୍ରାଚୀନ ମନ୍ଦିର ଓ କୀର୍ତ୍ତିରାଜି ହେଉଛି ଓଡ଼ିଆ ଅସ୍ମିତାର ପ୍ରତୀକ ଏବଂ ଏହାର ସଂରକ୍ଷଣ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଶେଷରେ ସେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ିକୁ ନିଜ ମାଟିର ଗୌରବମୟ ଇତିହାସ ସହ ଯୋଡ଼ିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୁପେନ୍ଦ୍ର ସିଂ ପୁନିଆ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁଙ୍କ ସମେତ ଅଲମ୍ପିଆନ୍ ଅନୁରାଧା ବିଶ୍ୱାଳ ଓ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ସୁଶ୍ରୀ ସଙ୍ଗୀତା ଶିବାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଯାଏ ବଢ଼ିଲା ପ୍ରବେଶିକା ପରୀକ୍ଷା (ସିଇଇ) ପଞ୍ଜୀକରଣ

**କଟକ, ନ୍ୟୁଜ ବ୍ୟୁରୋ**



ଭାରତୀୟ ସେନାର ଅଗ୍ନିପଥ ଯୋଜନା ଏବଂ ରେଗୁଲାର କ୍ୟାଡରର ନିଯୁକ୍ତି ପାଇଁ ହେବାକୁ ଥିବା ଅନ୍‌ଲାଇନ ଏକକ ପ୍ରବେଶିକା ପରୀକ୍ଷା (ସିଇଇ)ର ପଞ୍ଜୀକରଣ ଅବଧି ବୃଦ୍ଧି ପାଇଛି। ଆଶାୟୀମାନେ ଆସନ୍ତା ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ନିମନ୍ତେ ପଞ୍ଜୀକରଣ କରିପାରିବେ। କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଏବଂ ଭଦ୍ରକ ଜିଲାରୁ ଥିବା ଆଶାୟୀଙ୍କର ଏହି ପଞ୍ଜୀକରଣ କ୍ଷେତ୍ରରେ ଯଦି କୌଣସି ସମସ୍ୟା ରହିଛି କିମ୍ବା ସୂଚନା ପାଇବାକୁ ଚାହୁଁଥିବେ ତା'ହେଲେ କଟକ ବକ୍ସିବଜାର କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଏହି ପ୍ରବେଶିକା ପରୀକ୍ଷା ପାଇଁ ପଞ୍ଜୀକରଣ ଫେବୃଆରୀ ୧୩ରୁ ଆରମ୍ଭ ହୋଇଥିଲାବେଳେ ଶେଷ ତାରିଖ ଏପ୍ରିଲ ୧ ପର୍ଯ୍ୟନ୍ତ ରହିଥିଲା।

# ଚଳିତ ବର୍ଷ ଲାଗୁହେବ ଶିକ୍ଷା ସଂରକ୍ଷଣ ନୀତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ମେଡ଼ିକାଲ, ଇଞ୍ଜିନିଅରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ନୀତିରେ ରାଜ୍ୟ କ୍ୟାବିନେଟ ବଡ଼ ନିଷ୍ପତ୍ତି ପରେ ଅନୁସୂଚିତ ଓ ଜନ ଜାତି ପଛୁଆ ବର୍ଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖି କହିଛନ୍ତି ଯେ,ଚଳିତ ବର୍ଷ ଲାଗୁହେବ ଏ ସଂରକ୍ଷଣ ନୀତି । ରାଜ୍ୟର ଅନୁସୂଚିତ ଜନଜାତି ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ ଛାତ୍ରଛାତ୍ରୀମାନେ ୧୧.୨୫ ପ୍ରତିଶତ ସଂରକ୍ଷଣ ପାଇବେ । କ୍ୟାବିନେଟରେ ବଡ ନିଷ୍ପତ୍ତି ଆମ ସରକାର ଆସିଲା ପରେ ଏସସି ଏସଟିଙ୍କୁ, ଏସସିବିସିଙ୍କୁ ମେଡିକାଲ ଅନନ୍ୟା ପ୍ରଯୁକ୍ତି ବିଦ୍ୟାରେ ନାମ ଲେଖାଇବା ପାଇଁ ସଂରକ୍ଷଣ ବ୍ୟବସ୍ଥା ହୋଇଛି । ଚାକିରୀ ଓ ପାଠ ପଢ଼ାରେ ସଂରକ୍ଷଣ ବ୍ୟବସ୍ଥା ହୋଇଛି । ସିଟ ସଂଖ୍ୟା ବି ବଢିବ । ଗତ ସରକାର ସେମାନଙ୍କ ଅଧିକାର କ୍ଷୁର୍ଣ୍ଣ କରିଥିଲେ ବୋଲି ମନ୍ତ୍ରୀ କହିଛନ୍ତି ।

### ଗହଣା ଡକାୟତି, ଗୋଲ୍ଡ ବିସ୍କୁଟ ଓ ବିଦେଶ ଲିଙ୍କ୍

# କ୍ରାଇମ ସିଣ୍ଡିକେଟକୁ ଖୋଜୁଛି ୪ ରାଜ୍ୟର ପୁଲିସ

**କଟକ, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ଜେଲରୁ ଫେରାର ଅପରାଧୀ ରାଜା ସାହାଣୀ ଗିରଫ ପରେ ଭାରତରୁ ବିଦେଶ ଗୋଲ୍ଡ ବିସ୍କୁଟ ଚାଲାଣର ସୁରାକ୍ ପାଇଛି ପୁଲିସ। ଖାସ୍ ସେଥିପାଇଁ ବ୍ୟାଙ୍କ ଡକାୟତିରୁ ଗହଣା ସୋ ରୁମ୍ ଡକାୟତି ପାଇଁ ଫୋକସ୍ କରୁଥିଲା। ଭାରତରୁ ବିଦେଶକୁ ଗୋଲ୍ଡ ବିସ୍କୁଟ କାରବାର ଲିଙ୍କ୍ କାଢ଼ିବା ପୁଲିସ ପାଇଁ ଚାଲେଞ୍ଜ ହୋଇଛି। ଏସବୁ ତଥ୍ୟ କାଢ଼ିବାକୁ ଏବେ ୪ ରାଜ୍ୟରପୁଲିସ ଓଡ଼ିଶାର କଟକ ମୁହାଁ ହୋଇଛନ୍ତି। ଡକାୟତି ପରେ ସୁନାକୁ କେମିତି ଗୋଲ୍ଡ ବିସ୍କୁଟ କରନ୍ତି, ତାକୁ କାହାକୁ ହସ୍ତାନ୍ତର କରନ୍ତି। ନେପାଳ ଦେଇ ଯାଏ ଗୋଲ୍ଡ ବିସ୍କୁଟ। କେମତି ଆଉ କାହା ମାଧ୍ୟମରେ ବିଦେଶ ସପ୍ଲାଏ ହେଉଚି ଗୋଲ୍ଡ ବିସ୍କୁଟ। ସେଥିପାଇଁ ରାଜା ସାହାଣୀକୁ ଜେରା କରିବା ଜରୁରୀ ହୋଇଚି। ଗୋଲ୍ଡ ବିସ୍କୁଟ ସିଣ୍ଡିକେଟ ପଛରେ କିଏ ଧରିବା ପୁଲିସ ପାଇଁ ଚାଲେଞ୍ଜ ହୋଇଚି। ଖାଲି ସେତିକି ନୁହେଁ ଡକାୟତି ସୁନାରୁ ସଂଗୃହୀତ ଅର୍ଥକୁ ହୋଟେଲ ଏବଂ ଜମିରେ ବିନିଯୋଗ କରୁଥିଲେ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ । ଏସବୁ ପୁଲିସ କାଢି ପାରିବ ତ, ଯାହା ପୁଲିସ ପାଇଁ ଚାଲେଞ୍ଜ ହୋଇଛି। ସେପଟେ କଟକ କମିଶନରେଟ ପୁଲିସ ଅଭିଯୁକ୍ତ ରାଜା ସାହାଣୀକୁ ରିମାଣ୍ଡରେ ଆଣି ଗୋଲ୍ଡ ବିସ୍କୁଟ ଲିଙ୍କ୍, ଚୌଦ୍ୱାର ଜେଲ୍ ଫେରାର ଲିଙ୍କ୍ , ଓଡ଼ିଶାରେ ଗ୍ୟାଙ୍ଗର ଆଉ କେହି ସଦସ୍ୟ ରହିଛନ୍ତି କି, ବେଆଇନ୍ ଅର୍ଥ କାରବାର ଏବଂ ଗୁପ୍ତ ସମ୍ପତି ଲିଙ୍କ୍ ଏ ସବୁ ତଥ୍ୟ କାଢ଼ିବାକୁ ଲକ୍ଷ୍ୟ ରଖିଚି। ଦରକାର ପଡ଼ିଲେ ପୂର୍ବରୁ ଗିରଫ ହୋଇଥିବା ମଧୁକାନ୍ତ ଏବଂ ରାଜା ସାହାଣୀ ଉଭୟଙ୍କୁ ଆଣି ପରେ ରିମାଣ୍ଡରେ ନେଇପାରେ। ସେହି ପରି ରାଜ୍ୟ ବାହାର ବିଶେଷ କରି ଆନ୍ଧ୍ର, ବିହାର, କର୍ଣ୍ଣାଟକ ଓ ଝାଡ଼ଖଣ୍ଡ ପୁଲିସ ଓଡ଼ିଶା ଆସି କୋର୍ଟର ଅନୁମତି ନେଇ ଜେରା କରିପାରେ। ଅଥବା ରିମାଣ୍ଡ ପାଇଁ ଦରକାର ପଡ଼ିଲେ ସେମାନେ ମଧ୍ୟ ନିଜ ରାଜ୍ୟକୁ ନେଇ ଜେରା କରିପାରନ୍ତି। ତେବେ ସୁରକ୍ଷା ଦୃଷ୍ଟିକୋଣରୁ କୋର୍ଟ କେଉଁ ନିଷ୍ପତ୍ତି ନେଇଛନ୍ତି ତାହା ପରେ ଜଣାପଡ଼ିବ।

# ଇରାନରୁ ସ୍ୱଦେଶ ଫେରିଲେ ୩୪୫ ଜଣ ଭାରତୀୟ ମତ୍ସ୍ୟଜୀବୀ : ଆର୍ମେନିଆ ମାର୍ଗରେ ଚେନ୍ନାଇରେ ପହଞ୍ଚିଲେ

**ଚେନ୍ନାଇ:**

ଇରାନରେ ଫସିଥିବା ୩୪୫ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଚେନ୍ନାଇକୁ ଅଣାଯାଇଛି। ଏହି ଉଦ୍ଧାର କାର୍ଯ୍ୟ ଆର୍ମେନିଆ ମାର୍ଗରେ କରାଯାଇଥିଲା, ଯେଉଁଠାରୁ ସେମାନଙ୍କୁ ଭାରତକୁ ଆଣାଯାଇଥିଲେ।

ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ଏହି ଅଭିଯାନରେ ସହଯୋଗ ପାଇଁ ଆର୍ମେନିଆ ସରକାର ଏବଂ ସେଠାର ସମକକ୍ଷ ଆରାତ ମିର୍ଜୋୟାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସରକାରୀ ତଥ୍ୟ ଅନୁସାରେ, ଏପର୍ଯ୍ୟନ୍ତ ୧୨୦୦ ରୁ ଅଧିକ ଭାରତୀୟ ନାଗରିକଙ୍କୁ ଇରାନରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି, ଯେଉଁମାନଙ୍କ ମଧ୍ୟରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଛନ୍ତି। ଏହି ଅଭିଯାନ ଆର୍ମେନିଆ ଏବଂ ଆଜରବାଇଜାନ ମାର୍ଗରେ ଚାଲିଛି, ଯେଉଁଠାରେ ଭାରତୀୟ ଦୂତାବାସ ଏବଂ ସ୍ଥାନୀୟ ପ୍ରଶାସନ ମିଳିତ ଭାବେ କାମ କରୁଛନ୍ତି।

ଏହି ସମୟରେ, ପଶ୍ଚିମ ଏସିଆରେ ଚାଲୁଥିବା ଯୁଦ୍ଧ ସତ୍ତ୍ୱେ ସଂଯୁକ୍ତ ଆରବ ଏମିରେଟସ୍‌ରୁ ଭାରତ ପାଇଁ ସୀମିତ ଉଡ଼ାଣ ସେବା ଚାଲୁ ରହିଛି। ବହୁ ସଂଖ୍ୟକ ଲୋକ ଏହି ଉଡ଼ାଣ ମାଧ୍ୟମରେ ଦେଶକୁ ଫେରୁଛନ୍ତି।




ରିପୋର୍ଟ ଅନୁସାରେ, ଫେବୃଆରୀ ଶେଷରୁ ଏପର୍ଯ୍ୟନ୍ତ ଏହି ଅଂଚଳରୁ ୬.୨୪ ଲକ୍ଷରୁ ଅଧିକ ଯାତ୍ରୀ ଭାରତକୁ ଫେରିଛନ୍ତି। ତଥାପି, ଅଂଚଳର ପରିସ୍ଥିତି ଏପର୍ଯ୍ୟନ୍ତ ସମ୍ବେଦନଶୀଳ ରହିଛି, ଯାହାକୁ ଦୃଷ୍ଟିରେ ରଖି ସରକାର ନିରନ୍ତର ଭାବେ ନିଜ ନାଗରିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ପ୍ରୟାସରତ ଅଛନ୍ତି।

# କଚ୍ଛପଗତିରେ ଚାଲିଛି ଶ୍ରୀଲିଙ୍ଗରାଜଙ୍କ ରୋଷଘର ମରାମତି

**ପୁରୁଣା ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**



ଶ୍ରୀଲିଙ୍ଗରାଜଙ୍କ ରୋଷଘର କାମ କରୁଛି କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ)। ପ୍ରାୟ ୨୧୫ ଲକ୍ଷ ଟଙ୍କା ବ୍ୟୟରେ ଏଏସ୍‌ଆଇ ପକ୍ଷରୁ କାମ ଚାଲିଛି। ସେହିପରି ସମର୍ଥା ସେବକମାନେ ମନ୍ଦିର ଉପରକୁ ସୁବିଧାଜନକ ଭାବେ ଚଢ଼ି ପାରିବା ପାଇଁ 'ୟୁ' ଆକାରର କ୍ଲାମ୍ପ୍ ବ୍ୟବସ୍ଥା ସହିତ ଲାଇଟ୍‌ନିଂ ଆରେଷ୍ଟର ସ୍ଥାପନା କାମ ସରିଛି। ଏଥି ସହ ମନ୍ଦିର ଶୀର୍ଷଭାଗରେ ଥିବା ଲୋହା ଶୃଙ୍ଖଳା ୩୫ ଲକ୍ଷ ଟଙ୍କା ବ୍ୟୟରେ ପରିବର୍ତ୍ତନ କରାଯାଇଛି।

ଏହି କାମକୁ ଅନୁଧ୍ୟାନ କରିବାକୁ ଆସିଥିଲେ ସାଂସଦ ଅପରାଜିତ ଷଡ଼ଙ୍ଗୀ ଓ ବିଧାୟକ ବାବୁ ସିଂହ। ବିଭିନ୍ନ ଏଏସ୍‌ଆଇ ଅଧିକାରୀ ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରୁଦ୍ରପ୍ରସାଦ ମହାନ୍ତି ଓ ସେବାୟତଗଣଙ୍କ ସହ ପ୍ରଥମେ ମନ୍ଦିରରେ ଶ୍ରୀଜିଉଙ୍କୁ ଦର୍ଶନ କରିଥିଲେ। ପରେ ସେମାନେ ରୋଷ ଘର ତିଆରି ଚାଲୁଥିବା ସ୍ଥାନ ବୁଲି ଦେଖିବା ସହ ବିଭିନ୍ନ ସେବାୟତଙ୍କ ସହ ଆଲୋଚନା କରିଥିଲେ। ରୋଷଘର ମନ୍ଥର ଗତିରେ ଚାଲୁଥିବା ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି ଅଭିଯୋଗ କରିଥିଲେ। କାମ ୧୨୦ ଦିନରେ ସରିବାକୁ ସ୍ଥିର ହୋଇଥିବା ବେଳେ ଅତି ଧିମାଗତିରେ କାମ କରାଯାଉଛି ବୋଲି ସେମାନେ କହିଥିଲେ। ତେବେ କାମ ଠିକଣା ସମୟରେ ସାରିବାକୁ ଏଏସ୍‌ଆଇ ଅଫିସରଙ୍କୁ ସାଂସଦ ଓ ବିଧାୟକ ତାଗିଦ୍ କରିଥିଲେ। ସେହିପରି ମନ୍ଦିର ବେଢ଼ା ଚାରିପଟେ କତା ଗାଲିଚା ପକାଇବାକୁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ତାଙ୍କ ସହ ଏଏସ୍‌ଆଇ ମଣ୍ଡଳ ଅଧୀକ୍ଷକ ନନ୍ଦକିଶୋର ସ୍ୱାଇଁ, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ବ୍ରାହ୍ମଣ ନିଯୋଗ ସଭାପତି ନାରାୟଣ ମହାପାତ୍ର, ହେମାଦ୍ରୀ ମହାପାତ୍ର, ସୁବାସିନୀ ପୃଷ୍ଟି, କୃଷ୍ଣଚନ୍ଦ୍ର ବଡୁ, ମଣ୍ଡଳ ସଭାପତି ଦୁର୍ଗାପ୍ରସାଦ ମହାପାତ୍ର, ପ୍ରଶାନ୍ତ ପ୍ରଧାନ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ରୋଷ ଘରର ସବୁଆଡେ କଳା ଓ ଅଳନ୍ଧୁମୟ ହୋଇଥିଲା। କେତେକ ସ୍ଥାନରେ ପାଣି ଗଳୁଥିବା ସହ ଛାତ ଫାଟି ରହିଥିଲା। ରୋଷଘର ଚଟାଣ ଓ ଛାତ କାମ କରିବା ସହ ସମସ୍ତ କାନ୍ଥ ପ୍ଲାଷ୍ଟର ଛଡ଼ାଇବା ଆରମ୍ଭ ହୋଇଛି। ଦୀର୍ଘଦିନ ହେଲା ରୋଷଘର ସମସ୍ତ ନଳା ଜାମ୍ ହୋଇଯାଇଥିବାରୁ ଏହାକୁ ପରିଷ୍କାର କରାଯାଉଛି। ରୋଷଘର ପ୍ରବେଶ ପଥକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇ କୋଠଭୋଗ ପାଇଁ ଅସ୍ଥାୟୀ ରୋଷଘର ତିଆରି ହୋଇଛି।

ଉତ୍କଳ ଦୀପିକା

ଭୁବନେଶ୍ୱର, ୦୬ ଅପ୍ରେଲ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

### ଶ୍ରୀମନ୍ଦିର ପ୍ରଶାସନର ବଡ଼ ନିଷ୍ପତ୍ତି

# ମହାପ୍ରଭୁଙ୍କ କୋଠ ଭୋଗରେ ଜୈବିକ ଚାଉଳର ହେବ ବ୍ୟବହାର

**ପୁରୀ ୦୫।୦୪ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କୋଠ ଭୋଗରେ ଜୈବିକ ଚାଉଳ ବ୍ୟବହାର ନେଇ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ଆଗାମୀ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ କୋଠ ଭୋଗ ସମ୍ପୂର୍ଣ୍ଣ ଜୈବିକ ଚାଉଳରେ ପ୍ରସ୍ତୁତ ହେବ।

ତେବେ ଜୈବିକ ଚାଉଳ ପରେ ଜୈବିକ ଡ଼ାଲି ମଧ୍ୟ ମହାପ୍ରଭୁଙ୍କ କୋଠ ଭୋଗରେ ପ୍ରସ୍ତୁତ ହେବ। ଏଣୁ ଜୈବିକ ଡ଼ାଲି ଉତ୍ପାଦନ ପାଇଁ ଯୋଜନା କରୁଛି ଶ୍ରୀମନ୍ଦିର ପ୍ରଶାସନ। କୃଷି ବିଭାଗର ସହାୟତାରେ ଜୈବିକ ଚାଷ କରୁଥିବା ଚାଷୀଙ୍କ ସହିତ ଯୋଗାଯୋଗ କରାଯାଇ ଜୈବିକ ଉପାୟରେ ଡ଼ାଲି ଚାଷ ମଧ୍ୟ କରାଯିବ। କୃଷି ବିଭାଗ ଜୈବିକ ଡ଼ାଲିକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବା ପରେ



ମହାପ୍ରଭୁଙ୍କ କୋଠ ଭୋଗରେ ଏହାକୁ ବ୍ୟବହାର କରାଯିବ। ଶ୍ରୀମନ୍ଦିର ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ସେବାୟତ ଓ ଜଗନ୍ନାଥ ପ୍ରେମୀ।

## ଆଜି ଶ୍ରୀବିଗ୍ରହଙ୍କ ପଇତା ଲାଗି ନୀତି : ୪ ଘଣ୍ଟା ଦର୍ଶନ ବନ୍ଦ

**ପୁରୀ ୦୫/୦୪ ନ୍ୟୁଜ ବ୍ୟୁରୋ**

ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ସମ୍ପନ୍ନ ହେବ ବୋଲି ସୂଚନା ରହିଛି । ଦଇତାପତି ସେବକମାନେ ଠାକୁରଙ୍କ ଏହି ସେବା କରିବେ । ଠାକୁରଙ୍କ ଶ୍ରୀଅଙ୍ଗସୁରକ୍ଷା ପାଇଁ ଏହି ନୀତି ହେଉଥିବା ସେବାୟତମାନେ କୁହନ୍ତି । ପାଟବସ୍ତ୍ରକୁ ପଇତା ଭଳି ବଳାଯାଇ ଦାରୁଦେବତାଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥାଏ । ଏହି ସ୍ୱତନ୍ତ୍ର ନୀତି ପାଇଁ ଦର୍ଶନ କଟକଣା ରହିବ । ସେଦିନ ଅପରାହ୍ଣରେ ପ୍ରାୟ ୩ଘଣ୍ଟା ଦର୍ଶନ ବନ୍ଦ ରହିବ ବୋଲି ଅନୁମାନକରାଯାଉଛି । ନୀତି ସରି ଠାକୁରଙ୍କମହାସ୍ନାନ ବଢ଼ିଲେ ପୁନଃ ଦର୍ଶନ ଆରମ୍ଭହେବ । ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ପଇତାଲାଗି ନୀତି ହେବ । ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶକରି ସାମୂହିକ ସେବା ସମ୍ପନ୍ନ କରିବେ।

## ତାରାତାରିଣୀଙ୍କ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଲେ ପ୍ରଧାନମନ୍ତ୍ରୀଙ୍କ ସଚିବ



**ପୁରୁଷୋତ୍ତମପୁର,୫।୪ ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ ପ୍ରମୁଖ ସଚିବ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାଶ ଓ ତାଙ୍କ ପତ୍ନୀ ରବିବାର ଗଞ୍ଜାମ ଗସ୍ତରେ ଆସି ପ୍ରସିଦ୍ଧ ଆରାଧ୍ୟ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଛନ୍ତି। ଏହାସହ ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ବୁଲି ଦେଖିବା ସହ ମନ୍ଦିର ବିକାଶ ସମ୍ପର୍କରେ ଉପସ୍ଥିତ ଆସିକା ସାଂସଦ ଅନିତା ଶୁଭଦର୍ଶନୀ ଓ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ଏମ୍‌ପିଙ୍କ ପ୍ରତିନିଧି ଯଜ୍ଞନାରାୟଣ ଦାଶ, ସୀତାରାମ ପାଣିଗ୍ରାହୀ, ଶଙ୍କର ନାହାକଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ଡିଜିଟାଲ ଜନଗଣନାରେ ସାମିଲ ହେଲେ ନବୀନ ପଟ୍ଟନାୟକ



**ଭୁବନେଶ୍ୱର, ୫/୦୪ ନ୍ୟୁଜ ବ୍ୟୁରୋ**

ଭାରତର ପ୍ରଥମ ଡିଜିଟାଲ ଜନଗଣନା ପ୍ରକ୍ରିୟା ଓଡ଼ିଶାରେ ଆରମ୍ଭ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରବିବାର 'ସ୍ୱ-ଗଣନା' ପ୍ରକ୍ରିୟାରେ ଅଂଶଗ୍ରହଣ କରି ଡିଜିଟାଲ ପୋର୍ଟାଲରେ ତାଙ୍କ ପରିବାରର ବିବରଣୀ ଦାଖଲ କରିଛନ୍ତି। ଏହି ଜନଗଣନାରେ ଲୋକଙ୍କୁ ଏକ ସୁବିଧା ଦିଆଯାଇଛି, ଯେଉଁଥିରେ ସେମାନେ ଜନଗଣନା ଅଧିକାରୀଙ୍କୁ ଅପେକ୍ଷା ନକରି ଅନଲାଇନରେ ସେମାନଙ୍କର ପରିବାରର ବିବରଣୀ ପ୍ରଦାନ କରିପାରିବେ। ଏହାକୁ 'ସ୍ୱ-ଗଣନା' କୁହାଯାଏ। ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପରେ ଶ୍ରୀ ପଟ୍ଟନାୟକ ଏଥିରେ ସହଯୋଗ କରିବାକୁ ଓଡ଼ିଶାର ସମସ୍ତ ଲୋକଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ସଠିକ୍ ଜନଗଣନା ମାଧ୍ୟମରେ ହିଁ ଭଲ ଯୋଜନା ପ୍ରସ୍ତୁତ କରାଯାଇପାରିବ। ଜନଗଣନା ପାଇଁ ସ୍ୱତନ୍ତ୍ର ପୋର୍ଟାଲ ୧୫ ଏପ୍ରିଲ ମଧ୍ୟରାତ୍ରି ପର୍ଯ୍ୟନ୍ତ ଖୋଲା ରହିବ। ନାଗରିକମାନେ ସେମାନଙ୍କର ମୋବାଇଲ୍ ନମ୍ବର ଏବଂ ଆଧାର ବ୍ୟବହାର କରି ଲଗ୍ ଇନ୍ କରିପାରିବେ ଏବଂ ସେମାନଙ୍କର ସୂଚନା ପ୍ରଦାନ କରିପାରିବେ। ୧୬ ଏପ୍ରିଲରୁ ଗଣନାକାରୀମାନେ ଘର ଘର ବୁଲି ସୂଚନା ସଂଗ୍ରହ କରିବେ ଏବଂ ଅନଲାଇନରେ ପଞ୍ଜିକରଣ କରିଥିବା ଲୋକଙ୍କ ବିବରଣୀ ଯାଞ୍ଚ କରିବେ। ପ୍ରଥମ ପର୍ଯ୍ୟାୟରେ ମୋଟ ୩୩ଟି ପ୍ରଶ୍ନ ପଚରାଯାଉଛି। ଏଥିରେ ଆପଣଙ୍କ ଘରର ଅବସ୍ଥା, ପାନୀୟ ଜଳ ସୁବିଧା, ବିଦ୍ୟୁତ୍, ଶୌଚାଳୟ, ରୋଷେଇ ଗ୍ୟାସ୍ ଏବଂ ବ୍ୟକ୍ତିଗତ ଜିନିଷପତ୍ର ସମ୍ପର୍କରେ ସୂଚନା ଅନ୍ତର୍ଭୁକ୍ତ।

### ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ନାଗରତ୍ନାଙ୍କ ବଡ଼ ବୟାନ

# 'ନିର୍ବାଚନ କମିଶନ ଭଳି ସଂସ୍ଥା ସ୍ୱାଧୀନ ଭାବରେ କାମ କରିବା ଉଚିତ'

**ନୂଆଦିଲ୍ଲୀ,୫।୪**

ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ଉଚିତ। କୌଣସି ରାଜନୈତିକ ପ୍ରତିକ୍ରିୟା ଦ୍ୱାରା ପ୍ରଭାବିତ ହେବା ଉଚିତ୍ ନୁହେଁ। ନିର୍ବାଚନ କେବଳ ଏକ ସାମୟିକ ପ୍ରକ୍ରିୟା ନୁହେଁ ବରଂ ରାଜନୈତିକ ଶକ୍ତି ଗଠନ କରିବାର ପଦ୍ଧତି ବୋଲି କହିଛନ୍ତି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନା। ସେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ନାଗାରତ୍ନା କହିଛନ୍ତି, ଭାରତର ସାମ୍ବିଧାନିକ ଗଣତନ୍ତ୍ର ପ୍ରମାଣିତ କରିଛି ସମୟୋଚିତ ନିର୍ବାଚନ ଶାନ୍ତିପୂର୍ଣ୍ଣ ଏବଂ ଶୃଙ୍ଖଳିତ କ୍ଷମତା ପରିବର୍ତ୍ତନ ସୁନିଶ୍ଚିତ କରେ। ସେ ଆହୁରି ମଧ୍ୟ କହିଥିଲେ ଯେ ନିର୍ବାଚନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବା କେବଳ ପ୍ରଶାସନିକ ହସ୍ତକ୍ଷେପ ନୁହେଁ ବରଂ ରାଜନୈତିକ



ପ୍ରତିଯୋଗିତାର ସର୍ତ୍ତାବଳୀକୁ ପ୍ରଭାବିତ କରିବା ସମାନ, ଯାହା ଗଣତନ୍ତ୍ରର ମୂଳ ଭାବନା ବିରୁଦ୍ଧରେ। ଉଲ୍ଲେଖନୀୟ ଯେ, ପାଟନାର ଚାଣକ୍ୟ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ସମ୍ବୋଧନ ସମୟରେ ଜଷ୍ଟିସ୍ ନାଗାରତ୍ନା ଏହି ବକ୍ତବ୍ୟ ଦେଇଥିଲେ। ବାର୍ ଆଣ୍ଡ ବେଞ୍ଚ ଅନୁଯାୟୀ ଜଷ୍ଟିସ୍ ନାଗରତ୍ନା କହିଛନ୍ତି ନିର୍ବାଚନ କମିଶନ, ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ ଓ ଅର୍ଥ କମିଶନ ଭଳି ସଂସ୍ଥାଗୁଡିକର ଗଠନ ସମାନ ପ୍ରକାର। ଏହି ପ୍ରତିଷ୍ଠାନଗୁଡ଼ିକ ବିଶେଷ ଭାବରେ ବାହ୍ୟ ଚାପରୁ ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ଏବଂ ସାଧାରଣ ରାଜନୈତିକ ପ୍ରକ୍ରିୟାକୁ ନିରପେକ୍ଷତା ବଜାୟ ରଖିବା ପାଇଁ ଡିଜାଇନ୍ କରାଯାଇଛି। ସେ ଏହି ଅନୁଷ୍ଠାନଗୁଡ଼ିକର ସ୍ୱାଧୀନ ଏବଂ ରାଜନୈତିକ ପ୍ରଭାବରୁ ମୁକ୍ତ ରହିବାର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଭାରତର ଗଣତାନ୍ତ୍ରିକ ଗଠନରେ ନିର୍ବାଚନ କମିଶନଙ୍କ ଭୂମିକା ଉପରେ ମତାମତ ଦେଇ ଜଷ୍ଟିସ୍ ନାଗରତ୍ନା କହିଥିଲେ ଯେ ନିର୍ବାଚନ କେବଳ ଏକ ସାମୟିକ ପ୍ରକ୍ରିୟା ନୁହେଁ ବରଂ ରାଜନୈତିକ ଶକ୍ତି ପ୍ରତିଷ୍ଠିତ ହେବାର ମାଧ୍ୟମ। 'ଟି.ଏନ୍. ଶେଷନ' ବନାମ ଭାରତୀୟ ସଂଘ ମାମଲାର ମଧ୍ୟ ଉଦାହରଣ ଦେଇଥିଲେ। ସେ କହିଥିଲେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ବାଚନର ନିରପେକ୍ଷତା ସୁନିଶ୍ଚିତ କରିବାର ଦାୟିତ୍ୱରେ ନ୍ୟସ୍ତ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ସଂସ୍ଥା ଭାବରେ ସ୍ୱୀକୃତି ଦେଇଛନ୍ତି। ଯଦି ନିର୍ବାଚନ ପରିଚାଳନା କରୁଥିବା ଲୋକମାନେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଲୋକଙ୍କ ଉପରେ ନିର୍ଭରଶୀଳ ହୁଅନ୍ତି, ତେବେ ପ୍ରକ୍ରିୟାର ନିରପେକ୍ଷତା ସୁନିଶ୍ଚିତ କରାଯାଇପାରିବ ନାହିଁ।' ଇତିହାସ ଶିକ୍ଷା ଦିଏ କୌଣସି ସାମ୍ବିଧାନିକ ବ୍ୟବସ୍ଥାର ପତନ ସେତବେଳେ ଆରମ୍ଭ ହୁଏ ଯେତେବେଳେ ଏହାର ସାଂଗଠନିକ ଗଠନ ଦୁର୍ବଳ ହୋଇଯାଏ ଏବଂ ଅଧିକାରର ଉଲ୍ଲଂଘନ ହୁଏ। ତାଙ୍କ ମତରେ, ଏହି ପରିସ୍ଥିତି ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ଅନୁଷ୍ଠାନଗୁଡ଼ିକ ପରସ୍ପର ଉପରେ ନିୟନ୍ତ୍ରଣ ଏବଂ ସନ୍ତୁଳନ ବଜାୟ ରଖିବା ବନ୍ଦ କରିଦିଏ। ଏପରି ସ୍ଥିତିରେ, ଯଦିଓ ନିର୍ବାଚନ ଅନୁଷ୍ଠିତ ହେବା ଜାରି ରହିପାରେ, କୋର୍ଟ କାର୍ଯ୍ୟ କରିପାରନ୍ତି ଏବଂ ସଂସଦ ଆଇନ ପ୍ରଣୟନ ଜାରି ରଖିପାରେ, ତଥାପି କ୍ଷମତା ଉପରେ କୌଣସି ପ୍ରକୃତ ପ୍ରଭାବଶାଳୀ ନିୟନ୍ତ୍ରଣ ରହିନଥାଏ କାରଣ ସାଂଗଠନିକ ଶୃଙ୍ଖଳା ଏବଂ ସନ୍ତୁଳନ ଦୁର୍ବଳ ହୋଇଯାଇଥାଏ।

# ଖୋଲା ବଜାରରେ ବିକ୍ରି ହେବନି ଗ୍ୟାସ : ୫ ଲିଟର ଗ୍ୟାସ ସମ୍ପୂର୍ଣ୍ଣ ବନ୍ଦ

**ଭୁବନେଶ୍ୱର, ୦୫/୦୪ ନ୍ୟୁଜ ବ୍ୟୁରୋ**

ଆଉ ଖୋଲା ବଜାରରେ ମିଳିବନି ଗ୍ୟାସ । ଗ୍ୟାସ ବିକ୍ରି ନେଇ ଇ-କେୱାଇସି କରାଯିବ। କେବଳ ଯାହା ନାଁରେ କାର୍ଡ ଥିବ ଗ୍ୟାସ ଏଜେନ୍ସିରୁ ସେମାନେ ଗ୍ୟାସ ଟାଙ୍କି ନେଇ ପାରିବେ। ରାଜ୍ୟରେ ଏବେ ଗ୍ୟାସ ଓ ପେଟ୍ରୋଲର କୌଣସି ଅଭାବ ନାହିଁ । ରାଜ୍ୟରେ ଗ୍ୟାସର କଳାବଜାରୀ ହେଉ ନାହିଁ । ଗ୍ୟାସ ସଙ୍କଟ ଭିତରେ ରବିବାର ଏହି ବୟାନ ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ।



'ଖୋଲା ବଜାରରେ ଗ୍ୟାସ ବିକ୍ରି ହେବା ବେଆଇନ ଅଟେ। କେବଳ ସ୍ୱୀକୃତି ପ୍ରାପ୍ତ ଦୋକାନୀ ବା ଏଜେନ୍ସୀ ହିଁ ଗ୍ୟାସ ବିକ୍ରି କରିପାରିବେ । ୫ ଲିଟର ଗ୍ୟାସ ସମ୍ପୂର୍ଣ୍ଣ ବନ୍ଦ। ଛାତ୍ରଛାତ୍ରୀମାନଙ୍କ ପାଇଁ ଯେଉଁମାନେ ୫ ଲିଟର ଗ୍ୟାସ୍ ବ୍ୟବହାର କରୁଛନ୍ତି ସେମାନଙ୍କ କଥା ସରକାର ଚିନ୍ତା କରୁଛନ୍ତି। ପେଟ୍ରୋଲ ଏବଂ ଡିଜେଲ କେନ୍ଦ୍ର ସରକାରଙ୍କ ଦାୟିତ୍ୱରେ ଅଛି । ଯାହା କେନ୍ଦ୍ର ସରକାର ନିଷ୍ପତ୍ତି ନେଉଛନ୍ତି ତାହାକୁ ଆମେ ମାନିବୁ । ସରକାର ଯାହା ନିଷ୍ପତ୍ତି ନେଇଛନ୍ତି ତାହା ବିଚାର କରି ନେଇଛନ୍ତି। ସହରାଞ୍ଚଳରେ ୨୫ ଦିନ ଓ ଗ୍ରାମାଞ୍ଚଳରେ ୪୫ ଦିନରେ ବୁକ୍ କରିପାରିବେ ଗ୍ୟାସ । ୫ ଲିଟର ଗ୍ୟାସ ବାହାରେ ଭର୍ତ୍ତି କରିପାରିବେନି । ଗ୍ୟାସ ଓ ପେଟ୍ରୋଲରେ କୌଣସି ସଙ୍କଟ ନାହିଁ। କଳାବଜାରୀ ଉପରେ ସମ୍ପୂର୍ଣ୍ଣ ନଜର ରଖିଛନ୍ତି ସରକାର ବୋଲି କହିଛନ୍ତି ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଯୋଗାଣ ମନ୍ତ୍ରୀ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ହିତାଧିକାରୀଙ୍କୁ ୫ କେଜି ଚାଉଳ ପରିବର୍ତ୍ତେ ୧୦ କେଜି ମିଳିବ। ତେବେ ସର୍ବମୋଟ୍ ୩ କୋଟି ୨୨ ଲକ୍ଷ ଲୋକ ଏଥିରେ ଉପକୃତ ହେବାକୁ ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୫ କେଜି ଚାଉଳ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ କେଜି ଚାଉଳ ଦେବେ। ତେବେ ଏନେଇ ମାସକୁ ୭୩୪ କୋଟି ବ୍ୟୟ ବରାଦ ହେବା ସହ ବର୍ଷକୁ ୮୮୧୩ କୋଟି ଟଙ୍କା ଖର୍ଚ୍ଚ ହେବ । ମନ୍ତ୍ରୀ ପୁଣି କହିଛନ୍ତି, ଅନ୍ୟପଟେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ୍ ଅନ୍ତର୍ଗତ ଏହି ଚାଉଳ ମିଳିବାର ଯୋଜନା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ଗରିବ ଲୋକଙ୍କ ପାଇଁ ଏହି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା କିଛି ଦିନ ମଧ୍ୟରେ ଏହାକୁ ଲାଗୁ କରାଯିବ ।

ମନ୍ତ୍ରୀ ପୁଣି କହିଛନ୍ତି, ବିରୋଧୀମାନଙ୍କର କହିବା କଥା ଆମେ ଶୁଣିବୁ, ହେଲେ ସେମାନେ କାହିଁକି କରୁ ନଥିଲେ । ଆମେ ଯାହା କଲେ ବିରୋଧୀ ଅଭିଯୋଗ କରିବେ, ହେଲେ ଆମେ ବିକାଶ କରିବୁ । ନିର୍ବାଚନକୁ ଆଖି ଆଗରେ ରଖି ଏଭଳି କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି କହିଛନ୍ତି ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ପାତ୍ର ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୫/୦୪/୨୦୨୬
୬,୩୨,୦୮୮/- ଟଙ୍କା
ସୁନା:-୦୧ଗ୍ରାମ୍୦୦୦ ମିଲିଗ୍ରାମ
ରୂପା:-୮୨ଗ୍ରାମ୍୦୦୦ ମିଲିଗ୍ରାମ

### କେସିଙ୍ଗା ରେଳଷ୍ଟେସନରୁ ୪୦ ଲକ୍ଷ ଟଙ୍କା ଜବତ ଘଟଣା

# ୧୦ ଘଣ୍ଟା ଧରି ଆୟକର ବିଭାଗର ଜେରା : ଆଜି ହାଜର ହେବାକୁ ନୋଟିସ୍

**ବଲାଙ୍ଗିର ୦୫/୦୪ ନ୍ୟୁଜ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେଲୱେ ଷ୍ଟେସନରୁ ୪୦ଲକ୍ଷ ଟଙ୍କା ଜବତ ଘଟଣାରେ ତଦନ୍ତ ଆରମ୍ଭ ହୋଇଛି । ସମ୍ବଲପୁର ସ୍ଥିତ ଆଞ୍ଚଳିକ ଆୟକର କାର୍ଯ୍ୟାଳୟରୁ ଏକ ତିନିଜଣିଆ ଅଧିକାରୀ ଦଳ ଟିଟିଲାଗଡ଼ ଆସିଛନ୍ତି। ସେମାନେ ଟିଟିଲାଗଡ଼ ଆରପିଏଫ ଥାନାକୁ ଯାଇ ଟଙ୍କା ସହ ଧରାପଡିଥିବା ପଶ୍ଚିମବଙ୍ଗର ଯୁବକ ପ୍ରଭାତ ସାମୁଏଲ, କେସିଙ୍ଗାର ବ୍ୟବସାୟୀ ଅଜୟ ସୋନୀଙ୍କୁ ଦିନତମାମ ପଚରାଉଚୁରା କରିଥିଲେ। ସକାଳ ସାଢ଼େ ୧୦ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ ଦୀର୍ଘଦଶ ଘଣ୍ଟା ଧରି ଟିକିନିକି ଯାଞ୍ଚ କରିଥିଲା। ପ୍ରଥମେ ଅଟକ ଯୁବକ ପ୍ରଭାତକୁ କିଏ, କାହିଁକି ଏବଂ କେତେ ଟଙ୍କା କାହାକୁ ଦେବାକୁ କହିଥିଲା ବୋଲି ତଥ୍ୟ ସଂଗ୍ରହ କରାଯାଇଥିଲା । ପରେ ବ୍ୟବସାୟୀ ଶ୍ରୀ ସୋନୀଙ୍କୁ ଟଙ୍କାର ଉତ୍ସ ସମ୍ପର୍କରେ ଏବଂ କାହାକୁ ପଠାଯାଉଥିବା ବୋଲି ପଚରାଉଚୁରା କରିଥିଲା । ଏହି ସମୟରେ ବ୍ୟବସାୟୀ ଶ୍ରୀ ସୋନୀଙ୍କ ସମେତ ତାଙ୍କ ଚାଟାର୍ଡ ଆକାଉଣ୍ଟାଣ୍ଟ ମଧ୍ୟ ଉପସ୍ଥିତ ଥିଲେ ।



ଶ୍ରୀ ସୋନୀଙ୍କ କାରବାର ଏବଂ ବିନା କାଗଜପତ୍ରରେ କର୍ମଚାରୀ ହାତରେ ଏତେ ଟଙ୍କା ପଠାଇବାକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ବିଗତ କିଛିଦିନ ହେଲା କ୍ରମାଗତ ଭାବରେ କେସିଙ୍ଗା-ଟିଟିଲାଗଡ଼ ଅଞ୍ଚଳରୁ ଏଭଳି ଲକ୍ଷଲକ୍ଷ ଟଙ୍କା ଜବତ ହେଉଛି । ପୂର୍ବରୁ କେବଳ ଟିଟିଲାଗଡ଼ ଷ୍ଟେସନରୁ ହିଁ ୭୦ଲକ୍ଷ ନଗଦ ଟଙ୍କା ଜବତ ହୋଇଛି । ସେଥିରେ ମଧ୍ୟ କେସିଙ୍ଗା ଲିଙ୍କ୍ ରହିଥିଲା। ତାକୁ ମଧ୍ୟ କେସିଙ୍ଗାରୁ ଅଣାଯାଇଥିଲା ଏବଂ ତା'ର ସେମିତି କୌଣସି କାଗଜପତ୍ର ନଥିବା କୁହାଯାଇଥିଲା। ଏଥିସହ ଟିଟିଲାଗଡ଼ ଜଙ୍କସନ ଦେଶର ବିଭିନ୍ନ ରାଜ୍ୟକୁ ଯୋଡୁଥିବାରୁ ଏଠାରୁ ଟିକସ ଫାଙ୍କିବାକୁ କଳାଧନର କୌଣସି ହାୱାଲା ନେଟୱାର୍କ କାମ କରୁଛି କି ବୋଲି ଏବେ ସନ୍ଦେହ ଦୃଢ଼ିଭୂତ ହେଉଛି। କାରଣ ବିଗତ ଦିନରେ ହାୱାଲା ନେଟୱର୍କ ଲିଙ୍କରରେ ବଲାଙ୍ଗିରର ନାଁ ଯୋଡ଼ି ହୋଇସାରିଛି। ତେଣୁ ଏହି ମାମଲାକୁ କେବଳ ଆୟକର ନୁହେଁ ବରଂ ପୁଲିସ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି। ସୂଚନାଯୋଗ୍ୟ ଯେ, ଶନିବାର ସଂଧ୍ୟାରେ କେସିଙ୍ଗା ରେଲୱେ ଷ୍ଟେସନରୁ ୪୦ ଲକ୍ଷ ଟଙ୍କା ଜବତ ହୋଇଛି। ଟିଟିଲାଗଡ ରେଲୱେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଟଙ୍କା ନେଉଥିବା ପଶ୍ଚିମବଙ୍ଗର ପ୍ରଭାତ ସାମୁଏଲ ନାମକ ଜଣେ ଯୁବକଙ୍କୁ ଅଟକ ରଖିଛି । ଯୁବକ ଜଣଙ୍କ କେସିଙ୍ଗା ଅଞ୍ଚଳର ଜଣେ ବ୍ୟବସାୟୀ ଅଜୟ ସୋନୀ ଠାରୁ ଏହି ଟଙ୍କା ନେଇ ରାୟପୁର ଯାଉଥିବା କହିଥିଲେ। ଯାହାପରେ ବ୍ୟବସାୟୀ ଶ୍ରୀ ସୋନୀ ମଧ୍ୟ ତଦନ୍ତ ସ୍ଥାନରକୁ ଆସିଛନ୍ତି।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ଡେ଼ବ୍ରିଗଡ଼ ଅଭୟାରଣ୍ୟ : ଯୋଗାଉଛି ୬ କୋଟି ରାଜସ୍ୱ

**ବରଗଡ଼,୦୫/୦୪ ନ୍ୟୁଜ ବ୍ୟୁରୋ**

ଇକୋ ଟୁରିଜମ କ୍ଷେତ୍ରରେ ଅତି କମ୍ ସମୟ ଭିତରେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଥିବା ବରଗଡ଼ ଜିଲ୍ଲାର ଡେ଼ବ୍ରିଗଡ଼ ଅଭୟାରଣ୍ୟ ଏବେ ସରକାରୀ ତହବିଲକୁ ମଧ୍ୟ ରାଜସ୍ୱ ଜୁଟାଇବାରେ ପୂର୍ଣ୍ଣମାତ୍ରାରେ ସକ୍ଷମ ହୋଇପାରିଛି। ପର୍ଯ୍ୟଟକଙ୍କ ଆଗମନ କ୍ଷେତ୍ରରେ ନିଜର ପୂର୍ବ ରେକର୍ଡକୁ ଭାଙ୍ଗି ଦେଇଥିବା ଡେ଼ବ୍ରିଗଡ଼ ଇକୋଟୁରିଜିମ୍ ୨୦୨୫-୨୬ ଆର୍ଥିକ ବର୍ଷରେ ୧.୪ ଲକ୍ଷ ପର୍ଯ୍ୟଟକଙ୍କୁ ଉପଭୋଗ କରିବାର ସୁବିଧା ପହଞ୍ଚାଇଥିବା ବେଳେ ରେକର୍ଡ ଯୁକ୍ତ ୬.୦୨ କୋଟି ଟଙ୍କାର ରାଜସ୍ୱ ଅର୍ଜନ କରି ସରକାରୀ ତହବିଲକୁ ପରିପୃଷ୍ଟ କରିପାରିଛି । ଯେଉଥିରୁ ୫୦% ପର୍ଯ୍ୟଟକ ଓଡ଼ିଶାରୁ ଆସିଥିବା ବେଳେ ବାକି ୫୦% ଭାରତର ଅନ୍ୟାନ୍ୟ ରାଜ୍ୟ ସମେତ ଇଟାଲି, ଫ୍ରାନ୍ସ, ଆମେରିକା, ୟୁକେ, କାନାଡା, ୱେଷ୍ଟଇଣ୍ଡିଜ୍, ଜର୍ମାନୀ, ଫିନଲ୍ୟାଣ୍ଡ, ଆୟରଲ୍ୟାଣ୍ଡ, ସ୍ପେନ୍, ବ୍ରାଜିଲ୍ ଭଳି ବିଦେଶ ମାଟିରୁ ଆସିଥିବା ହୀରାକୁଦ ବନ୍ୟପ୍ରାଣୀ ଡ଼ିଭିଜନର ଡ଼ିଏଫଓ ଅଂଶୁପ୍ରଜ୍ଞାନ ଦାସଙ୍କଠାରୁ ସୂଚନା ମିଳିଛି। ୨୦୨୪-୨୫ରେ ଡେବ୍ରିଗଡ଼ ଇକୋଟୁରିଜିମକୁ ୮୫ ହଜାର ପର୍ଯ୍ୟଟକ ଆସିଥିବା ବେଳେ ସେମାନଙ୍କଠାରୁ ୫.୦୧ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ୨୦୨୪-୨୫ ମଧ୍ୟରେ ଏଠି କାଚଛାତ ସହିତ ଷ୍ଟାରଗେଜିଂ ରୁମ୍, ଆଇଲ୍ୟାଣ୍ଡ କାଫେ, ବନ୍ୟପ୍ରାଣୀ ପାଠାଗାର ଇତ୍ୟାଦି ଡେବ୍ରିଗଡ଼ ଇକୋଟୁରିଜିମରେ ନୂତନ ଯୋଡି ହୋଇଥିବା ବେଳେ ଏଥର ୨୦୨୫-୨୬ରେ ଓଡ଼ିଶାର ପ୍ରଥମ ପ୍ରକୃତି ହୋମ୍‌ଷ୍ଟେ ଢୁରରୁକୁସୁମ୍ ହୋମଷ୍ଟେ ନୂତନ ଭାବରେ ଏବଂ ଏକ ଅନନ୍ୟ ୨ କିମି ପକ୍ଷୀ ଦର୍ଶନ ପଥ ଯୋଡ଼ି ହେଲା ପରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ଭାରତରେ ଏକ ଲୋକପ୍ରିୟ ବନ୍ୟପ୍ରାଣୀ ଗନ୍ତବ୍ୟସ୍ଥଳ ଭାବରେ ଡେବ୍ରିଗଡ଼କୁ ବିକଶିତ କରାଯାଇଥିବା ବେଳେ ଏଠି ଆଶ୍ରୟରେ ଥିବା ଭାରତୀୟ ବାଇସନ (ଗୌର), ଚିତାବାଘ, ବନ୍ୟ କୁକୁର, ସମ୍ବର, ଚିତଲ, ଆଳସ୍ୟ ଭାଲୁ, ବନ୍ୟ ଘୁଷୁରୀ, ମୟୂର ଏବଂ ବିଭିନ୍ନ ପ୍ରକାରର ଦେଶୀ ବିଦେଶୀ ଜଳଚର ଓ ସ୍ଥଳଚର ପକ୍ଷୀମାନଙ୍କର ଉପସ୍ଥିତି ଜନାକର୍ଷଣର କାରଣ ପାଲଟିଯାଇଛି। ଡେବ୍ରିଗଡ଼ରେ ଶାନ୍ତ ଭୂଦୃଶ୍ୟ ମଧ୍ୟରେ ଅବସ୍ଥିତ ଢୁରରୁକୁସୁମ୍ ହୋମଷ୍ଟେ ବନ୍ୟର ଧାରରେ ଜୀବନକୁ ଅନୁଭବ କରିବାର ଏକ



ବିରଳ ସୁଯୋଗ ପ୍ରଦାନ କରେ । ଆରାମ ଏବଂ ସତ୍ୟତାକୁ ମିଶ୍ରଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ହୋମଷ୍ଟେଗୁଡ଼ିକ ପରିଦର୍ଶକମାନଙ୍କୁ ପ୍ରକୃତିର ନିକଟତର କରିଥାଏ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ସମର୍ଥନ କରିଥାଏ । ଏହା କେବଳ ଘରୋଇ ପର୍ଯ୍ୟଟକଙ୍କୁ ନୁହେଁ ବରଂ ବିଦେଶୀ ପରିଦର୍ଶକଙ୍କୁ ମଧ୍ୟ ଆକର୍ଷିତ କରିଥାଏ । ପ୍ରେରଣାଦାୟକ ଢୁରରୁକୁସୁମ ସବୁଜ ଗ୍ରାମ ମଧ୍ୟରେ ଅବସ୍ଥିତ, ଏହି ପଦକ୍ଷେପ ସ୍ଥାୟୀ ଜୀବନଯାପନ, ସ୍ୱଚ୍ଛ ପରିବେଶ, ପରିବେଶ ଅନୁକୂଳ ଅଭ୍ୟାସ ଏବଂ ପ୍ରକୃତି ସହିତ ଏକ ଗଭୀର ସମନ୍ୱୟର ଏକ ସମ୍ପ୍ରଦାୟ- ନେତୃତ୍ୱାଧୀନ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ । କେବଳ ଏକ ରହଣି ଅପେକ୍ଷା, ଢୁରରୁକୁସୁମ ଏକ ଅଭିଜ୍ଞତା ପ୍ରଦାନ କରୁଥିବାରୁ ଡେ଼ବ୍ରିଗଡ଼ ପ୍ରକୃତିପ୍ରେମୀଙ୍କ ପ୍ରଥମ ପସନ୍ଦ ପାଲଟିଯାଇଛି । ସେହିଭଳି ଦୁଇ କିଲୋମିଟର ଲମ୍ବା ଡେବ୍ରିଗଡ଼ ବନାଞ୍ଚଳ ପକ୍ଷୀ ଉତ୍ସାହୀ ଏବଂ ପ୍ରକୃତି ପ୍ରେମୀଙ୍କ ପାଇଁ ଏକ ସମୃଦ୍ଧ ଏବଂ ନିମଜ୍ଜିତ ଅଭିଜ୍ଞତା ପ୍ରଦାନ କରେ। ଜଙ୍ଗଲ ଧାରରୁ ଘାସ ଭୂମି ଏବଂ ଆର୍ଦ୍ରଭୂମି କୂଳ ପର୍ଯ୍ୟନ୍ତ ବିବିଧ ବାସ ସ୍ଥାନରେ ଡିଜାଇନ୍ କରାଯାଇଛି । ଏହି ପଥ ପରିଦର୍ଶକମାନଙ୍କୁ କେବଳ ପ୍ରତ୍ୟକ୍ଷ ଦର୍ଶନ ମାଧ୍ୟମରେ ନୁହେଁ ବରଂ ସେମାନଙ୍କର ସ୍ୱଷ୍ଟ ଡାକ ଏବଂ ଗୀତ ସହ ପକ୍ଷୀମାନଙ୍କୁ ଚିହ୍ନଟ କରିବାକୁ ସହାୟକ ହୋଇପାରୁଛି । ଡେବ୍ରିଗଡ଼ରେ ରାତି ରହଣି ପାଇଁ ୨୫ଟି କୋଠରି ରହିଛି। ଯେଉଁଥିରେ କାଚ ଛାତ ଥିବା ୬ଟି ଷ୍ଟାରଗେଜିଂ ରୁମ୍, ୫ଟି ଫରେଷ୍ଟ ହୋମଷ୍ଟେ, ସବୁଜ ଗ୍ରାମ ଢୁରରୁକୁସୁମ୍ ହୋମଷ୍ଟେ ଅନ୍ତର୍ଭୁକ୍ତ ରହିଛି । ସେହିଭଳି ଜଙ୍ଗଲ ସଫାରୀ ଏବଂ ଇକୋଗାଇଡ୍ ସହିତ ବନ୍ୟପ୍ରାଣୀ ସଫାରୀ ଆକର୍ଷଣ ଥିବା ବେଳେ ହାତପାହାନ୍ତରେ ଥିବା ହୀରାକୁଦ ଜଳଭଣ୍ଡାରରେ କ୍ରୁଜ୍ ସାହାଯ୍ୟରେ ଜଳ ବିହାର ଆଡ଼ଭାଞ୍ଚରୀୟସ ସ୍ପୋର୍ଟସ ସୁଯୋଗ ସୃଷ୍ଟିକରିଛି । ପୁଣି କେଇ କିଲୋମିଟର ଦୂରତା ଭିତରେ ଥିବା ବେଟ୍ ଦ୍ୱୀପ, ପଶୁପକ୍ଷୀ ଦ୍ୱୀପ ଏବଂ ସୂର୍ଯ୍ୟାସ୍ତ ଦ୍ୱୀପକୁ ବୋଟ୍ ସାହାଯ୍ୟରେ ପରିଦର୍ଶନର ସୁବିଧା ରହିଛି । ସେହିକ୍ରମରେ ପର୍ଯ୍ୟଟକଙ୍କ ପସନ୍ଦ ପାଲଟିଯାଇଛି ଦ୍ୱୀପ କାଫେ। ଡେବ୍ରିଗଡ଼ ଅଭୟାରଣ୍ୟର ପୃଷ୍ଠଭୂମିରେ ହୀରାକୁଦ ଜଳଭଣ୍ଡାରରେ ଥିବା ଦ୍ୱୀପ କାଫେ ପ୍ରକୃତିର କୋଳରେ ଏକ ପ୍ରକୃତ ଅନନ୍ୟ ଅଭିଜ୍ଞତା ପ୍ରଦାନ କରେ । ହାଇକିଂ, ଟ୍ରେଲ୍ସ, ଟ୍ରେକିଂ ଏବଂ କ୍ୟାମ୍ପିଂ ସହିତ ଟ୍ରେକିଂ, କାୟାକିଂ ଅନ୍ୟତମ ଆକର୍ଷଣ ରହିଥିବା ବେଳେ ଚାରିପାଖରେ ଥିବା ବନ୍ୟପ୍ରାଣୀ ପାଠାଗାର, ଗୋବିନ୍ଦପୁର ପକ୍ଷୀ ଗ୍ରାମ, ବାରବାଖରା ଗୁମ୍ଫା ଏବଂ ବୀର ସୁରେନ୍ଦ୍ର ସାଏ ସ୍ମାରକୀ ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଛି । ଏହା ସହ ସାଇକ୍ଲିଂ, ବନ୍ୟପ୍ରାଣୀ ଫଟୋଗ୍ରାଫି ପର୍ଯ୍ୟଟନ, ପକ୍ଷୀପଥ, ସ୍ମାରକୀ ଦୋକାନ, ଷ୍ଟୋରୀ ଟେଲିଂ ଅଧିବେଶନ ସାମିଲ ଥିବା ବେଳେ ଡେବ୍ରିଗଡ଼ ଇକୋଟୁରିଜିମ୍ ଭିତରେ ଥିବା ଜିରୋପଏଣ୍ଟ, ନେଚର କ୍ୟାମ୍ପ, ଆଇଲ୍ୟାଣ୍ଡ କାଫେ, ଗୋବିନ୍ଦପୁର ଏବଂ ବାରବଖରାରେ ଥିବା କାଫେ ଓ ଡାଇନିଂ, ୫୦୦ ଆସନ କ୍ଷମତା ବିଶିଷ୍ଟ ଆରାମଦାୟକ ଉପଲବ୍ଧ ଅଛି । ଡେବ୍ରିଗଡ଼ରେ ଇକୋଟୁରିଜିମ୍ ସଂରକ୍ଷଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଏକ ଶକ୍ତିଶାଳୀ ସେତୁ ଭାବରେ ଉଭା ହୋଇଛି । ଜଙ୍ଗଲ-ନିର୍ଭର ସମ୍ପ୍ରଦାୟ ପାଇଁ ଏହା ପ୍ରାକୃତିକ ସମ୍ପଦ ଉପରେ ଚାପ ହ୍ରାସ କରିବା ସହିତ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରୁଛି। ବିଭିନ୍ନ ଗ୍ରାମର ପ୍ରାୟ ୧୨୦ ପରିବାର ବର୍ତ୍ତମାନ ପ୍ରକୃତି ଗାଇଡ୍, ସଫାରୀ ଡ୍ରାଇଭର, ଡଙ୍ଗା ପରିଚାଳକ, ହୋମଷ୍ଟେ ହୋଷ୍ଟ ଏବଂ ପରିବେଶ ଅନୁକୂଳ ସୁବିଧାରେ କର୍ମଚାରୀ ଭାବେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି । ଢୁରରୁକୁସୁମ୍ ହୋମଷ୍ଟେ, ପକ୍ଷୀ ଟ୍ରେଲ୍ ଏବଂ ଆଇଲ୍ୟାଣ୍ଡ କାଫେ ଭଳି ପଦକ୍ଷେପ ସମ୍ପ୍ରଦାୟ ମଧ୍ୟରେ ଆୟ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗିତା ପାଇଁ ନୂତନ ରାସ୍ତା ଖୋଲିଛି । ମହିଳା ଏବଂ ଯୁବପିଢ଼ି, ବିଶେଷକରି ଘର ପାଖରେ ଅର୍ଥପୂର୍ଣ୍ଣ ନିଯୁକ୍ତି ପାଉଛନ୍ତି, ଯାହା ଆର୍ଥିକ ସ୍ଥିରତା ଏବଂ ସାମାଜିକ ସଶକ୍ତିକରଣ ଉଭୟକୁ ସୁଦୃଢ଼ କରିଛି । ୪୦ ପ୍ରତିଶତ ମହିଳା ସଫାରୀ ଡ୍ରାଇଭର, ଇକୋ ଗାଇଡ୍ ଏବଂ କର୍ମଚାରୀ ଭାବେ କାମ କରୁଥିବା ବେଳେ ହୋମଷ୍ଟେ ଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଆଦିବାସୀ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ଇକୋଟୁରିଜିମରୁ ଜୀବିକା ପାଉଥିବାରୁ, ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ସେମାନଙ୍କ ପ୍ରାଥମିକ କାର୍ଯ୍ୟ ପାଲଟିଯାଇଛି । ପ୍ରତ୍ୟେକ ପରିବାର ବୀମା କଭରେଜ ସହିତ ପ୍ରତି ମାସରେ ୧୦ ହଜାରରୁ ୧୫ ହଜାର ରୋଜଗାର କରୁଛନ୍ତି । ସମସ୍ତ ରାଜସ୍ୱର ୩୫ ପ୍ରତିଶତ ଦରମା ପାଇଁ, ୨୫ ପ୍ରତିଶତ ପୁନରାବୃତ୍ତି ଖର୍ଚ୍ଚ ପାଇଁ, ୧୦ ପ୍ରତିଶତ ଭିତ୍ତିଭୂମି ବିକାଶ ପାଇଁ, ୧୦ ପ୍ରତିଶତ ଗ୍ରାମ ବିକାଶ ପାଇଁ ଏବଂ ୨୦ ପ୍ରତିଶତ କର୍ମଚାରୀଙ୍କ ତାଲିମ ଏବଂ ଦକ୍ଷତା ବୃଦ୍ଧି ପାଇଁ ବନ୍ୟପ୍ରାଣୀ ମୁଖ୍ୟାଳୟ ଦ୍ୱାରା ଖର୍ଚ୍ଚ କରାଯାଉଛି ।